DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୩/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 23/2023 Page 16 ₹ 7.00 | BALASORE
୪୯ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 299 ମୂଲ୍ୟ₹୭/-



## ଶାମିଙ୍କୁ ୫ ଉଇକେଟ ସଫଳତା

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ବୋଲର ମହମ୍ମଦ ଶାମିଙ୍କୁ ୫ ଉଇକେଟ ସଫଳତା ମିଳିଛି।

୧୬

୧୪

## ସଞ୍ଜୟଙ୍କ ପୁଅ ଭୂମିକାରେ ଟାଇଗର

ଫିରୋଜ ଏ ନାଡ଼ିଆଡୱାଲା ନିର୍ଦ୍ଦେଶିତ ଫିଲ୍ମ 'ମାଷ୍ଟର ବ୍ଲାଷ୍ଟର'ରେ ୨ ଭିନ୍ନ ପିଢ଼ିର ଆକ୍ସନ ହିରୋ ସଞ୍ଜୟ ଦତ୍ତ ଏବଂ ଟାଇଗର ଶ୍ରଫଙ୍କୁ ବାପା-ପୁଅ ଯୋଡ଼ିରେ ଦେଖିବାକୁ ମିଳିବ।



# ୫୦୦ ସିମ୍‌ରୁ ଓଟିପି ପଠାଇଛନ୍ତି ଇକ୍‌ବାଲ

### ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଓଟିପି ଶେୟାରିଂ ଘଟଣା

- ଓଡ଼ିଶାରେ ପହଞ୍ଚିବା ପରେ ଜେଲ ଗଲେ
- ନଦୀକୁ ଫିଙ୍ଗି ଦେଉଥିଲେ ମୋବାଇଲ, ସିମ୍

ଭୁବନେଶ୍ୱର,୨୨।୯ (ସତ୍ୟଜିତ୍ ରାଉତ)

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଆସାମରୁ ଗିରଫ କରିଥିବା ମହମ୍ମଦ ଇକ୍‌ବାଲ ହୁସେନ ଶୁକ୍ରବାର ଜେଲ ଯାଇଛନ୍ତି। ତାଙ୍କୁ ପଚରାଉଚରାବେଳେ ଏସ୍‌ଟିଏଫ୍ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଇକ୍‌ବାଲ ଆପରାଧିକ ଉଦ୍ଦେଶ୍ୟରେ ଓଟିପି ପଠାଇବା ପାଇଁ ୩୭ଟି ମୋବାଇଲ ଓ ୫୦୦ ସିମ୍ ବ୍ୟବହାର କରିଛନ୍ତି। ଏପରି କି ପ୍ରମାଣ ନଷ୍ଟ ପାଇଁ ସେ ଉକ୍ତ ମୋବାଇଲ୍ ଓ ସିମ୍‌କୁ ନଦୀକୁ ଫିଙ୍ଗି ନଷ୍ଟ କରିଦେଉଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଇକ୍‌ବାଲଙ୍କ ଘର ଆସାମର ନାଗାଁଓ ଜିଲା ଜାଜୋରି ଥାନା ଅନ୍ତର୍ଗତ ଗାଣ୍ଡୁଆ ପଥର ଗାଁରେ ହୋଇଥିବାବେଳେ ସେ ପାକିସ୍ତାନୀ ଇଣ୍ଟେଲିଜେନ୍‌ସ ଅଫିସର ଅବ୍‌ଦୁଲ ହମିଦ ଓରଫ ଖୁରାମ୍ ସହ ଲିଙ୍କ୍‌ରେ ରହି ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଥିବା ସହଯୋଗୀଙ୍କ ସହ ମିଶି ଏହି ଦେଶଦ୍ରୋହୀ କାର୍ଯ୍ୟରେ ଲିପ୍ତ ଥିଲେ। ଏପରିକି ଅଭିଯୁକ୍ତ ଇକ୍‌ବାଲ ବହୁତ ହ୍ୱାଟ୍‌ସଆପ୍ ଆକାଉଣ୍ଟ୍, ଟେଲିଗ୍ରାମ୍ ଆକାଉଣ୍ଟ ଓ ବେନାମୀ ବା ମୁଲ୍ ଆକାଉଣ୍ଟକୁ ହମିଦ୍‌ଙ୍କୁ ଦେଇଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ଓଡ଼ିଶାର ପଠାଣି ସାମନ୍ତଙ୍କ ସହ ଅନ୍ୟକେତେଜଣ ସହଯୋଗୀ ଗିରଫ ହେବା ଜାଣିବା ପରେ ସେ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ କରି ଲୁଚି ରହିଥିଲେ। ଇକ୍‌ବାଲ୍ ଏହି ଆପରାଧିକ କାର୍ଯ୍ୟକଳାପରେ ଗତ ☞ପୃଷ୍ଠା-୪



ମହମ୍ମଦ ଇକ୍‌ବାଲ ହୁସେନ

**ଆଜିର ସମ୍ପାଦକୀୟ** ପୁନର୍ଗଠନ ଚିନ୍ତା

# ୨୮ ହଜାର କୋଟିର ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୨।୯(ଅନିଲ ଦାସ)

୨୦୨୩-୨୪ ଆର୍ଥିକବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ୨୮ ହଜାର ୨୦୦କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହୋଇଛି। ବିଧାନସଭା ଅଧିବେଶନର ପ୍ରଥମ ଦିବସରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହର ଅନୁମୋଦନ ପାଇଁ ଏହି ଅତିରିକ୍ତ ବଜେଟ ଆଗତ କରିଛନ୍ତି। ନିର୍ବାଚନକୁ ଆଉ କିଛି ମାସ ରହିଥିବା ବେଳେ ରାଜ୍ୟ ସରକାର ଏହି ବଜେଟରେ ଗ୍ରାମାଞ୍ଚଳ ଉପରେ ଅଧିକ ଫୋକସ କରିଛନ୍ତି। ବିଶେଷକରି ଗ୍ରାମାଞ୍ଚଳ ପରିବହନ, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମାଞ୍ଚଳରେ ଉଦ୍ୟୋଗୀ ସୃଷ୍ଟି, କ୍ରୀଡ଼ା, ଦକ୍ଷତା ବିକାଶ ଆଦି ଉପରେ ଗୁରୁତ୍ୱ ଦେଇଛନ୍ତି।

୨୦୨୩-୨୪ ଆର୍ଥିକବର୍ଷର ମୂଳ ବଜେଟ ୨.୩୦ଲକ୍ଷ କୋଟି ଟଙ୍କା ଥିବାବେଳେ ଏହାର ପ୍ରାୟ ୧୨.୨୬ ପ୍ରତିଶତ ଅର୍ଥାତ୍ ୨୮ ହଜାର ୨୦୦କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟବସ୍ଥା ହୋଇଛି। ଏଥିସହିତ ଚଳିତ ଆର୍ଥିକବର୍ଷର ବଜେଟ ଆକାର ୨ ଲକ୍ଷ ୫୮ହଜାର ୨୦୦କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅତିରିକ୍ତ ବଜେଟରେ ପଞ୍ଚାୟତିରାଜ ବିଭାଗ ପାଇଁ ୪୦୮୩କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମହିଳା ଏସ୍‌ଏଚ୍‌ଜି ଓ ବ୍ଲକସ୍ତରୀୟ ମିଶନ ଶକ୍ତି ଫେଡେରେଶନ ପାଇଁ ୭୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବଜେଟରେ ୨୮୬୪କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ବାବଦରେ ବ୍ୟୟବରାଦ କରାଯାଇଥିବାବେଳେ ୨୦ ହଜାର ୧୦୦କୋଟି ଟଙ୍କା କାର୍ଯ୍ୟକ୍ରମ ଖର୍ଚ୍ଚବାବଦ, ୪୬୬୪କୋଟି ଟଙ୍କା ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଓ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ଓ ପୌର ସଂସ୍ଥାକୁ ହସ୍ତାନ୍ତର ବାବଦରେ ୫୭୨କୋଟି ଟଙ୍କା ରଖାଯାଇଛି।

ବଜେଟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପାଇଁ ୧୩୦୨କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 'ଲକ୍ଷ୍ମୀ' ଯୋଜନାରେ ୫୫୬କୋଟି, 'ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ' ଯୋଜନା ପାଇଁ ୧୧୦କୋଟି, ଓଡ଼ିଶା ମେଟ୍ରୋ ରେଳ ପରିବହନ ପାଇଁ ୨୧୦କୋଟି, ସହରୀ ଭିତ୍ତିଭୂମି ବିକାଶ ପାଣ୍ଠି ପାଇଁ ୧୦୦ କୋଟି, ବ୍ଲକସ୍ତରରେ ବସ୍ ଷ୍ଟାଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୧୪କୋଟି, ପଞ୍ଚାୟତିରାଜ ସଂସ୍ଥା ମାଧ୍ୟମରେ ସ୍କୁଲଗୁଡ଼ିକର ☞ପୃଷ୍ଠା-୪



ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଅତିରିକ୍ତ ବଜେଟ ୨୦୨୩-୨୪ ସମ୍ବଳିତ ବଜେଟ ପୁସ୍ତିକା ଏବଂ ପେନ୍ ଡ୍ରାଇଭ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ବିଧାନସଭା ପ୍ରକୋଷ୍ଠରେ ପ୍ରଦାନ କରୁଛନ୍ତି।

### ଗାଁ ଉପରେ ନଜର

- ନବୀନ ଓଡ଼ିଶା ପାଇଁ ୧୩୦୨କୋଟି
- ଲକ୍ଷ୍ମୀ ଲାଗି ୫୫୬ କୋଟି
- ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନାକୁ ୧୧୦କୋଟି
- ମେଟ୍ରୋ ରେଳ- ୨୧୦କୋଟି
- ଏମ୍‌ଏସ୍‌ଏମ୍‌ଇ-୩୨୦୫ କୋଟି
- ମହିଳା ଏସ୍‌ଏଚ୍‌ଜି, ମିଶନ ଶକ୍ତି ଫେଡେରେଶନକୁ ୭୦୦ କୋଟି






**ଇଭିଏମ୍ ସୋର୍ସ କୋଡ୍‌ର ଅଡିଟ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ସୋର୍ସ କୋଡ୍‌ର ନିରପେକ୍ଷ ଅଡିଟ୍ ପାଇଁ ଦାଏର ଜନସ୍ୱାର୍ଥ ମାମଲା(ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ନିର୍ବାଚନ କମିଶନ ସାମ୍ବିଧାନିକ ନିର୍ଦ୍ଦେଶର ଅବମାନନା କରିଥିବାର କୌଣସି ସୂଚନା ନାହିଁ ଏହା ନୀତିଗତ ପ୍ରସଙ୍ଗ ହୋଇଥିବାରୁ ଅଦାଲତ ଏଥିରେ ହସ୍ତକ୍ଷେପ କରିବେନି ବୋଲି କହିବା ସହ ପିଆଇଏଲ୍‌କୁ ଖାରଜ କରିଦେଇଛନ୍ତି।

## ସଂକ୍ଷେପରେ

### ରୁଷିଆ ନୌସେନା ଘାଟିରେ ୟୁକ୍ରେନ୍‌ର କ୍ଷେପଣାସ୍ତ୍ର ମାଡ଼

**ମସ୍କୋ,୨୨।୯:** କ୍ରିମିଆର ସେଭାଷ୍ଟୋପୋଲ୍ ବନ୍ଦରରେ ଥିବା ରୁଷିଆର କୃଷ୍ଣସାଗର ନୌସେନା ଘାଟିରେ ଶୁକ୍ରବାର ୟୁକ୍ରେନ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଜଣେ ରୁଷିଆ ସୈନ୍ୟ ନିହତ ହୋଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନୌସେନା ମୁଖ୍ୟାଳୟ ଅବସ୍ଥିତ ଥିବା ଉକ୍ତ ସିଟି ସେଣ୍ଟରକୁ ନ ଯିବା ଲାଗି ଜନସାଧାରଣଙ୍କୁ ନିବେଦନ କରାଯାଇଛି। ୟୁକ୍ରେନ୍‌ର ୫ କ୍ଷେପଣାସ୍ତ୍ରକୁ ରୁଷିଆର ଏୟାର ଡିଫେନ୍ସ ସିଷ୍ଟମ ଖସାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

### ଆଲୁମିନିୟମ କାରଖାନାରେ ବିସ୍ଫୋରଣ: ୨ ମୃତ

**ହଜାରିବାଗ,୨୨।୯:** ଝାଡ଼ଖଣ୍ଡର ହଜାରିବାଗ ଜିଲାରେ ଥିବା ଏକ ଆଲୁମିନିୟମ କାରଖାନାର ବଏଲରରେ ଶୁକ୍ରବାର ବିସ୍ଫୋରଣ ଘଟି ୨ ଜଣଙ୍କ ଜୀବନ ଯାଇଛି। ଅପରାହ୍ନ ୧ଟା ପରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏହାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏହାର ତଦନ୍ତ ଚାଲିଥିବା ଏସ୍‌ପି ମନୋଜ ରତନ ଚୋଥେ କହିଛନ୍ତି। ପୋଲିସ ଫ୍ୟାକ୍ଟ୍ରି ମାଲିକଙ୍କ ନାଁରେ ମାମଲା ରୁଜୁ କରିଛି। ମୃତକ ରଞ୍ଜିତ୍ ଠାକୁର ଏବଂ ସୁଖଦେଓ ସାଓଙ୍କ ଘର ବିହାରର ଗୟା ଜିଲାରେ।

### ୨୫ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ

**ନୂଆଦିଲ୍ଲୀ,୨୨।୯(ପି.ଟି.):** ଉତ୍ତର-ପଶ୍ଚିମ ଭାରତରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶୁକ୍ରବାର କୁହାଯାଇଛି। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧ରେ କେରଳ ଛୁଇଁବା ପରେ ଜୁଲାଇ ୮ ସୁଦ୍ଧା ସାରା ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହାର ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଫେରିଯାଇଥାଏ। ଆସନ୍ତା ୫ ଦିନ ଉତ୍ତରପଶ୍ଚିମ ଏବଂ ପଶ୍ଚିମ-କେନ୍ଦ୍ରୀୟ ଭାରତର ପାଖାପାଖି ଅଞ୍ଚଳରେ କମ୍ ବର୍ଷା ହେବା ଆଶା କରାଯାଉଛି। ତେଣୁ ପଶ୍ଚିମ ରାଜସ୍ଥାନରୁ ସେପ୍ଟେମ୍ବର ୨୫ ସୁଦ୍ଧା ମୌସୁମୀ ପ୍ରତ୍ୟାବର୍ତ୍ତନ ଲାଗି ଅନୁକୂଳ ସ୍ଥିତି ସୃଷ୍ଟି ହୋଇଥିବା ଆଇଏମ୍‌ଡି କହିଛି। ମୌସୁମୀ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ହେଲେ ବର୍ଷାଋତୁ ଅଧିକ ଲମ୍ବା ହୋଇଥାଏ। ଦୀର୍ଘଦିନ ବର୍ଷା ଋତୁ ଲାଗିରହିଲେ କୃଷି ଉତ୍ପାଦନ ପ୍ରଭାବିତ ହେବା ସହ ଉତ୍ତରପଶ୍ଚିମ ଭାରତରେ ରବି ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ। ମୌସୁମୀ ଋତୁରେ ସ୍ୱାଭାବିକ ଭାବେ ୮୩୨.୪ ମିଲିମିଟର ବର୍ଷା ହେଉଥିବାବେଳେ ଚଳିତ ଥର ଏପର୍ଯ୍ୟନ୍ତ ୭୮୦.୩ ପ୍ରତିଶତ ବୃଷ୍ଟିପାତ ହୋଇଛି।

### ବନ୍ଦେ ଭାରତ ରୁଟ୍ ପାର୍ଶ୍ୱରେ ବାଡ଼ ହେବ

**ଚେନ୍ନାଇ,୨୨।୯:** ଆଗାମୀ ଦିନରେ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ପାଇଁ ରେଲ୍‌ୱେ ଯୋଜନା କରୁଛି। ଘଣ୍ଟାପ୍ରତି ୧୬୦ କିଲୋମିଟର ବେଗରେ ଯିବାକୁ ଥିବା ଏହି ଟ୍ରେନ୍‌ଠାରୁ ଲୋକ ଓ ଗୋରୁଗାଈଙ୍କୁ ବାହାରେ ରଖିବା ଲାଗି ରୁଟ୍‌ଗୁଡ଼ିକୁ ବାଡ଼ବନ୍ଦୀ କରିବା ପାଇଁ ରେଲୱେ ଉଦ୍ୟମ ଆରମ୍ଭ କରିଛି। ବାଡ଼ କରିବା ପାଇଁ କିଲୋମିଟର ପ୍ରତି ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ‘ମୁସଲମାନ ଆତଙ୍କବାଦୀ’ କହିଲେ ବିଧୁରୀ

## ଲୋକ ସଭାରେ ଦାନିସ ଅଲୀଙ୍କ ପ୍ରତି ଭାଜପା ସଦସ୍ୟଙ୍କ ଘୃଣା ମନ୍ତବ୍ୟ



### ବିଧୁରୀଙ୍କୁ ନିଲମ୍ବନ ନ କଲେ ଗୃହ ଛାଡ଼ିବି



ପୂର୍ବରୁ ପାର୍ଲାମେଣ୍ଟ ବାହାରେ ଘୃଣା ମନ୍ତବ୍ୟ ଦିଆଯାଉଥିଲା। ଏବେ ଗୃହ ଭିତରେ ଦିଆଗଲାଣି। ଭାଜପା ଏମ୍‌ପି ରମେଶ ବିଧୁରୀ ସାରା ଦେଶକୁ ଲଜ୍ଜିତ କରିଛନ୍ତି। ତାଙ୍କୁ ନିଲମ୍ବନ କରାଯାଉ। ରୁଲ୍ ୨୨୭ ବଳରେ ଆପତ୍ତିଜନକ ଭାଷାକୁ ଗୃହର ସ୍ୱାଧିକାର କମିଟିକୁ ତଦନ୍ତ ପାଇଁ ପଠାଯାଉ। ବିଧୁରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ପତ୍ର ଲେଖିଛି। କାର୍ଯ୍ୟାନୁଷ୍ଠାନ ନ ହେଲେ ମୁଁ ଗୃହର ସଦସ୍ୟତା ତ୍ୟାଗ କରିବି। ଘୃଣା ମନ୍ତବ୍ୟ ଶୁଣିବା ପାଇଁ ଲୋକେ ମୋତେ ନିର୍ବାଚିତ କରିନାହାନ୍ତି। ବିଧୁରୀ ଏପରି କହିବାବେଳେ ମୋଦି ସରକାରଙ୍କ ଦୁଇଜଣ ପୂର୍ବତନ ମନ୍ତ୍ରୀ ହର୍ଷବର୍ଦ୍ଧନ ଓ ରବିଶଙ୍କର ପ୍ରସାଦ ହସୁଥିଲେ। ନୂଆ ସଂସଦ ଭବନର ପ୍ରଥମ ଅଧିବେଶନରେ ଭାଜପାର ଏପରି ବ୍ୟବହାରକୁ ଲୋକେ ଦେଖିଛନ୍ତି।

**-ଦାନିସ ଅଲୀ, ବିଏସ୍‌ପି ଏମ୍‌ପି**

### ଗିରଫ ଦାବି କଲେ ବିରୋଧୀ

**ନୂଆଦିଲ୍ଲୀ,୨୨।୯**

ସଂସଦ ସ୍ୱତନ୍ତ୍ର ଅଧିବେଶନରେ ଭାଜପାର ଲୋକ ସଭା ସଦସ୍ୟ ରମେଶ ବିଧୁରୀ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି କୁଅଁର ଦାନିସ ଅଲୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି। ନିମ୍ନ ସଦନରେ ଚନ୍ଦ୍ରୟାନ-୩ ମିଶନର ସଫଳତା ଉପରେ ଗୁରୁବାର ରାତିରେ ଆଲୋଚନା ଚାଲିଥିବାବେଳେ ଦକ୍ଷିଣ ଦିଲ୍ଲୀ ସଂସଦୀୟ ଆସନର ସଦସ୍ୟ ବିଧୁରୀ ଉତ୍ତର ପ୍ରଦେଶ ଆମରୋହା ଏମ୍‌ପି ଦାନିସଙ୍କୁ ‘ମୁସଲମାନ ଆତଙ୍କବାଦୀ’ ଆଖ୍ୟା ଦେଇଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଶୁକ୍ରବାର ବିବାଦୀୟ ସ୍ଥିତି ଉପୁଜିଛି। ବିରୋଧୀ ଦଳଗୁଡ଼ିକ ଏହାର ଦୃଢ଼ନିନ୍ଦା କରିଥିବାବେଳେ ଭାଜପା ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ବିଧୁରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଗୃହରୁ ଇସ୍ତଫା ଦେବେ ବୋଲି ଦାନିସ କହିଛନ୍ତି।

ବିଧୁରୀ ସଂସଦର ସମସ୍ତ ସଦସ୍ୟଙ୍କୁ ଅପମାନିତ କରିଛନ୍ତି। ତାଙ୍କୁ ଲୋକ ସଭାରୁ ନିଲମ୍ବିତ କରାଯିବା ଉଚିତ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସିପିଆଇଏମ୍ ପକ୍ଷରୁ ଜାରି ଏକ ବିବୃତିରେ ବିଧୁରୀଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି। ସେହିପରି ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ସାମାଜିକ ଗଣମାଧ୍ୟମ ମଞ୍ଚ ଏକ୍ସ’ରେ ଏହାର ଦୃଢ଼ ନିନ୍ଦା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ମୁସଲମାନମାନଙ୍କୁ ଏପରି କରିଦେଇଛନ୍ତି ଯେ ସେମାନେ ନିଜ ଦେଶରେ ବିଭୟରେ ଜୀବନ ବିତାଉଛନ୍ତି। ପ୍ରଧାନମନ୍ତ୍ରୀ ଓ ବାଚସ୍ପତି ବିଧୁରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଏହାର ଦୃଢ଼ ନିନ୍ଦା କରି ବିଧୁରୀଙ୍କ ପାଖରେ ଆଉ ଲଜ୍ଜା ନାହିଁ ବୋଲି କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂ କହିଛନ୍ତି, ବିଧୁରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ରୁ ଶିଖିଥିବା ଭାଷାର ଏହା ପରିଣାମ। ମୁଁ ମଣିପୁର ପ୍ରସଙ୍ଗ ଉଠାଇ ନିଲମ୍ବିତ ହୋଇଥିଲି। ଭାଜପା ଏମ୍‌ପିଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ବାଚସ୍ପତି ବିର୍ଲା ଗୃହରେ ବିଧୁରୀଙ୍କ ମନ୍ତବ୍ୟକୁ ଗମ୍ଭୀରତା ସହ ନେଇଛନ୍ତି। ଭବିଷ୍ୟତରେ ଏପରି ବ୍ୟବହାରର ପୁନରାବୃତ୍ତି ଦେଖିବାକୁ ମିଳିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ସେହି ଆପତ୍ତିଜନକ ଶବ୍ଦଗୁଡ଼ିକୁ ବାଦ୍ ଦେଇଛନ୍ତି। ବିଧୁରୀଙ୍କ ମନ୍ତବ୍ୟକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ହସୁଥିଲେ ହର୍ଷବର୍ଦ୍ଧନ

ବିଏସ୍‌ପିର ଦାନିସ ଅଲୀଙ୍କୁ ଭାଜପା ଏମ୍‌ପି ରମେଶ ବିଧୁରୀ ‘ମୁସଲମାନ ଆତଙ୍କବାଦୀ’ କହି ଭର୍ତ୍ସନା କରୁଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଓ ରବିଶଙ୍କର ପ୍ରସାଦ ହସୁଥିବା ଦେଖିବାକୁ ମିଳିଥିଲା। ବିବାଦ ପରେ ହର୍ଷବର୍ଦ୍ଧନ ଓ ରବିଶଙ୍କର ଦଳୀୟ ସହଯୋଗୀ ବିଧୁରୀଙ୍କ ଆପତ୍ତିଜନକ ମନ୍ତବ୍ୟରୁ ନିଜକୁ ଦୂରେଇ ରଖିଛନ୍ତି। ହର୍ଷବର୍ଦ୍ଧନ କହିଛନ୍ତି, କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କ ନାମକୁ ଅଯଥା ବିବାଦକୁ ଟାଣୁଛନ୍ତି। ଗୃହରେ ହଇଚଗୋଳ ଲାଗିରହିଥିବାରୁ ବିଧୁରୀ କ’ଣ କହିଲେ ତାହା ସେ ସ୍ପଷ୍ଟଭାବେ ଶୁଣିପାରି ନାହାନ୍ତି। ରବିଶଙ୍କର କହିଛନ୍ତି, କୌଣସି ଅଶୋଭନୀୟ ମନ୍ତବ୍ୟକୁ ସେ ସମର୍ଥନ କରନ୍ତି ନାହିଁ।

“ ଭାଜପା ଏମ୍‌ପି ରମେଶ ବିଧୁରୀଙ୍କ ଆପତ୍ତିଜନକ ଭାଷାକୁ ବାଚସ୍ପତି ବାଦ୍ ଦେଇଥିବାବେଳେ ଜଣେ ବରିଷ୍ଠ ମନ୍ତ୍ରୀ ଲୋକ ସଭାରେ କ୍ଷମା ମାଗିଛନ୍ତି। ଏହାସତ୍ତ୍ୱେ ବିଧୁରୀଙ୍କ ବିରୋଧରେ ଏଯାଏ ତାଙ୍କ ଦଳ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ।

**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**



## ଦ୍ୱିତୀୟ ସର୍ବାଧିକ ଫଳପ୍ରଦ ଅଧିବେଶନ



**ନୂଆଦିଲ୍ଲୀ,୨୨।୯(ପି.ଟି.)**

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଅବସରରେ ଉଭୟ ଲୋକ ସଭା ଓ ରାଜ୍ୟ ସଭା ଧାର୍ଯ୍ୟ ସମୟଠାରୁ ଅଧିକ ସମୟ କାର୍ଯ୍ୟ କରିଛି। ସପ୍ତଦଶ ଲୋକସଭାର ଏହା ଏକମାତ୍ର ଅଧିବେଶନ, ଯେଉଁଠି ମୁଲତବୀ ଯୋଗୁ ନିମ୍ନ ସଦନର ସମୟ ଆଦୌ ବରବାଦ ହୋଇନାହିଁ। ୧୮ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଧିବେଶନ ଧାର୍ଯ୍ୟ ସମୟ ଶୁକ୍ରବାର ପରିବର୍ତ୍ତେ ଗୁରୁବାର ରାତିରେ ଶେଷ ହୋଇଥିଲା। ଏହି ଅଧିବେଶନରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ଉଭୟ ଗୃହର ଅନୁମୋଦନ ଲାଭ କରିଥିଲା। ଏହା ବ୍ୟତୀତ ପାର୍ଲାମେଣ୍ଟର ୭୫ ବର୍ଷ ସମ୍ପର୍କରେ ଆଲୋଚନା କରାଯିବା ସହ ଚନ୍ଦ୍ରୟାନ-୩ର ସଫଳତା ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା।

ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ତଥ୍ୟ ଅନୁଯାୟୀ ଲୋକ ସଭା ଧାର୍ଯ୍ୟ ସମୟ ୨୨ ଘଣ୍ଟା ୪୫ ମିନିଟ୍‌ଠାରୁ ୮ ଘଣ୍ଟା ଅଧିକ କାର୍ଯ୍ୟ କରିଥିଲା। ରାଜ୍ୟ ସଭା ଧାର୍ଯ୍ୟ ସମୟ ୨୧ ଘଣ୍ଟା ୪୫ ମିନିଟ୍ ପରିବର୍ତ୍ତେ ୨୭ ଘଣ୍ଟା ୪୪ ମିନିଟ୍ ପାଇଁ ବସିଥିଲା। ଲୋକ ସଭା ଅଧିବେଶନ ୧୬୦ % ସଫଳ ବୋଲି ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ରାଜ୍ୟ ସଭା ଦେଢ଼ଘଣ୍ଟା ମୁଲତବୀ ରହିଥିଲା। ବର୍ତ୍ତମାନ ସୁଦ୍ଧା ଏହା ଦ୍ୱିତୀୟ ସର୍ବାଧିକ ଫଳପ୍ରଦ ଅଧିବେଶନ। ୨୦୨୦ର ମୌସୁମୀ ଅଧିବେଶନ ବେଳେ ଲୋକ ସଭା ଧାର୍ଯ୍ୟ ସମୟର ୧୪୫% କାର୍ଯ୍ୟ କରିଥିଲା।

ପିଆର୍‌ଏସ୍ ରିପୋର୍ଟ ଅନୁଯାୟୀ ଲୋକ ସଭାରେ ସ୍ୱତନ୍ତ୍ର ଅଧିବେଶନର ୬୪% ବିତର୍କରେ ଏବଂ ୩୩% ବିଲ୍ ସମ୍ପର୍କିତ କାର୍ଯ୍ୟରେ ବିନିଯୋଗ ହୋଇଥିଲା। ସେହିପରି ରାଜ୍ୟ ସଭାରେ ୫୧% ସମୟ ବିତର୍କରେ ଯାଇଥିବାବେଳେ ୪୫% କେବଳ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାରେ ଅତିବାହିତ ହୋଇଥିଲା। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ % ଆସନ ସଂରକ୍ଷଣ ପାଇଁ ସମ୍ବିଧାନ (୧୨୮ତମ ସଂଶୋଧନ) ବିଲ୍ ୧୯ରେ ଆଗତ ହୋଇ ୧୦ ଘଣ୍ଟା ଆଲୋଚନା ହୋଇଥିଲା। ୩୨ ମହିଳା ଏମ୍‌ପିଙ୍କ ସମେତ ମୋଟ ୬୦ ସଦସ୍ୟ ଏଥିରେ ଭାଗ ନେଇଥିଲେ। ବିଲ୍ ସପକ୍ଷରେ ୪୫୪ ଓ ବିରୋଧରେ ଏଆଇଏମ୍‌ଆଇଏମ୍‌ର ୨ ଏମ୍‌ପି ଭୋଟ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟର ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ଆରମ୍ଭ କରିଥିଲେ। ଏହା ଉପରେ ୬ ଘଣ୍ଟା ୪୩ ମିନିଟ୍ ଆଲୋଚନା ହୋଇଥିଲା ଓ ୩୬ ଏମ୍‌ପି ଏଥିରେ ସାମିଲ ହୋଇଥିଲେ। ଚନ୍ଦ୍ରୟାନ-୩ ମିଶନର ସଫଳତା ଉପରେ ଲୋକ ସଭାରେ ୧୨ ଘଣ୍ଟା ୨୫ ମିନିଟ୍ ଆଲୋଚନା ହୋଇଥିଲା। ରାଜ୍ୟ ସଭାରେ ମହିଳା ବିଲ୍ ଉପରେ ୧୨ ଘଣ୍ଟାରୁ ଅଧିକ ସମୟ ବିତର୍କ କରାଯାଇଥିଲା।

## ଭାରତର ଭୁଲ୍ ମାନଚିତ୍ର ଦେଖାଇଲା ମୋଟୋଜିପି

### ବିବାଦ ପରେ କ୍ଷମା ମାଗିଲା

**ନୂଆଦିଲ୍ଲୀ,୨୨।୯**


ମୋଟରସାଇକେଲ ରେସିଂ ପ୍ରତିଯୋଗିତା ମୋଟୋଜିପି ଏହାର ସିଧାପ୍ରସାରଣ ବେଳେ ଭାରତର ଏକ ଭୁଲ୍ ମାନଚିତ୍ର ପ୍ରଦର୍ଶିତ କରିଥିବାରୁ ଶୁକ୍ରବାର ଏଥିପାଇଁ ଭୁଲ୍ ମାଗିଛି। ମୋଟୋଜିପି ଦେଖାଇଥିବା ମାନଚିତ୍ରରେ ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ନ ଥିଲା। ଉକ୍ତ ସ୍ପୋର୍ଟ୍ସ ଲିଗ୍ ଏହାର ‘ଏକ୍ସ’ ଅଫିସିଆଲ ହ୍ୟାଣ୍ଡେଲ୍‌ରେ ଏଥିପାଇଁ କ୍ଷମା ମାଗିଛି। ଆୟୋଜକ ଦେଶକୁ ସମର୍ଥନ ଓ ପ୍ରଶଂସା କରିବା ବ୍ୟତୀତ ଅନ୍ୟ କୌଣସି ମନ୍ତବ୍ୟ ଦେବା ଆମର ଉଦ୍ଦେଶ୍ୟ ନ ଥିଲା ବୋଲି ମୋଟୋଜିପି କହିଛି। ଭାରତର ବିକୃତ ମାନଚିତ୍ର ପ୍ରଦର୍ଶନକୁ ନେଇ ସୋସିଆଲ ମିଡିଆରେ ବିବାଦ ସୃଷ୍ଟି ହୋଇଥିଲା। ଏଥିପାଇଁ ଅନ୍ତର୍ଜାତୀୟ ରେସିଂ ଲିଗ୍ ଉତ୍ତରଦାୟୀ ରହିବାକୁ ଅନେକ ୟୁଜର ଦାବି କରିଥିଲେ। ନୋଏଡାରେ ହେବାକୁ ଥିବା ଏହାର ୩ ଦିନିଆ କାର୍ଯ୍ୟକ୍ରମକୁ ବର୍ଜନ କରିବା ପାଇଁ କେତେଜଣ ୟୁଜର ଆହ୍ୱାନ ଦେଇଥିଲେ।



## କୃଷ୍ଣ ଜନ୍ମଭୂମି-ଶାହି ଇଦ୍‌ଗା ପରିସର ସର୍ଭେରେ ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ମଥୁରା କୃଷ୍ଣ ଜନ୍ମଭୂମି-ଶାହି ଇଦ୍‌ଗା ମସ୍‌ଜିଦ ପରିସରର ସର୍ଭେ ପାଇଁ ଶ୍ରୀକୃଷ୍ଣ ଜନ୍ମଭୂମି ମୁକ୍ତି ନିର୍ମାଣ ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଶାହି ଇଦ୍‌ଗା ମସ୍‌ଜିଦ ସ୍ଥାନରେ ପୂର୍ବରୁ ହିନ୍ଦୁ ମନ୍ଦିର ଥିଲା କି ନାହିଁ ତାହା ନିର୍ଦ୍ଧାରଣ କରିବା ପାଇଁ ସର୍ଭେ ନିମନ୍ତେ ଆବେଦନ କରାଯାଇଥିଲା। ମସ୍‌ଜିଦ ପରିଚାଳନା କମିଟି ପକ୍ଷରୁ ଦାଏର ରକ୍ଷଣାବେକ୍ଷଣ ପ୍ରସଙ୍ଗର ଶୁଣାଣି ପ୍ରଥମେ କରାଯିବ ବୋଲି ସିଭିଲ ଜଜ୍ ନିଷ୍ପତ୍ତି ନେଇଥିଲେ। ଆଲ୍ଲାହାବାଦ ହାଇକୋର୍ଟ ଏହାକୁ କାଏମ ରଖିବା ସହ ସିଭିଲ ଜଜ୍‌ଙ୍କ ରାୟରେ ତ୍ରୁଟି ନ ଥିବା କହିଥିଲେ। ହାଇକୋର୍ଟଙ୍କ ଜୁଲାଇ ୧୦ର ଏହି ରାୟକୁ ଟ୍ରଷ୍ଟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ମସ୍‌ଜିଦ ପରିଚାଳନା କମିଟି ଏବଂ ଉତ୍ତରପ୍ରଦେଶ ସୁନ୍ନୀ କେନ୍ଦ୍ରୀୟ ୱାକଫ୍ ବୋର୍ଡ ସିଭିଲ୍ ଜଜ୍‌ଙ୍କ ନିକଟରେ ଆବେଦନ କରିଥବାରୁ ସମ୍ବିଧାନର ଅନୁଚ୍ଛେଦ ୧୩୬ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ଜଷ୍ଟିସ ସଞ୍ଜୟ କିଶନ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ କହିଛନ୍ତି।



କେରଳସ୍ଥିତ କୋଟାୟମ୍ ନିକଟ କୁମାରାକୋମ୍‌ର ଏକ ପୋଖରୀରେ ଜଣେ ଯୁବତୀ କଇଁଫୁଲ ଧରିଛନ୍ତି।

## ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ

### ମଣିପୁର ହିଂସା

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ ସମସ୍ତ ଉତ୍ସରୁ ଅସ୍ତ୍ରଶସ୍ତ୍ରକୁ ଉଦ୍ଧାର କରାଯାଇଥିବା ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। କେନ୍ଦ୍ର ଏବଂ ମଣିପୁର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠଙ୍କୁ ଏହା କହିଛନ୍ତି। ମହିଳା ଓ ଶିଶୁମାନଙ୍କ ପ୍ରତି ହୋଇଥିବା ଯୌନ ହିଂସା ସମ୍ପର୍କିତ ୧୧ଟି ଏତଲା ସିବିଆଇକୁ ହସ୍ତାନ୍ତର ହୋଇଥିଲାବେଳେ ତଦନ୍ତର ସବିଶେଷ ତଥ୍ୟ ତଦନ୍ତକାରୀ ସଂସ୍ଥା ଦେବା ପାଇଁ ପିଟିଶନରେ ଦାବି କରାଯାଇଥିଲା। ଅପରାଧ ମାମଲାଗୁଡ଼ିକର ଅନୁଧ୍ୟାନ ପାଇଁ ଅଭିଜ୍ଞ ଆଇପିଏସ୍ ଅଫିସର ଦତ୍ତାତ୍ରେୟ ପଡ୍‌ସାଲଗିକରଙ୍କୁ ନିଯୁକ୍ତ କରାଯାଇଥିବା ଖଣ୍ଡପୀଠ କହିଥିଲେ। ଅଫିସରମାନଙ୍କୁ ଦାୟିତ୍ୱ ନେବା, ସ୍ଥିତି ଅନୁଧ୍ୟାନ କରିବା ପାଇଁ ସମୟ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ। ମହାରାଷ୍ଟ୍ରର ପୂର୍ବତନ ଡିଜିପି ପଡ୍‌ସାଲଗିକର ମଣିପୁର ଗସ୍ତ କରି ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି ବୋଲି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ। ମଣିପୁର ହିଂସାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବା, ରିଲିଫ୍ ଏବଂ ଥାଇଥାନ ପାଇଁ ପଦକ୍ଷେପ ଆଦି ଉପରେ ହୋଇଥିବା ଆବେଦନର ଶୁଣାଣି କରି ଖଣ୍ଡପୀଠ ଗତ ମାସ ୭ରେ ପଡସାଲଗିକରଙ୍କୁ ସିବିଆଇ ତଦନ୍ତର ଅନୁଧ୍ୟାନ କରିବାକୁ ନିଯୁକ୍ତ କରିଥିଲେ।

## ‘ସନାତନ’ ମନ୍ତବ୍ୟ ଉଦୟନିଧିଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୨।୯(ପି.ଟି.)**


ସନାତନ ଧର୍ମର ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେବା ଅଭିଯୋଗରେ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏନେଇ ଉଦୟନିଧି ଓ ତାମିଲନାଡୁ ସରକାରଙ୍କୁ ଜବାବ ମାଗି ନୋଟିସ କରିଛନ୍ତି। ସେପ୍ଟେମ୍ବର ୨ରେ ଡିଏମ୍‌କେ ନେତା ଉଦୟନିଧି ଏକ ସଭାରେ ସନାତନ ଧର୍ମକୁ ଡେଙ୍ଗୁ, ମାଲେରିଆ ଓ କରୋନା ସହ ତୁଳନା କରିଥିଲେ। ବି. ଜଗନ୍ନାଥ ନାମକ ଜଣେ ବ୍ୟକ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦାମା ଶେଶାଦ୍ରୀ ନାଇଡୁ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉଦୟନିଧି ସନାତନ ଧର୍ମ ଭଲ ନୁହେଁ ଏବଂ ଅନ୍ୟ ଧର୍ମ ଭଲ ବୋଲି ସ୍କୁଲ ଛାତ୍ରୀଛାତ୍ରଙ୍କୁ କହିଥିବା ଉକ୍ତ ପିଟିଶନରେ ଉଲ୍ଲେଖ କରିଥିଲେ। ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ କହିଥିଲେ, ଆପଣ ଏଫ୍‌ଆଇଆର୍ ପାଇଁ ଦ୍ୱାରସ୍ଥ ହୋଇ ସୁପ୍ରିମକୋର୍ଟଙ୍କୁ ଥାନାରେ ପରିଣତ କରୁଛନ୍ତି। ହାଇକୋର୍ଟକୁ ଯାଇଥିଲେ ଭଲ ହୋଇଥାନ୍ତା। ତେବେ ଉଦୟନିଧି ଜଣେ ମନ୍ତ୍ରୀ ହୋଇଥିବାରୁ ତାଙ୍କ ବିରୋଧରେ ଥାନାରେ ଏତଲା ଗ୍ରହଣ କରିବାକୁ ପୋଲିସ ମନା କରୁଥିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ ହୋଇଛୁ ବୋଲି ନାଇଡୁ କହିଥିଲେ।



## ଆଜି ଉଠିବ ଲ୍ୟାଣ୍ଡର ବିକ୍ରମ

**ବେଙ୍ଗାଲୁରୁ,୨୨।୯**

ଚନ୍ଦ୍ର ଦକ୍ଷିଣ ମେରୁରେ ଦିନ ହେବା ପରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନକୁ ଜାଗ୍ରତ କରିବା ପାଇଁ ଶୁକ୍ରବାର ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଉଦ୍ୟମ କରିଥିଲା। ତେବେ ସେଠାରୁ କୌଣସି ସିଗ୍‌ନାଲ ନ ମିଳିବାରୁ ସେମାନଙ୍କୁ ଜାଗ୍ରତ କରାଇବା ଯୋଜନାକୁ ଗୋଟିଏ ଦିନ ସ୍ଥଗିତ ରଖାଯାଇଛି। ଶନିବାର ବିକ୍ରମ ଉଠିବ ବୋଲି ଇସ୍ରୋ କହିଛି। ଦକ୍ଷିଣ ମେରୁରେ ରାତି ହେବାରୁ ବିକ୍ରମ ଓ ପ୍ରଜ୍ଞାନ ସ୍ଲିପ୍ ମୋଡ୍‌ରେ ରହିଥିଲେ। ରୋଭର ଚନ୍ଦ୍ରପୃଷ୍ଠରେ ୩୦୦ରୁ ୩୫୦ ମିଟର ଅତିକ୍ରମ କରିବା ଲାଗି ଇସ୍ରୋ ପୂର୍ବରୁ ଯୋଜନା କରିଥିଲା। ରୋଭର ବର୍ତ୍ତମାନ ସୁଦ୍ଧା ୧୦୫ ମିଟର ଅତିକ୍ରମ କରିଛି। ୨୨ ତାରିଖରେ ରୋଭର ଏବଂ ଲ୍ୟାଣ୍ଡରକୁ ଜାଗ୍ରତ କରିବା ଲାଗି ପୂର୍ବରୁ ଯୋଜନା ହୋଇଥିଲା। ତେବେ କେତେକ କାରଣ ଯୋଗୁ ଏହାକୁ ଶନିବାର ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ନିର୍ଦ୍ଦେଶକ ନୀଲେଶ ଦେଶାଇ କହିଛନ୍ତି। ଅଗଷ୍ଟ ୨୩ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ କରିଥିଲା। ଉକ୍ତ ଅବତରଣ ସ୍ଥାନକୁ ‘ଶିବଶକ୍ତି ପଏଣ୍ଟ’ ଭାବେ ନାମିତ କରାଯାଇଛି। ସେଠାରେ ରୋଭର ସଫଳତାର ସହ ଚନ୍ଦ୍ରପୃଷ୍ଠର ଅନୁଧ୍ୟାନ କରି ଇସ୍ରୋକୁ ତଥ୍ୟ ପଠାଇବା ପରେ ସେପ୍ଟେମ୍ବର ୨ରୁ ସୁପ୍ତ ଅବସ୍ଥାରେ ରହିଛି। ସେହିପରି ଲ୍ୟାଣ୍ଡର ବିକ୍ରମ ସେପ୍ଟେମ୍ବର ୪ରୁ ସୁପ୍ତ ରହିଛି।



## ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ଗଠିତ

ଭୁବନେଶ୍ୱର,୨୨।୯(ଅନିଲ ଦାସ): ଗୃହର ସୁପରିଚାଳନା ପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ଶୁକ୍ରବାର କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ଏହି କମିଟିରେ ବାଚସ୍ପତି ଅଧକ୍ଷ ଥିବାବେଳେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବିଧାୟକ ଦେବୀ ପ୍ରସାଦ ମିଶ୍ର ସଦସ୍ୟ ରହିଛନ୍ତି।




# ପ୍ରମିଳା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି

ଭୁବନେଶ୍ୱର,୨୨।୯(ଅନିଲ ଦାସ)



ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କୁ ବାଚସ୍ପତି ଭାବେ ଚୟନ କରାଯାଇଛି। ସେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ହେବାର ଗୌରବ ଅର୍ଜନ କରିଛନ୍ତି। ଶୁକ୍ରବାର ସେ ବିଧିବଦ୍ଧ ଭାବେ ବାଚସ୍ପତି ଆସନ ଗ୍ରହଣ କରିଛନ୍ତି। ସର୍ବ ସମ୍ମତିକ୍ରମେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଚସ୍ପତି ପଦବୀ ପାଇଁ ଗୃହରେ ତାଙ୍କ ନାଁରେ ପ୍ରସ୍ତାବ ରଖିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ ଜଣାଇଥିଲେ। ବାଚନିକ ମତଦାନରେ ଗୃହରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ପରେ ଗୃହର ନେତା, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଅନ୍ୟ ସଦସ୍ୟମାନେ ନୂଆ ବାଚସ୍ପତିଙ୍କୁ ତାଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ଗୃହର ସମସ୍ତ ସଦସ୍ୟଙ୍କୁ ମଧ ଧନ୍ୟବାଦ ଦେଇଛନ୍ତି। ଗୃହର ମର୍ଯ୍ୟାଦା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଦସ୍ୟଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ମହିଳା ବାଚସ୍ପତି ଭାବେ ଦାୟିତ୍ୱ ନେଇଥିବାରୁ ଆମେ ଗର୍ବିତ ବୋଲି କହିଛନ୍ତି। ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ଗୃହକୁ ନିରପେକ୍ଷ ଭାବେ ଚଳାଇବେ ବୋଲି ସେ ଆଶା କରିଛନ୍ତି। ପ୍ରଥମ ମହିଳା ବାଚସ୍ପତି ହୋଇଥିବାରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇବା ସହ ନିରପେକ୍ଷ ଭାବେ ସେ ଗୃହ ସୁପରିଚାଳନା କରିବେ ବୋଲି ଆଶା କରିଛନ୍ତି। ପ୍ରମିଳା ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ବାଚସ୍ପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ଦଳ ବାଚସ୍ପତି ପଦବୀ ପାଇଁ ପ୍ରାର୍ଥୀ ଦେଇ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରମିଳା ୬ ଥର ବିଧାୟିକା ହୋଇଛନ୍ତି। ଏଥିସହିତ ସେ ପୂର୍ବରୁ ବିଜେଡି ସରକାରରେ ମୁଖ୍ୟ ସଚେତକ ଓ ମନ୍ତ୍ରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ ତୁଲାଇଛନ୍ତି।

# ଚିତ୍ରଶିଳ୍ପୀ ପଦ୍ମନାଭଙ୍କ ପରଲୋକ

ସମ୍ବଲପୁର,୨୨।୯(ବି.ଶଙ୍କର)

ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମନାଭ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ପୁତ୍ର ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ। ତାଙ୍କ ପଛରେ ସେ ସ୍ତ୍ରୀ ଆହ୍ଲାଦିନୀ ମିଶ୍ର, ପୁତ୍ର ସିଦ୍ଧାର୍ଥ, ଦୁଇ ଝିଅ, ଜ୍ୱାଇଁ ଓ ନାତିନାତୁଣୀଙ୍କୁ ଛାଡ଼ିଯାଇଛନ୍ତି। ତାଙ୍କ ପରଲୋକରେ ସମ୍ବଲପୁର ସହରର କଳାକାର ମହଲରେ ଶୋକ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପଦ୍ମନାଭ ସୋନପୁର ସହରରେ ଜନ୍ମଗ୍ରହଣ କରିଥିଲେ। ସେଠାରୁ ଶିକ୍ଷା ସମାପ୍ତ କରି ଚିତ୍ରକଳା ଶିକ୍ଷା ପାଇଁ ବିଶ୍ୱଭାରତୀ ଶାନ୍ତିନିକେତନ ଯାଇ ୧୯୬୫ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୬୭ରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଉଦ୍ଭିଦ ବିଭାଗରେ ଆର୍ଟିଷ୍ଟ ଫଟୋଗ୍ରାଫର ଭାବେ ଯୋଗଦେଇ ସେହିଠାରୁ ଅବସର ନେଇଥିଲେ। ଗୀତା ଶ୍ଳୋକକୁ ନେଇ ସେ ୧୪ଟି ପେଣ୍ଟିଂ ପ୍ରସ୍ତୁତ କରିଥିଲେ। ଏହି ପେଣ୍ଟିଂ ଭୁବନେଶ୍ୱର ସୂଚନା ଭବନରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଥିପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ


ପଦ୍ମନାଭ ମିଶ୍ର

ପକ୍ଷରୁ ତାଙ୍କୁ ମର୍ଯ୍ୟାଦାଜନକ ସାରଳା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିସହ ସନ୍ଥ କବି ଭୀମଭୋଇ, ହରିବଂଶ ରାୟ ବଚ୍ଚନ, ଶ୍ରୀନିବାସ ଉଦ୍‌ଗାତାଙ୍କ କବିତା ଉପରେ ପେଣ୍ଟିଂ କରି ସେ ବେଶ ଚର୍ଚ୍ଚିତ ହୋଇଥିଲେ। ସମ୍ବଲପୁର ସହରର ଚିତ୍ରକଳା ଅନୁଷ୍ଠାନ ଚିତ୍ରଭୂମି, ଚିତ୍ରଶାଳା, ସମ୍ବଲପୁର କଳା ଏକାଡ଼େମୀ, ବନ୍ଦନା ଆର୍ଟ କର୍ଣ୍ଣର, ଅଙ୍କନ, ଆୟରିଶ, ରୂପାଙ୍କନ, ସାଇଶିକ୍ଷା ପରିଷଦ, ଉଡ଼ାନ, ରାଫେଲ, ତୁଳିକା, ଅଞ୍ଜଳି ଆର୍ଟ କର୍ଣ୍ଣର, ଚିତ୍ରକାର, ଦ ଆର୍ଟ ସ୍କୁଲ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଗଭୀର ଶୋକ ପ୍ରକାଶ କରାଯାଇଛି।

# ହଷ୍ଟେଲ ରୁମ୍‌ରେ ଡାକ୍ତରୀ ଛାତ୍ରଙ୍କ ମୃତଦେହ

ବାରିପଦା,୨୨।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡିକାଲ କଲେଜ ଏବଂ ହସ୍ପିଟାଲର ହଷ୍ଟେଲ ରୁମ୍‌ରୁ ଜଣେ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଜବତ ହୋଇଛି। ମୃତ ଛାତ୍ର ହେଲେ କେନ୍ଦୁଝର ଜିଲା ଅଞ୍ଚଳର ସଚିନ ସାହୁ। ସେ ହାଉସ୍ ସର୍ଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

ସୂଚନା ଅନୁଯାୟୀ, ସଚିନ ଶୁକ୍ରବାର ହସ୍ପିଟାଲରେ ଡିଉଟି ସାରି ହଷ୍ଟେଲ ରୁମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୀର୍ଘ ସମୟ ଧରି ସେ କବାଟ ନ ଖୋଲିବାରୁ କଲେଜ ପରିସରରେ ଥିବା ଅନ୍ୟ ଛାତ୍ରମାନେ କବାଟ ଭାଙ୍ଗି ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ହସ୍ପିଟାଲ ଛାତ୍ରଙ୍କ କହିବା ଅନୁଯାୟୀ ସଚିନ ଅତି ଶାନ୍ତ ସରଳ ପ୍ରକୃତିର ଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୨୨।୯(ଅନିଲ ଦାସ)

ପୂର୍ବତନ ସଦସ୍ୟ ଏବଂ ଦେଶ ପାଇଁ ବଳିଦାନ ଦେଇଥିବା ଯବାନଙ୍କ ବିୟୋଗରେ ଶୁକ୍ରବାର ବିଧାନସଭାରେ ଶୋକ କରାଯାଇଛି। ପୂର୍ବାହ୍ନ ୧୧ଟାରେ ବନ୍ଦେ ଉତ୍କଳ ଜନନୀ ବନ୍ଦନାରୁ ବିଧାନସଭା ଆରମ୍ଭ ହୋଇଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ନବ ନିର୍ବାଚିତ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରଲୋକଗତ ସଦସ୍ୟଙ୍କ ପାଇଁ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ପୂର୍ବତନ ବିଧାୟକ ତ୍ରିଲୋଚନ କାନୁନ୍‌ଗୋ, ରମେଶ ସୋରେନ, ନିବେଦିତା ପ୍ରଧାନ, କୁମର ବେହେରା, ଲାମ୍ବୁ ନାୟକ ଦେବାଶିଷ ବିଶ୍ୱାଳ, କନ୍‌ଷ୍ଟେବଲ ସୁଶାନ୍ତ ଖୁଣ୍ଟିଆ, ସୁଶାନ୍ତ କୁମାର ମହାନ୍ତିଙ୍କ ସ୍ମୃତିରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟଙ୍କର ଜୀବନୀ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ସ୍ୱର୍ଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ବାଚସ୍ପତିଙ୍କ ଜରିଆରେ ଗୃହର ସମବେଦନା ଜଣାଇଛନ୍ତି। ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିବା ସହ ଦିବଂଗତ ସଦସ୍ୟମାନଙ୍କ ପ୍ରତି ନିଜ ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ଉପରେ ୨୨ ମିନିଟ୍ ଧରି ଆଲୋଚନା ହୋଇଥିଲା। ଏହାପରେ ବାଚସ୍ପତି ସ୍ୱର୍ଗତ ସଦସ୍ୟମାନଙ୍କ ସ୍ମୃତିରେ ଗୃହକୁ ଅପରାହ୍ନ ୫ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

# ଅନ୍ୟଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ଗଲା

## ରେଳ ଟ୍ରାକ୍‌ରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ବୃଦ୍ଧାଙ୍କୁ ବଞ୍ଚାଇଲେ

କଣ୍ଟାବାଞ୍ଜି,୨୨।୯(ଗୁରୁଦୟାଲ ହଂସ)

ଶୁକ୍ରବାର ଅପରାହ୍ନରେ ରେଳ ଟ୍ରାକରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ବୃଦ୍ଧାଙ୍କୁ ବଞ୍ଚାଇବାକୁ ଯାଇ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଏଭଳି ଘଟଣା ଘଟିଛି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପମ୍ପୁତଲାବ ପୋଖରୀ ନିକଟ ରେଳଲାଇନରେ। ସେଠାରେ ଜଣେ ବୃଦ୍ଧା ଆତ୍ମହତ୍ୟା କରିବାକୁ ଛିଡ଼ା ହୋଇଥିଲେ। ସେହି ଟ୍ରାକରେ ଟିଟିଲାଗଡରୁ କଣ୍ଟାବାଞ୍ଜି ଏକ ପାସେଞ୍ଜର ଟ୍ରେନ ଆସୁଥିଲା। କିଛି ଦୂରରେ ଥିବା ଆନନ୍ଦ ନଗରର ହାଡି ବାରିକ(୫୦) ଏହା ଦେଖିଥିଲେ। ସେ ବୃଦ୍ଧାଙ୍କୁ ବଞ୍ଚାଇବାକୁ ସେଠାକୁ ଦୌଡି ଯାଇଥିଲେ। ଟ୍ରାକରେ ଚାଲି କରି ଯାଉଥିବା ବୃଦ୍ଧାଙ୍କୁ ସେ ଟ୍ରାକ୍ ବାହାରକୁ ଠେଲି ଦେଇ ବଞ୍ଚାଇ ଦେଇଥିଲେ। ମାତ୍ର ହାଡି ଟ୍ରାକ୍‌ରେ ପଡ଼ି ଯିବାରୁ ଟ୍ରେନରେ କଟି ଯାଇଥିଲେ। ପାଖରେ ଥିବା ଲୋକେ ଏହା ଦେଖି ସ୍ତବ୍ଧ ହୋଇଯାଇଥିଲେ। ଆତ୍ମହତ୍ୟା ଉଦ୍ୟମ କରୁଥିବା ବୃଦ୍ଧା ଜଣକ କଣ୍ଟାବାଞ୍ଜି ସତନାମୀ ପଡାର ବୋଲି ଜଣାପଡିଛି। କଣ୍ଟାବାଞ୍ଜି ଜିଆରପି ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଜିଆରପିରେ ଏକ ମାମଲା(ନଂ.୪୪/୨୩)ରୁଜୁ ହୋଇଛି। ହାଡୁ ବାରିକଙ୍କର ଦୁର୍ଘଟଣାସ୍ଥଳର ଅନତି ଦୂରରେ ଏକ ସେଲୁନ ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୩ ସେପ୍ଟେମ୍ବର, ୨୦୨୩

**ଆଜିର ମନ୍ତବ୍ୟ**

୪୦ ବର୍ଷ ଶାସନରେ କଂଗ୍ରେସ ବିହାରକୁ ଧ୍ୱଂସ କରିଦେଇଥିଲା। ଦଳର ନେତା ରାହୁଲ ଗାନ୍ଧୀଙ୍କୁ ରାଜ୍ୟର ୪ ଜିଲା ନାମ ଜଣାନାହିଁ। ତାଙ୍କୁ ନେଇ ବିହାର କ'ଣ କରିବ? **-ପ୍ରଶାନ୍ତ କିଶୋର, ନିର୍ବାଚନ ରଣନୀତିକାର ତଥା ରାଜନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଞ୍ଚି ମୁନେ ମୁନେ ପର୍ବତ ଟାଳିଲି**
**କାକ ବିନା ନାହିଁ ରାବ**
**ବାଳୁତ ପୁଅକୁ ଯୁବତୀ କନିଆ**
**ସେ କି ଜାଣେ ତା'ର ଭାବ ?**


ଛୁଞ୍ଚିକୁ ଧରି ପର୍ବତ ତାଡ଼ିବା କିମ୍ବା କାକ ରା ରୁ ସୁଶ୍ରାବ୍ୟ ସ୍ୱର ଅନ୍ୱେଷଣ କରିବା ଅସମ୍ଭବ ଏବଂ ବୃଥା ପ୍ରୟାସ ହୋଇଥାଏ। ସେହିପରି ଯୁବତୀ କନ୍ୟା ସହ କିଶୋର ପିଲାର ବିବାହ ଏକ ନିରର୍ଥକ ସମ୍ପର୍କ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଛିଣ୍ଡିଗଲା ଗୁନ୍ଥା ମାଳି**
**ଝଲିଲା ମୁଖ ଯାଇଛି ଝାଉଁଳି**
**କିଏ ଦେଇଛି କି ଗାଳି ?**

ଗାଳି ଦେଲେ ବା ଛିଗୁଲେଇ କରି କଥା କହିଲେ ମନ ଉଦାସ ହୋଇଯାଏ। ଏଥିସହ ମୁହଁରେ ବିଷଣ୍ଣ ଭାବ ପ୍ରକାଶ ପାଇଥାଏ। ସୌନ୍ଦର୍ଯ୍ୟରେ ଝଟକୁଥିବା ମୁହଁ ଗାଳି ପ୍ରଭାବରେ ମଳିନ ପଡ଼ିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭାବ ଆଦାନପ୍ରଦାନରେ ସାଙ୍କେତିକ ଭାଷାର ଗୁରୁତ୍ୱ



**ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ**

ଚିକିତ୍ସା ବିଜ୍ଞାନ ଅନୁସାରେ ଶୁଣି ଅନୁକରଣ କରିବା ପ୍ରତିଟି ପ୍ରାଣୀର ସହଜାତ ପ୍ରବୃତ୍ତି। ମାତ୍ର ଶ୍ରବଣ ସମସ୍ୟା ରହିଲେ ଅନୁକରଣ କରିବା ସମ୍ଭବ ହୋଇ ନ ଥାଏ। ଶ୍ରବଣ ସମସ୍ୟା ଯୋଗୁ ବାକ କ୍ଷମତା ହରାଇଥିବା ଶିଶୁ ବଡ଼ ହୋଇ କିଭଳି ସହଜରେ ନିଜ ଜୀବନ ଜିଇଁପାରିବ ସେ ନେଇ ବିଭିନ୍ନ ସାଙ୍କେତିକ ଭାଷା ମାଧ୍ୟମରେ ତା'ର ବୋଧଗମ୍ୟତାର ବିକାଶ କରାଯାଇଥାଏ। ପୃଥିବୀରେ ଏଭଳି ଲୋକଙ୍କ ସଂଖ୍ୟା ୭୦ ନିୟୁତରୁ ଅଧିକ। ୱାର୍ଲଡ ଫେଡେରେଶନ ଅଫ ଡିଫ (ଡବ୍ଲ୍ୟୁଏଫ୍ଡି) ଅନୁସାରେ ଅନ୍ୟର ଭାବନାକୁ ବୁଝିବା ପାଇଁ ସେମାନେ ୩୦୦ରୁ ଅଧିକ ସାଙ୍କେତିକ ଭାଷାର ବ୍ୟବହାର କରିଥାନ୍ତି। ଏଭଳି ଲୋକଙ୍କ ମାନବିକ ଅଧିକାରକୁ ସୁରକ୍ଷିତ କରିବା ଲାଗି ଅନ୍ତର୍ଜାତୀୟସ୍ତରରେ ପ୍ରୟାସ କରାଯାଇଥିଲା। ଶ୍ରବଣବାଧିତଙ୍କ ଭାଷା ପରିଚୟକୁ ପ୍ରୋତ୍ସାହିତ କରିବା ପାଇଁ ୧୯୫୧ ସେପ୍ଟେମ୍ବର ୨୩ରେ ଡବ୍ଲ୍ୟୁଏଫ୍ଡି ଗଠନ ହୋଇଥିଲା। ଏଥିରେ ୧୩୫ଟି ଜାତୀୟ ସଂଗଠନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଶ୍ରବଣବାଧିତଙ୍କ ଲାଗି ଅନ୍ତର୍ଜାତୀୟ ସପ୍ତାହ ପ୍ରଥମେ ୧୯୫୮ ସେପ୍ଟେମ୍ବରରେ ପାଳନ କରାଯାଇଥିଲା। ପରେ ୨୦୧୭ ଡିସେମ୍ବର ୧୯ରେ ଜାତିସଂଘର ସାଧାରଣ ସଭାରେ ୯୭ ଜଣ ସଦସ୍ୟ ରାଷ୍ଟ୍ର ଡବ୍ଲ୍ୟୁଏଫ୍ଡି ଗଠନ ସ୍ମୃତିରେ ୨୩ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ୨୦୧୮ ସେପ୍ଟେମ୍ବର ୨୩ରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରବଣବାଧିତଙ୍କ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନେଇ ସଚେତନତା ଉପରେ ଗୁରୁତ୍ୱାରୋପ ଦିଆଯାଇଥାଏ। ସେହିପରି ଭାଷାଭିତ୍ତିକ ଏବଂ ସାଂସ୍କୃତିକ ବିବିଧତାର ଏକ ଅଂଶ ଭାବରେ ସଙ୍କେତ ଭାଷାଗୁଡ଼ିକୁ ସଂରକ୍ଷଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥାଏ।

# ବିବାହ ବିଚ୍ଛେଦ, ପୁନଃମିଳନ ଆବେଦନ ଖାରଜ

**ପରିବାର ଅଦାଲତରେ ଅନୁଭବ-ବର୍ଷା ମାମଲାର ପୂର୍ଣ୍ଣଚ୍ଛେଦ**

କଟକ,୨୨।୯ (କାର୍ତ୍ତିକ ସାହୁ)

କଟକ ପରିବାର ଅଦାଲତରେ ଚାଲିଥିବା ଅଭିନେତା ତଥା ଏମ୍ପି ଅନୁଭବ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅନୁଭବଙ୍କ ପକ୍ଷରୁ ରୁଜୁ ହୋଇଥିବା ବର୍ଷାଙ୍କଠାରୁ ଛାଡ଼ପତ୍ର ଏବଂ ବର୍ଷାଙ୍କ ପକ୍ଷରୁ ରୁଜୁ ଅନୁଭବଙ୍କ ସହ ପୁନଃମିଳନ ଓ ଅବସ୍ଥାପନ ଆବେଦନ ମାମଲାଦ୍ୱୟକୁ ପରିବାର ଅଦାଲତ ଶୁକ୍ରବାର ଖାରଜ କରିଦେଇଛନ୍ତି। ୨ଟିଯାକ ମାମଲାର ଶୁଣାଣି କରି ଉଭୟଙ୍କ ଆବେଦନ ପ୍ରସଙ୍ଗରେ କୋର୍ଟରେ ଏକାଧିକ ମାମଲା, ଜବାବ ଓ ପ୍ରତିଜବାବ ରହୁଥିବାରୁ ଅଦାଲତ ଉଭୟଙ୍କ ଆବେଦନକୁ ଖାରଜ କରିଥିଲେ। ବର୍ଷାଙ୍କ ପ୍ରସଙ୍ଗରେ କୋର୍ଟ ଦର୍ଶାଇଛନ୍ତି ଯେ, ବର୍ଷା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରି ପୁଣି ତାଙ୍କ ସହ ଏକତ୍ର ରହିବାକୁ ଚାହୁଁଛନ୍ତି। ଏପରିସ୍ଥିତିରେ କୋର୍ଟ ଉଭୟଙ୍କ ଆବେଦନକୁ ଅଗ୍ରାହ୍ୟ କରିଥିବାରୁ କେହି କାହା ପାଖରେ ରହିପାରିବେ ନାହିଁ। ତେଣୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରୁ ଆରମ୍ଭ କରି କଟକର ପରିବାର ଅଦାଲତ ଯାଏ ଏହା ମଧ୍ୟରେ ଅନେକ ଅଦାଲତି ଝମେଲାରେ ଅନୁଭବ ଓ ବର୍ଷା ନୟାନ୍ତ ହୋଇ ଶେଷରେ ଫଳ ଶୂନରେ ପହଞ୍ଚିବା ନେଇ ଚର୍ଚ୍ଚା ହେଉଛି।

# ପୋଖରୀରେ ବୁଡ଼ି ବାପା, ଝିଅ ମୃତ

ଢେଙ୍କାନାଳ,୨୨।୯ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ବାଇଶିଆଁ ପଞ୍ଚାୟତ ଆମ୍ବବାହାଳି ଗ୍ରାମରେ ଶୁକ୍ରବାର ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଗ୍ରାମର ମହେଶ୍ୱର ନାୟକ(୪୨) ଓ ତାଙ୍କ ଝିଅ ମନ୍ଦାକିନୀ ନାୟକ(୮)ଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଅପରାହ୍ନରେ ବାପା, ଝିଅ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣରୁ ବୁଡ଼ି ଯାଇଥିଲେ। ଖବରପାଇ ଗଁଦିଆ ଅଗ୍ନିଶମ ସେବା ସଂସ୍ଥାର କର୍ମଚାମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତରମାନେ ବାପା ଓ ଝିଅଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# ଇଷ୍ଟର୍ନ ମିଡିଆ ଆକାଉଣ୍ଟରେ ଜମା ହୋଇଛି ବିପୁଳ ଟଙ୍କା

**ଋଣ ଦୁର୍ନୀତି ମାମଲା**

ଭୁବନେଶ୍ୱର,୨୨।୯ (ସତ୍ୟଜିତ୍ ରାଉତ)

ଇଷ୍ଟର୍ନ ମିଡିଆ ଲିମିଟେଡ୍‌ର ଦୈନିକ ଖବରକାଗଜ ସମ୍ବାଦରେ କର୍ମଚାରୀଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଣ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଖୋଳତାଡ଼ ଜାରି ରଖିଛି। ଗତ କିଛିବର୍ଷ ମଧ୍ୟରେ ଇଷ୍ଟର୍ନ ମିଡିଆ ଲିମିଟେଡ/ସମ୍ବାଦର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ବିପୁଳ ଟଙ୍କା ଜମା ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ଶୁକ୍ରବାର ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ଯାଞ୍ଚବେଳେ ଏହା ଜଣାପଡ଼ିଥିବା ସୂଚନା ଦିଆଯାଇଛି। ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି ଯେ, ଗୁରୁବାର ଇଓଡବ୍ଲ୍ୟୁର ଏକ ଟିମ୍ ସମ୍ବାଦ ଅଫିସରେ ଯାଞ୍ଚ କରିଥିଲା। ହେଲେ ଏହି ସମୟରେ ସମ୍ବାଦ ଅଧିକାରୀ ତଥା କର୍ମଚାରୀମାନେ ତଦନ୍ତରେ ସହଯୋଗ କରି ନ ଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ତଥା ଦସ୍ତାବିଜ୍ ମିଳି ନ ଥିଲା। କିଛି ସନ୍ଦେହଜନକ ଦସ୍ତାବିଜ୍‌କୁ ଦେବା ପାଇଁ ସମ୍ବାଦ ଅଧିକାରୀମାନେ ଇଓଡବ୍ଲ୍ୟୁ ଟିମ୍‌କୁ ମନା କରିଦେଇଥିଲେ। ସଂସ୍ଥାର ଆକାଉଣ୍ଟ ଓ ଏଚ୍‌ଆର୍ ସେକ୍ସନ୍‌ର କିଛି ପ୍ରାସଙ୍ଗିକ କମ୍ପ୍ୟୁଟର୍ ଫାଇଲ୍‌ର କପି ନେବା ପାଇଁ ଇଓଡବ୍ଲ୍ୟୁ ଚାହିଁଥିଲେ ମଧ୍ୟ ସଂସ୍ଥା ପକ୍ଷରୁ ବାରଣ କରାଯାଇଥିଲା। ଏଭଳି ପରିସ୍ଥିତିରେ କିଛି ହାର୍ଡଡିସ୍କକୁ ଜବତ କରିବାକୁ ଇଓଡବ୍ଲ୍ୟୁ ଟିମ୍ ବାଧ୍ୟ ହୋଇଥିଲେ ବୋଲି କୁହାଯାଇଛି। ତଦନ୍ତ ସମୟରେ ସମ୍ବାଦର ଆଉ କେତେଜଣ ପୀଡ଼ିତ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ସେମାନେ ଏଡଲାକାରୀ ଅସୀମ ମହାପାତ୍ରଙ୍କ ଅଭିଯୋଗକୁ ପ୍ରମାଣ କରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ବାଦର ଋଣ ଜାଲିଆତିର ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଇଓଡବ୍ଲ୍ୟୁର ପ୍ରେସ୍ ବିବୃତିରେ ଆହୁରି ଦର୍ଶାଯାଇଛି ଯେ, ଇଷ୍ଟର୍ନ ମିଡିଆ ସଂସ୍ଥା ଦରମା ପରିମାଣକୁ ଏପଟସେପଟ କରିଥିବା ଏବଂ ଇପିଏଫ୍ଓ ଓ ଇଏସ୍ଆଇସି ଡିପୋଜିଟ୍ କରି ନ ଥିବା କେତେଜଣ ପୀଡ଼ିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଇଓଡବ୍ଲ୍ୟୁ ଦୃଷ୍ଟି ଦେବା ସହ ସଂସ୍ଥାଠାରୁ ସୂଚନା ମଗାଯାଇଥିବା କୁହାଯାଇଛି। ସେପଟେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ୩ ଅଧିକାରୀଙ୍କୁ ଗୁରୁବାର ଇଓଡବ୍ଲ୍ୟୁ ପଚରାଉଚରା କରିଥିଲା। ଶୁକ୍ରବାର ମଧ୍ୟ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ଉକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୨ଜଣଙ୍କୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

# ବିର୍ଲା ଟାୟାର୍ସ ଖୋଲିବା ନେଇ ଆଶା ସଞ୍ଚାର

**୪ରେ ଏନ୍‌ସିଏଲ୍‌ଟିର ନିର୍ଦ୍ଦେଶକୁ ଅପେକ୍ଷା**

ବାଲେଶ୍ୱର,୨୨।୯ (ମାନସ ବିଶ୍ୱାଳ)

ଦୀର୍ଘ ଦିନ ହେବ ବନ୍ଦ ପଡ଼ିଥିବା ବାଲେଶ୍ୱର ଜିଲାର ବୃହତ୍ ଶିଳ୍ପ ବିର୍ଲା ଟାୟାର୍ସ ଚାଲୁହେବା ନେଇ ଆଶା ସଞ୍ଚାର ହୋଇଛି। ଆସନ୍ତା ଅକ୍ଟୋବର ୪ ତାରିଖରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) କୋଲକାତା ଶାଖାରେ କମ୍ପାନୀ ସମ୍ପର୍କିତ ମାମଲାର ପ୍ରାୟ ଚୂଡ଼ାନ୍ତ ବିଚାର ହେବାର ସମ୍ଭାବନା ରହିଛି। ଏଣୁ ଏହି କମ୍ପାନୀ ପୂର୍ବ ଭଳି ଚାଲୁ ହେବା ସମ୍ଭାବନା ଥିବା ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ କହିଛନ୍ତି। ବିର୍ଲା ଟାୟାର୍ସ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକଙ୍କର ଭରଣପୋଷଣରେ ଏକ ମୁଖ୍ୟ ଉତ୍ସ ପାଲଟିଥିଲା। ଗତ ୨୦୧୭-୧୮ଠାରୁ ବିଭିନ୍ନ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ କରୋନା ସମୟରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା। ଏହାସହ କମ୍ପାନୀ ପାଖାପାଖି କାର୍ଯ୍ୟରତ ଶ୍ରମିକଙ୍କ ୩୦କୋଟି ଟଙ୍କା ବାକି ରଖିଥିବା ବେଳେ ଶିଳ୍ପାନୁଷ୍ଠାନରେ ଅସ୍ଥିରତା ଦେଖାଦେଇଥିଲା। ଶ୍ରମିକଙ୍କ ଦରମା ଦେବାରେ କମ୍ପାନୀ ଅସମର୍ଥତା ଦେଖାଇଥିଲା। ପରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ, ଧର୍ମଘଟକୁ ସମ୍ମୁଖୀନ ହେବାକୁ ପଡ଼ିଥିଲା। ଗତ ୨୦୨୧ ମାର୍ଚ୍ଚରୁ କମ୍ପାନୀ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଶ୍ରମିକଙ୍କ ପକ୍ଷରୁ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ରୁଜୁ ହୋଇଥିବା ମାମଲା ବିଚାରାଧୀନ ରହିଛି। ଉକ୍ତ ମାମଲାରେ ମାଟେରିଆଲ ସପ୍ଲାୟରଙ୍କଠାରୁ ଆରମ୍ଭ କରି ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷ ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୮ ହଜାର କୋଟିର ....

ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୫୩କୋଟି, ପଞ୍ଚାୟତକୁ ଆଇଟି ସଂଯୋଗୀକରଣ ପାଇଁ ୨୫୨କୋଟି, ଲିଙ୍ଗଭିତ୍ତିକ ହିଂସା ପୀଡ଼ିତା ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ୩୮କୋଟି, ସଂଖ୍ୟାଲଘୁ ବର୍ଗର ବିବାହକୁ ସହାୟତା ପାଇଁ ୧୫ କୋଟି, ବୟନିକା ଓ ସମ୍ବଲପୁରୀ ବସ୍ତ୍ରାଳୟକୁ ୱାର୍କିଂ କ୍ୟାପିଟାଲ ରିଭଲଭିଂ ଫଣ୍ଡ ପାଇଁ ୨୦କୋଟି ଟଙ୍କା ଲେଖାଏ ବ୍ୟୟବରାଦ ହୋଇଛି। ସେହିପରି ଯାଜପୁର ଓ କଳାହାଣ୍ଡିରେ ନୂଆ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୨୭କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ୫୦୦କୋଟି, ଭିନ୍ନକ୍ଷମ କଲ୍ୟାଣ ପାଇଁ ୨୧୪କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେହିପରି ମୋ ସ୍କୁଲ ଅଭିଯାନକୁ ୨୧୨କୋଟି ଓ ଓଡ଼ିଶା ଆଦର୍ଶ ସ୍କୁଲ ପାଇଁ ୧୦୫.୫୪କୋଟି, ବେସରକାରୀ ହାଇସ୍କୁଲ ପାଇଁ ୬୦୦କୋଟି, ସରକାରୀ ହାଇସ୍କୁଲ ପାଇଁ ୬୪କୋଟି, ବିଶ୍ୱବିଦ୍ୟାଳୟ ଓ କଲେଜର ଭିତ୍ତିଭୂମି ବିକାଶ ପାଇଁ ୨୩୦କୋଟି, ବେସରକାରୀ କଲେଜଗୁଡ଼ିକ ଜିଆଇଏ ବାବଦରେ ୩୦୮କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। କୃଷକ କଲ୍ୟାଣ, ଖାଦ୍ୟ ନିରାପତ୍ତା ଓ ଜଳସେଚନ ପାଇଁ ୪୪୩୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ସାମାଜିକ ସୁରକ୍ଷା ପାଇଁ ୭୭୧ କୋଟି, ସ୍ୱାସ୍ଥ୍ୟସେବା ପାଇଁ ୮୬୨ କୋଟି, ମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ ପାଇଁ ୪୬୯ କୋଟି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୧୧୩୬ କୋଟି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୩୬୫୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଅତିରିକ୍ତ ବିଜେଟରେ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ। ବିତ୍ତୀୟ ନିଅଣ୍ଟ ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୩ ପ୍ରତିଶତ ମଧ୍ୟରେ ରହିବ ବୋଲି ସରକାର ଅନୁମାନ କରିଛନ୍ତି। ୨୦୨୩ ଜୁଲାଇ ସୁଦ୍ଧା ରାଜ୍ୟର ଋଣଭାର ଜିଏସ୍‌ଡିପିର ଅନୁପାତ ୧୦.୨୭ ପ୍ରତିଶତ ଅର୍ଥାତ୍ ୮୮ ହଜାର ୪୮୭ କୋଟି ଟଙ୍କା ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୧.୯୪ ପ୍ରତିଶତ ରହିବ। ଅତିରିକ୍ତ ବଜେଟକୁ ମିଶାଇ ଚଳିତ ଆର୍ଥିକବର୍ଷର ପୁଞ୍ଜିନିବେଶ ଜିଏସ୍‌ଡିପିର ୬ ପ୍ରତିଶତରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି। ସେହିପରି ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ୧୯ ହଜାର ୧୭୧ ଟଙ୍କା ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଚଳିତବର୍ଷ ଖୋଲା ବଜାରରୁ କୌଣସି ଋଣ କରି ନାହାନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ପ୍ରଚଳିତ କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ଅତିରିକ୍ତ ବ୍ୟୟବରାଦ ହୋଇଛି। ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଅତିରିକ୍ତ ବଜେଟ ପାଇଁ ବ୍ୟୟବରାଦ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ୫୦୦ ସିମ୍‌ରୁ ଓଟିପି ...

୨ ବର୍ଷ ହେଲା ଯୋଡ଼ି ହୋଇ ହ୍ୱାଟ୍‌ସଆପ୍, ଟେଲିଗ୍ରାମ୍, ଫେସ୍‌ବୁକ୍, ଟୁଇଟର୍, ଇନ୍‌ଷ୍ଟାଗ୍ରାମ୍, ଫେକ୍ ଆକ୍ଟିଭେଟେଡ୍ ସିମ୍ ଓ ମୁଲ୍ ଆକାଉଣ୍ଟ ଆଦିରୁ ଓଟିପି ଶେୟାର କରି ମାସିକ ୫୦ ହଜାରରୁ ୬୦ ହଜାର ଟଙ୍କା ରୋଜଗାର କରୁଥିଲେ। ସବୁଠାରୁ ବଡ଼ କଥା ହେଲା ତାଙ୍କ ଗାଁର ସବୁ ଯୁବକ ଏହି ସାଇବର ଅପରାଧରେ ସମ୍ପୃକ୍ତ ଥିବା ସେ ଏସ୍‌ଟିଏଫ୍‌କୁ ଜଣାଇଛନ୍ତି।

ସେମାନେ ମଧ୍ୟ ସିମ୍ ଓ ମୋବାଇଲ୍‌କୁ ପ୍ରାୟ ମାସେ ବ୍ୟବହାର କରିବା ପରେ ନଦୀକୁ ଫୋପାଡ଼ି ନଷ୍ଟ କରି ଦେଉଥିଲେ। ପୂର୍ବରୁ ପୁଣେରୁ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ଅଭିଜିତଙ୍କୁ ପଚରାଉଚରାବେଳେ ଇକ୍‌ବାଲଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ଗତ ବୁଧବାର ଏସ୍‌ଟିଏଫ୍ ଟିମ୍ ଇକ୍‌ବାଲ୍‌କୁ ତାଙ୍କ ଗାଁରୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡିଶା ଆଣି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଓଡ଼ିଶାରୁ ପଠାଣିଙ୍କ ସମେତ ପ୍ରୀତମ୍ କର, ସରୋଜ କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ସାହୁ, ସୌମ୍ୟ ପଟ୍ଟନାୟକ ଓ ପୁଣେରୁ ଅଭିଜିତ ସଞ୍ଜୟ ଜମ୍ଭୁର ଗିରଫ ହୋଇ ଜେଲରେ ଥିବାବେଳେ ନିକଟରେ ଏସ୍‌ଟିଏଫ୍ ପକ୍ଷରୁ ସେମାନଙ୍କ ନାମରେ କୋର୍ଟରେ ଚାର୍ଜଶିଟ ଦାଖଲ ହୋଇଛି।

## କେଉଁ ବିଭାଗକୁ କେତେ

| ବିଭାଗ | ଅତିରିକ୍ତ ବ୍ୟୟ ବରାଦ(କୋଟିରେ) |
|---|---|
| ସ୍ୱରାଷ୍ଟ୍ର ବିଭାଗ | ୭୮୦.୮୩ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୭୬.୧୯ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୩୧.୭୪ |
| ଆଇନ ବଭାଗ | ୧୪.୩୩ |
| ଅର୍ଥ ବିଭାଗ | ୨୬୧.୬୨ |
| ବାଣିଜ୍ୟ ବିଭାଗ | ୪.୧୦ |
| ନିର୍ମାଣ ବିଭାଗ | ୩୮୦.୨୬ |
| ଓଡ଼ିଶା ବିଧାନସଭା | ୦.୨୦ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୪୭୯.୦୨ |
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୨୮୮୧.୮୪ |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | ୧୩୫୫.୦୯ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୧୩୨୭.୧୮ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୫୩.୮୦ |
| କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ | ୩୨୦.୯୮ |
| ଯୋଜନା ଓ ସଂଯୋଜନ ବିଭାଗ | ୩.୧୬ |
| ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୪୦୮୩.୦୦ |
| ସାଧାରଣ ଅଭିଯୋଗ ଓ ପେନ୍‌ଶନ୍ ପ୍ରଶାସନ | ୦.୦୩ |
| ଶିଳ୍ପ ବିଭାଗ | ୩୧୭.୯୩ |
| ଜଳ ସମ୍ପଦ ବିଭାଗ | ୨୪୦୬.୬୫ |
| ପରିବହନ ବିଭାଗ | ୭୪୮.୨୯ |
| ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୨୨୫.୦୫ |
| କୃଷି ଓ କୃଷକ ସଶକ୍ତିକରଣ ବଭାଗ | ୬୭୩.୩୯ |
| ଇସ୍ପାତ ଓ ଖଣି ବିଭାଗ | ୩୩.୫୧ |
| ସୂଚନା ଓ ଲୋକସମ୍ପର୍କ ବିଭାଗ | ୫୦.୪୫ |
| ଅବକାରୀ ବିଭାଗ | ୨୪.୭୬ |
| ବିଜ୍ଞାନ ଓ ବୈଷୟିକ ବିଭାଗ | ୧୧.୪୧ |
| ଗ୍ରାମ୍ୟ ଉନ୍ନୟନ ବିଭାଗ | ୮୯୭.୦୭ |
| ସଂସଦୀୟ ବ୍ୟାପାର ବିଭାଗ | ୧୪.୩୩ |
| ଶକ୍ତି ବିଭାଗ | ୨୫୭.୩୯ |
| ହସ୍ତତନ୍ତ, ବୟନଶିଳ୍ପ ବିଭାଗ | ୬୭.୩୬ |
| ପର୍ଯ୍ୟଟନ ବିଭାଗ | ୧୭୫.୯୩ |
| ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୩୮୧.୮୬ |
| ସମବାୟ ବିଭାଗ | ୬୦୫.୪୬ |
| ସରକାରୀ ଉଦ୍ୟୋଗ ବିଭାଗ | ୦.୦୧ |
| ମହିଳା ଓ ଶିଶୁ ବିକାଶ ବିଭାଗ | ୪୭୨.୫୬ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୨୪୭.୭୪ |
| ଉଚ୍ଚଶିକ୍ଷା ବିଭାଗ | ୮୪୧.୫୫ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୨୧୫.୮୩ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୨.୮୬ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | ୭୮୭.୩୨ |
| ବିପର୍ଯ୍ୟୟ ପରିଚାଳନା | ୪୬୯୭.୬୨ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୧୦୧.୯୫ |
| ମିଶନ ଶକ୍ତି ବିଭାଗ | ୭୮୩.୧୬ |
| **ସର୍ବମୋଟ** | **୨୮,୨୦୦.୦୦** |

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ଶାନ୍ତି ପାଇବେ। ନିର୍ମାଣ, ପ୍ରଶାସନିକ ସ୍ତରରେ ଆଲୋଚନା ସ୍ଥଗିତ ରହିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପାରିବାରିକ ଅସ୍ଥିରତା କାରଣରୁ ଅଶ୍ୱିନୀ ନକ୍ଷତ୍ର ମାନସିକ ସ୍ତରରେ ଅଶାନ୍ତ ରହିବେ।

**ବୃଷ** ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। କୃତ୍ତିକା ନକ୍ଷତ୍ରର କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଏଜେନ୍ସିପ୍, ପ୍ରଶାସନରେ ସମସ୍ୟା ଦୂର ହେବ।

**ମିଥୁନ** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ସାଧାରଣ କଥାରେ ଯୁକ୍ତିତର୍କ କରି କଳହକୁ ନିୟନ୍ତ୍ରଣ କରିପାରନ୍ତି। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ଆରଦ୍ରା ନକ୍ଷତ୍ର ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ପାରିବାରିକ ଦ୍ୱନ୍ଦ୍ୱ ମନକୁ ଭାରାକ୍ରାନ୍ତ କରିବ। ଭାବପ୍ରବଣତା ବୃଦ୍ଧି ପାଇବା ହେତୁ ତାହା ସୁଯୋଗ ହରାଇବାରେ ସାହାଯ୍ୟ କରିବ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁଷ୍ୟା ନକ୍ଷତ୍ରର ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** ଆଜି ପ୍ରତ୍ୟେକ କାମ ସମସ୍ୟାବହୁଳ ରହିବ କିନ୍ତୁ ସାମାନ୍ୟ ଡେରିରେ କାମ ସମ୍ପନ୍ନ ହେବ। କୌଣସି ସ୍ଥାନକୁ ଯିବା ସମୟରେ ନିଜର ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ପୂର୍ବାଫାଲଗୁନୀ ନକ୍ଷତ୍ରର ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବ। ଚାକିରି କ୍ଷେତ୍ରରେ ବହୁତ ଦିନରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ।

**କନ୍ୟା** ପ୍ରତ୍ୟେକ ସ୍ତରରୁ ସାହାଯ୍ୟ ଲାଭ କରି ଚେଷ୍ଟା କରୁଥିବା କାମରେ ଆଗ୍ରହ ପ୍ରକାଶ କରିବେ। କର୍ମ କ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଠକାମିରେ ପଡ଼ିବେ। ଷ୍ଟେସନାରୀ ଜିନିଷ, ଧାତୁ ଅଳଙ୍କାର ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ବ୍ୟବସାୟରେ ଅର୍ଥ ସମ୍ପର୍କରୁ ଖୁସି ରହିବେ।

**ତୁଳା** ଆଜି ସକାଳୁ ଘରେ ସାଧାରଣ କଥାରେ ଝଗଡ଼ା ହେବାର ସମ୍ଭାବନା ରହିଛି। ଯାନବାହନରେ ସତର୍କ ରହିବା ଭଲ, ନତୁବା ପର କ୍ଷଣରେ ମନସ୍ତାପ କରିବାକୁ ପଡ଼ିବ। ଆଲୋଚନା, ରାଜନୀତି, ସଭାସମିତିରେ ସଫଳତା ହାସଲ କରିବେ। ଚିତ୍ରା ନକ୍ଷତ୍ର କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ବିଛା** ଅଯଥା ଗୁଡ଼ାଏ ଚିନ୍ତା ମନକୁ ନ ଆଣି କାମରେ ଲାଗି ପଡ଼ିବା ଭଲ ହେବ। ପୂର୍ବରୁ ଆଲୋଚନା କରିଥିବା ଅନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାକୁ ଯାଇ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଜ୍ୟେଷ୍ଠା ନକ୍ଷତ୍ର ମନପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇବେ।

**ଧନୁ** ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ ହେବା କାରଣରୁ ଖୁସି ରହିବେ। ମୂଳା ନକ୍ଷତ୍ର ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ଗୃହ, ଜମିଜମା, ପ୍ଲଟ କାରବାର, ଏଜେନ୍ସିପ୍ ସମ୍ପର୍କୀୟ ଚିନ୍ତା କରିପାରନ୍ତି। ଆପଣଙ୍କ ଅନୁରୋଧ ରକ୍ଷାପୂର୍ବକ ବନ୍ଧୁ କାମଟି କରିଦେବେ।

**ମକର** ଯାହା କରିବାକୁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରିଦେବା ଭଲ ହେବ କିଛି ଅସୁବିଧା ହେବ ନାହିଁ। ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। କୌଣସି ଶୁଭ ମାଙ୍ଗଳିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି। ଧନିଷ୍ଠାନକ୍ଷତ୍ରର ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ।

**କୁମ୍ଭ** ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ ସବୁ କିଛି ଠିକ୍ ଥିଲେ ମଧ୍ୟ ମନରେ ସରସତା ରହିବ ନାହିଁ। ଆର୍ଥିକ ଅନଟନ, କାର୍ଯ୍ୟହାନି, ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ପୂର୍ବଭାଦ୍ରବ ନକ୍ଷତ୍ରର ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ।

**ମୀନ** ଉତ୍ତରଭାଦ୍ରବ ନକ୍ଷତ୍ର ପୂର୍ବକଳ୍ପିତ ନୂତନ ଯୋଜନା କରିବାରେ ମନ ଦେବେ। ନିକଟ ସମ୍ପର୍କୀୟମାନେ କ୍ରମଶଃ ନିକଟତର ହେବାରେ ଲାଗି ପାରନ୍ତି। ବାଦବିବାଦରେ ଆପୋସ ସମାଧାନ ଘଟିବ। ପରିବାରରେ ଅଶାନ୍ତ ଦୂର ହେବାରେ ପାଖ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ରାଧାଷ୍ଟମୀ ଶନିବାର, ଶ୍ରୀମନ୍ଦିରରେ ରାଧାଷ୍ଟମୀ ଓ ସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ସେପ୍ଟେମ୍ବର ୨୩ ତାରିଖ, ଶାରଦୀୟ ସମଦିବସ, ରାଶିନକ୍ଷତ୍ର-ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୧୫ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।



# ରାଜଧାନୀରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୨ା୯(ଅନୁରାଧା ମହାରଣା)

## ୧୦ ଦଫା ଦାବିରେ କମ୍ପିଲା ଲୋୟର ପିଏମ୍‌ଜି

୧୦ ଦଫା ଦାବି ନେଇ ପୁଣି ରାସ୍ତାକୁ ଓହ୍ଲାଇଛନ୍ତି ଅଙ୍ଗନୱାଡ଼ି କର୍ମଚାରୀ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନର ଆହ୍ୱାନ କ୍ରମେ ଶୁକ୍ରବାର ହଜାର ହଜାର ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବିଭିନ୍ନ ବ୍ଲକରୁ ଆସି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାଷ୍ଟରକ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ବିରାଟ ଶୋଭାଯାତ୍ରାରେ ଯାଉଥିବାବେଳେ ବାଟରେ ପୋଲିସ ଅଟକାଇବାରୁ ସେମାନେ ରାସ୍ତାରେ ଧାରଣା ଦେବା ସହ ନାନା ନାରାବାଜି କରିଥିଲେ। ଯଦି ସରକାର ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ଏମିତି ଉଦାସୀନ ରୁହନ୍ତି, ତେବେ ଭବିଷ୍ୟତରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗକୁ ଏକପ୍ରକାର ଅଚଳ କରିଦିଆଯିବ ବୋଲି ଆସୋସିଏଶନର ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର ଓ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ପୂର୍ବରୁ ମଧ୍ୟ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇ ଦାବି ଉତ୍‌ଥାପନ କରିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ବହୁ ଦିନଧରି ରାଜରାସ୍ତାରେ ବସିବା ଫଳରେ ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନା ବାଧାପ୍ରାପ୍ତ ହେଉଛି। ଦାବି ପୂରଣ ନେଇ ସରକାର ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଆନ୍ଦୋଳନକାରୀମାନେ ନାନା ନାରାବାଜି କରିଥିଲେ।

ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସରକାରୀ ମାନ୍ୟତା ନ ମିଳିବା ଯାଏ ଅଙ୍ଗନୱାଡ଼ି କର୍ମୀଙ୍କୁ ମାସିକ ବେତନ ୧୮ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ ସହିତ ଇପିଏଫ୍, ଇଏସ୍‌ଆଇସି ଓ ଗ୍ରାଚୁଇଟିରେ ସାମିଲ୍ କରିବା, ମିନି ଅଙ୍ଗନୱାଡ଼ି କର୍ମୀ ପଦବୀ ଉଚ୍ଛେଦ କରି ମୁଖ୍ୟ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା ଦେବା, ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ପେନସନ ମାସିକ ୫ ହଜାର ଟଙ୍କା, କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କା ସହାୟତା ସହିତ ପରିବାରରୁ ଜଣକୁ ଚାକିରି, ବହିଷ୍କୃତ ୬ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି, ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଦ୍‌ଦେବା, ପୋଷଣ ଟ୍ରାକରେ ଅନ୍‌ଲାଇନ ଲୋକେଶନ ଟ୍ରାକିଂ ବନ୍ଦ ସହ ଗ୍ରୀଷ୍ମ ଛୁଟି ପ୍ରଦାନ କରିବା, ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସସୀମା ନ ରଖି ସମସ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ପ୍ରି-ପ୍ରାଇମେରି ଶିକ୍ଷୟିତ୍ରୀର ମାନ୍ୟତା, ସୁପରଭାଇଜର ପଦବୀରେ ଶତ ପ୍ରତିଶତ ଅଙ୍ଗନୱାଡ଼ି କର୍ମୀଙ୍କୁ ପଦୋନ୍ନତି ଦେବା ଆଦି ଦାବି ରହିଛି।

# ଓଡ଼ିଶାରେ ଏବେ ବାତ୍ୟା ସୂଚନା ନାହିଁ

ଭୁବନେଶ୍ୱର, ୨୨ା୯(ଅସମାପିକା ସାହୁ)

ଓଡ଼ିଶାରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ବାତ୍ୟା ହେବ ବୋଲି ଚର୍ଚ୍ଚା ହେଉଥିବାବେଳେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଏହା ଖଣ୍ଡନ କରିଛି। ଓଡ଼ିଶାରେ ବାତ୍ୟା ନେଇ ଏବେ କୌଣସି ସୂଚନା ନାହିଁ ବୋଲି ଶୁକ୍ରବାର ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଅକ୍ଟୋବର ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ। ଏହି ଲଘୁଚାପଟି ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। କ୍ରମେ ଘନୀଭୂତ ହୋଇ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। କିନ୍ତୁ ଏହାପରେ ବାତ୍ୟା ହେବା ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ। ଏହା କେଉଁ ଉପକୂଳକୁ ଯିବ, କେବେ ଉପକୂଳରେ ପହଞ୍ଚିବ, ଏହାର ପ୍ରଭାବ କ'ଣ ରହିବ ତା'ର ପୂର୍ବାନୁମାନ କରାଯାଇନାହିଁ। ଏହାର ପ୍ରକୃତ ରୂପରେଖ କ'ଣ ହେବ ଲଘୁଚାପ ସୃଷ୍ଟି ହେବା ପରେ ସ୍ପଷ୍ଟ ହେବ। ଅକ୍ଟୋବର ଓଡ଼ିଶା ପାଇଁ ବାତ୍ୟାପ୍ରବଣ ମାସ। ଏହି ମାସରେ ବାତ୍ୟା ହୋଇଥାଏ। ଆମେ ଏହା ଉପରେ ନଜର ରଖିଛୁ। ଲଘୁଚାପ ସୃଷ୍ଟି ହେଲେ ହିଁ ପରବର୍ତ୍ତୀ ରୂପରେଖ ଜଣାପଡ଼ିବ। ଲୋକମାନେ ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମହାପାତ୍ର ପରାମର୍ଶ ଦେଇଛନ୍ତି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ
ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ
DSPL-242
ଅତିବଡ଼ୀ ଜଗନ୍ନାଥ ଦାସ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୩ ସେପ୍ଟେମ୍ବର ୨୦୨୩ ଶନିବାର
ଭଞ୍ଜ କଳାମଣ୍ଡପ ସମ୍ମୁଖ, ଭୁବନେଶ୍ୱର
ସକାଳ ୯.୦୦ ଘଟିକା : ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ
ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଭୁବନେଶ୍ୱର
ଅପରାହ୍ଣ ୫.୩୦ ଘଟିକା : ଭାଗବତ ପାଠ
ସନ୍ଧ୍ୟା ୬.୩୦ ଘଟିକା : ସାରସ୍ୱତ ସଭା
ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପ୍ରେମୀ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ।
ଶୁଚିସ୍ମିତା ମନ୍ତ୍ରୀ
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ
OIPR-03006/13/0001/2324



DSPL-243
5 | ଓଡ଼ିଶା ସରକାର
ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ
ପ୍ରଥମ ପର୍ଯ୍ୟାୟରେ
- ୨୦୮ ଗୋଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ
- ୨.୬୪ ଲକ୍ଷ ହେକ୍ଟର ଜମି ଜଳସେଚିତ
- ୭ଲକ୍ଷ ଚାଷୀ ଉପକୃତ
- ୭୫୦୦ କୋଟି ଟଙ୍କା ବିନିଯୋଗ

ଦ୍ୱିତୀୟ ପର୍ଯ୍ୟାୟରେ
- ଆଉ ୧୭୦ଗୋଟି ପ୍ରକଳ୍ପ ଯୋଜନାଧୀନ
- ୨୨୧୦ କୋଟି ଟଙ୍କା ବିନିଯୋଗରେ
- ୪୧ଟି ପ୍ରକଳ୍ପ ନିର୍ମାଣାଧୀନ





ବିଭିନ୍ନ ଅର୍ଥକାରୀ ଫସଲ ଉତ୍ପାଦନ କରି କୃଷି କ୍ଷେତ୍ରରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବାରେ ସହାୟକ ହୁଅନ୍ତୁ।
ଆପଣଙ୍କ ସେବାରେ
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଜଳସମ୍ପଦ ବିଭାଗ, ଓଡିଶା ସରକାର
OIPR-32001/13/0006/2324

ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **–ଶ୍ରୀମା**



# ପୁନର୍ଗଠନ ଚିନ୍ତା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଟେଲିକମ୍ ସେକ୍ଟରର ପୁନର୍ଗଠନ ଲକ୍ଷ୍ୟରେ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟିଆର୍ଏଆଇ)ଆଇନରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିବାକୁ କେନ୍ଦ୍ର ଚିନ୍ତା କରୁଥିବା ଜଣାପଡ଼ିଛି। ଏହି ସଂଶୋଧନ ବରିଷ୍ଠ କର୍ପୋରେଟ କାର୍ଯ୍ୟନିର୍ବାହୀମାନଙ୍କୁ ଟିଆର୍ଏଆଇର ଅଧ୍ୟକ୍ଷ ହେବାକୁ ସୁଯୋଗ ଦେବ। ପ୍ରମୁଖ ନିୟାମକ ପଦବୀରେ ଅଧିକ ବ୍ୟକ୍ତି ଭାଗ ନେବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ତେବେ ବେସରକାରୀ କ୍ଷେତ୍ରରେ ବୋର୍ଡ ସଦସ୍ୟ କିମ୍ବା ସିଇଓ ଭଳି ଏକ୍ଜିକ୍ୟୁଟିଭ୍ ପଦବୀରେ ସର୍ବନିମ୍ନ ୩୦ ବର୍ଷ ଅଭିଜ୍ଞତା ଥିଲେ ଟିଆର୍ଏଆଇ ଚୟାରମ୍ୟାନ ହୋଇପାରିବେ ବୋଲି ପ୍ରସ୍ତାବିତ ଟେଲିକମ ବିଲ୍ ସ୍ପଷ୍ଟ କରିପାରେ । ଏବେ ଅତି କମ୍‌ରେ ୩ବର୍ଷ ପର୍ଯ୍ୟନ୍ତ ସଚିବ କିମ୍ବା ଅତିରିକ୍ତ ସଚିବ ସମ ସରକାରୀ ପଦବୀରେ ରହିଥିଲେ ଟିଆର୍ଏଆଇ ସଦସ୍ୟ ପଦବୀ ଲାଗି ଯୋଗ୍ୟ ହେଉଛନ୍ତି। ଅଧ୍ୟକ୍ଷଙ୍କ ନିଯୁକ୍ତି ପାଇଁ ସେମିତି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ। ବର୍ତ୍ତମାନର ଟିଆର୍ଏଆଇ ଅଧ୍ୟକ୍ଷ ପି. ଡି.ଭାଗେଲା ଏବଂ ତାଙ୍କ ପୂର୍ବବର୍ତ୍ତୀ ଆର୍. ଏସ୍.ଶର୍ମାଙ୍କ ନିଯୁକ୍ତି ପୂର୍ବରୁ ସେମାନେ ସରକାରୀ ଦାୟିତ୍ୱରେ ଥିଲେ। ତେବେ ଟିଆର୍ଏଆଇର ନେତୃତ୍ୱ ନେବା ଲାଗି ଏହି ପ୍ରସ୍ତାବିତ ସଂଶୋଧନ ସରକାରୀ ସେବା ସହ ବେସରକାରୀ କ୍ଷେତ୍ରର ଶୀର୍ଷ ଅଧିକାରୀଙ୍କ ପାଇଁ ବାଟ ଫିଟାଇଦେଇଛି। ଟିଆର୍ଏଆଇ ଅଧିନିୟମ ୧୯୯୭ର ଧାରା ୪ରେ ସଂଶୋଧନ ହେଲେ ତାହା ଟେଲିକମ, ଶିଳ୍ପ, ଅର୍ଥ, ଆକାଉଣ୍ଟାନ୍ସି, ଆଇନ, ପରିଚାଳନା କିମ୍ବା ଉପଭୋକ୍ତା ବ୍ୟାପାରରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିବିଶେଷଙ୍କୁ ନିୟାମକ ସଂସ୍ଥାର ମୁଖ୍ୟ ଭାବରେ ନିଯୁକ୍ତ କରିବାର ଅଧିକାର କେନ୍ଦ୍ରକୁ ପ୍ରଦାନ କରିବ।

### ଉଚ୍ଚନ୍ୟାୟାଳୟଙ୍କ ହସ୍ତକ୍ଷେପ

ନିକଟରେ କର୍ନାଟକ ହାଇକୋର୍ଟଙ୍କ ଦ୍ୱାରା ପ୍ରକାଶିତ ଏକ ରାୟରେ ଉତ୍ତରଦାୟିତ୍ୱର ଜଟିଳତା ଏବଂ ଆଇନର ଶାସନ ଉପରେ ଧ୍ୟାନ ଦିଆଯାଇଛି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ (ଆର୍‌ଡିପିଆର୍) ବିଭାଗରେ ହୋଇଥିବା ଆର୍ଥିକ ଅନିୟମିତତାକୁ ନେଇ ୩ଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ଚାଲିଥିବା ଆପରାଧିକ ବିଚାର ଏବଂ ତଦନ୍ତକୁ କୋର୍ଟ ବନ୍ଦ କରି ଦେଇଛନ୍ତି। ଅର୍ଥର ଅପବ୍ୟବହାର ଯୋଗୁ ରାଜ୍ୟ ରାଜସ୍ୱକୁ ୨୬୯ କୋଟି ଟଙ୍କା କ୍ଷତି ପହଞ୍ଚାଇବା କାରଣରୁ ଆର୍‌ଡିପିଆର ବିଭାଗର ୩ଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ସମେତ ମୋଟ ୬ଜଣଙ୍କ ବିରୋଧରେ ଅଭିଯୋଗର ମାମଲା ଦାଏର କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ସାଧାରଣରେ ଦୃଷ୍ଟି ଆକର୍ଷଣ କରିଛି ; ଯେହେତୁ ୩ଜଣ ପୂର୍ବତନ ପ୍ରମୁଖ ସଚିବ ଅମିତା ପ୍ରସାଦ, ଟି.ଏମ୍. ବିଜୟ ଭାସ୍କର ଏବଂ ଇ.ଭି. ରାମନା ରେଡ୍ଡି ଏହି ମାମଲାରେ ଜଡ଼ିତ ଅଛନ୍ତି। ବିଚାର ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଏହି ଅଧିକାରୀମାନେ ଦାଖଲ କରିଥିବା ଏକ ଆବେଦନ ଉପରେ ହାଇକୋର୍ଟ କହିଛନ୍ତି ଯେ, ଦକ୍ଷ ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ୟକ୍ତିଗତ ଅଭିଯୋଗକୁ ଭିତ୍ତିକରି ଅଧିକାରୀଙ୍କ ବିରୋଧରେ ବିଚାର କରିବା ବିଷୟ ସ୍ୱତନ୍ତ୍ର ଅଦାଲତ ଜାଣିପାରି ନ ଥିଲେ। ଆବେଦନକାରୀ ଅଧିକାରୀମାନେ ଦାବି କରିଥିଲେ ଯେ, ସେହି ସମୟରେ ସେମାନେ ସରକାରୀ କର୍ମଚାରୀ ଥିଲେ ଓ ସେମାନଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ମଞ୍ଜୁରୀପ୍ରାପ୍ତ କରିବା ଅନିବାର୍ଯ୍ୟ ଥିଲା। କୌତୂହଳର ବିଷୟ, ହାଇକୋର୍ଟଙ୍କ ରାୟ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିର୍ଦ୍ଦୋଷ କରିନାହିଁ କିମ୍ବା ସେମାନଙ୍କୁ ଅଭିଯୋଗରୁ ମୁକ୍ତ କରି ନାହିଁ।

### କ୍ଷମତା ଲଢ଼େଇ

ଉତ୍ତରପ୍ରଦେଶରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱ ସମୟରେ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ କ୍ଷମତା ଲଢ଼େଇ ପୁଣି ଥରେ ଚର୍ଚ୍ଚାର ବିଷୟ ପାଲଟିଛି। ୟୁପିରେ ବିକାଶ ଏବଂ ଆଇନ ଶୃଙ୍ଖଳା ସମୀକ୍ଷା କରିବା ଲକ୍ଷ୍ୟରେ ଜାରି ଏକ ନୂତନ ନିର୍ଦ୍ଦେଶାବଳୀ ଆଇପିଏସ୍ ର୍ୟାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଗତ ମାସରେ ୟୁପିର ମୁଖ୍ୟ ଶାସନ ସଚିବ ଦୁର୍ଗା ଶଙ୍କର ମିଶ୍ର ଏକ ଆଦେଶ ଜାରି କରି କହିଥିଲେ ଯେ, ଜିଲା ମାଜିଷ୍ଟ୍ରେଟ (ଡିଏମ୍) ୭୫ଟି ଜିଲା ମଧ୍ୟରୁ ୬୮ ଟିରେ ଆଇନ ଶୃଙ୍ଖଳା ନିରୀକ୍ଷଣ ଦାୟିତ୍ୱ ଗ୍ରହଣ କରିବେ। ଅର୍ଥାତ୍ ବରିଷ୍ଠ ପୋଲିସ ଅଧିକାରୀ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ, ଓକିଲ ଏବଂ ଷ୍ଟେଶନ ହାଉସ ଅଫିସର (ଏସ୍ଏଚ୍ଓ )ଙ୍କ ଉପସ୍ଥିତିରେ ଡିଏମ୍‌ମାନେ ପ୍ରତି ମାସରେ ଆଇନଶୃଙ୍ଖଳା ବୈଠକଗୁଡ଼ିକରେ ଅଧ୍ୟକ୍ଷତା କରିବେ। ଅବଶିଷ୍ଟ ୭ଟି ଜିଲା ଆଗ୍ରା, ଗାଜିଆବାଦ, କାନପୁର, ଲକ୍ଷ୍ନୌ, ନୋଏଡା, ପ୍ରୟାଗରାଜ ଏବଂ ବାରାଣସୀର ପୋଲିସ କମିଶନରେଟ ବ୍ୟବସ୍ଥାରେ ପୋଲିସ କମିଶନରମାନେ ଦାୟୀ ରହିବେ। ଏହି ନିର୍ଦ୍ଦେଶ ପରେ ୟୁପିର ବରିଷ୍ଠ ପୋଲିସ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ବାଧ ହୋଇଥିଲେ। ଏହାର କିଛି ଘଣ୍ଟା ମଧ୍ୟରେ ଯୋଗୀ ଆଦିତ୍ୟନାଥ ଏହି ଆଦେଶକୁ ପ୍ରତ୍ୟାହାର କରିନେଲେ। ସୂତ୍ରରୁ ପ୍ରକାଶ, ୨୦୧୭ରେ ବି ଏକ ସମାନ ପ୍ରକାର ଆଦେଶ ଜାରି ହୋଇଥିଲା ଏବଂ ଆଇପିଏସ୍ ସ୍ତରରୁ ତୀବ୍ର ବିରୋଧ ହେବାପରେ ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଇଥିଲା । ତା'ପରେ ପରବର୍ତ୍ତୀ ବର୍ଷ ଏକ ସରକାରୀ ଆଦେଶରେ ଜିଲା ପୋଲିସ ମୁଖ୍ୟମାନେ ଏସ୍ଏଚ୍ଓଙ୍କୁ ନିଯୁକ୍ତ କରିବା ସମୟରେ ଡିଏମ୍‌ମାନଙ୍କ ସହିତ ପରାମର୍ଶ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲ। ଏହି ନିର୍ଦ୍ଦେଶନାମା ମଧ୍ୟ ଅନେକ ଜିଲାରେ ବିବାଦ ସୃଷ୍ଟି କରିବା ସହ ଆଇଏଏସ୍ ଓ ଆଇପିଏସ୍ ମଧ୍ୟରେ ଉତ୍ତେଜନାକୁ ତୀବ୍ର କରିଥିଲା । ତେବେ ଏବକାର ନୂତନ ଅଧ୍ୟାୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ମଧ୍ୟରେ ଗଭୀର ବିଶ୍ୱାସ ଜନ୍ମାଇଛି ଯେ, ରାଜ୍ୟ ପୋଲିସର କ୍ଷମତାକୁ ଛଡ଼ାଇ ନେବା ପାଇଁ ଆଇଏଏସ୍ ଲବିର ଏହା ଆଉ ଏକ ପ୍ରୟାସ।


Email: dilipcherian@gmail.com

# ସରକାରୀ କର୍ମଚାରୀଙ୍କ ବଦଳି ସମସ୍ୟା



**ସୁଧୀର କୁମାର ନାୟକ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ପ୍ରତ୍ୟେକ ଶ୍ରେଣୀ ବା ବର୍ଗର କର୍ମଚାରୀମାନଙ୍କ ପାଇଁ ବଦଳି ଏକ ଶୃଙ୍ଖଳିତ ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ ବଦଳି ନିୟମାବଳୀ ଓ ରାଜ୍ୟ ସରକାରଙ୍କ ନିୟମାବଳୀ ଏକା ହୋଇ ନ ଥାଏ। ଏହା କେତେକ ବିଭାଗରେ ସ୍ୱତନ୍ତ୍ର ଅଲଗା କାର୍ଯ୍ୟକାରୀ ହୋଇଥାଏ। ଦୀର୍ଘଦିନ ଧରି କାର୍ଯ୍ୟକାରୀ ହୋଇଆସୁଥିବା ଓଡ଼ିଶା ସରକାରୀ କର୍ମଚାରୀଙ୍କ ସେବା ନିୟମାବଳୀକୁ ସରକାର ବିଭିନ୍ନ ବିଭାଗର ନିଯୁକ୍ତି ଏବଂ ପରିଚାଳନା ନିମନ୍ତେ ସାଧାରଣ ପ୍ରଶାସନ ଓଡ଼ିଶା ଗେଜେଟ୍ ନଂ.– ୪୭୫୭/୧୯୫୯ରେ ପ୍ରଣୟନ କରିଥିଲେ। ସେହିପରି ଠିକା ନିଯୁକ୍ତି କର୍ମଚାରୀଙ୍କ ପାଇଁ ବିଭାଗଗୁଡ଼ିକ ସମୟକୁ ସମୟ ସ୍ୱତନ୍ତ୍ର ନୀତିନିୟମ ପ୍ରଚଳିତ କରିଥାନ୍ତି। ତାଙ୍କର ନିଯୁକ୍ତି ଏବଂ କାର୍ଯ୍ୟକାଳ ବଦଳି ସାଧାରଣ ନିୟମିତ କର୍ମଚାରୀଙ୍କଠାରୁ ଅଲଗା ଥାଏ। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ମଧ୍ୟରେ ବଦଳି ଏକ ଯନ୍ତ୍ରଣାଦାୟକ ଆଦେଶ ନୁହେଁ। କିନ୍ତୁ କେଉଁ ପରିସ୍ଥିତିରେ ଜଣେ କର୍ମଚାରୀ ବଦଳି ଆଦେଶ ପାଇ ଖୁସି ହୋଇଥାଏ ତ କେଉଁ ପରିସ୍ଥିତିରେ କଷ୍ଟ ଅନୁଭବ କରେ, ତାହା ବିଭିନ୍ନ କାରଣ ଦାୟୀ। ଓଡ଼ିଶା ସରକାରଙ୍କ ଓଏସ୍‌ସି–ରୁଲ୍–୧୯, ୬୮, ୯୬ରେ କର୍ମଚାରୀମାନଙ୍କ ବଦଳି ଆଦେଶରେ ଉଲ୍ଲେଖ ଅଛି। ସାଧାରଣ ଜଣେ କର୍ମଚାରୀଙ୍କର ପଦୋନ୍ନତି ହେଲେ ବଦଳି ହୋଇ ଅନ୍ୟ ସ୍ଥାନକୁ ଯାଇଥାନ୍ତି। କୌଣସି ସରକାରୀ କର୍ମଚାରୀ ଯଦି କାର୍ଯ୍ୟରେ ଅବହେଳା କରନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଖରାପ ବ୍ୟବହାର ଦେଖାନ୍ତି, ଜନସାଧାରଣଙ୍କ ଅଭିଯୋଗ ଥାଏ, ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଆଦେଶକୁ ପାଳନ କରି ନ ଥାନ୍ତି କିମ୍ବା କୌଣସି ଅନୈତିକ କାମରେ ଲିପ୍ତ ଥା'ନ୍ତି ତାଙ୍କୁ କାରଣଦର୍ଶାଅ ନୋଟିସ ସହ କାର୍ଯ୍ୟରୁ ନିଲମ୍ବନ କରାଯାଇ ଅନ୍ୟତ୍ର ବଦଳି କରାଯାଏ। ସେହି ସମୟରେ ତାଙ୍କର ମୋଟ୍ ଦରମାର ଅଧା ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ସହ ମିଳିଥାଏ। ଓଡ଼ିଶା ସି.ସି.ଏ. ରୁଲ୍–୪୯ ଏବଂ ଏଫ୍.ଡି.–୨୨୦୮(୧୯୫୫) ସାଧାରଣ ତାଙ୍କ ବିରୁଦ୍ଧରେ କାର୍ଯ୍ୟକାରୀ ହୁଏ। ପରବର୍ତ୍ତୀ ସମୟରେ ନିଜର ଦୋଷ ସ୍ୱୀକାର ସହ କ୍ଷମାପ୍ରାର୍ଥନା କରି ଲିଖିତ ଦେଲେ କର୍ତ୍ତୃପକ୍ଷ ସନ୍ତୋଷ ଅନୁଭବ କଲେ ନିଲମ୍ବନ ଆଦେଶକୁ ଉଠାଇ ପୁନଃ କାର୍ଯ୍ୟରେ ନିଯୁକ୍ତି ପାଇଁ ଆଦେଶ ଦିଅନ୍ତି। କିନ୍ତୁ ଯଦି ସଂପୃକ୍ତ କର୍ମଚାରୀଙ୍କୁ କର୍ତ୍ତୃପକ୍ଷ ଇଚ୍ଛାକୃତ ଭାବରେ ହେଳା କରନ୍ତି ବା ନିଲମ୍ବନ ଆଦେଶକୁ ଗଡ଼ାଇ ଚାଲନ୍ତି ଏ ପରିସ୍ଥିତିରେ କ୍ଷତିଗ୍ରସ୍ତ କର୍ମଚାରୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇପାରନ୍ତି। ଏପରି ସମସ୍ୟା ପୂର୍ବରୁ ସ୍ୟାଟ୍ ବୁଝୁଥିଲେ। ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ



ଏହି ମାମଲା ରୁଜୁ ହୋଇ ବୁଝାଯାଉଛି। ଏହି ପରିସ୍ଥିତିରେ ନିଲମ୍ବିତ କର୍ମଚାରୀଙ୍କ ପିଲାମାନଙ୍କ ପାଠପଢ଼ା, ପରିବାର ସଦସ୍ୟଙ୍କ ଚିକିତ୍ସା, ଔଷଧ ଖର୍ଚ୍ଚ, ଗୃହ ଚଳାଇବା ଖର୍ଚ୍ଚ ଆଦି ଉପରେ ସମସ୍ୟା ଆସିଥାଏ, ପରିବାରରେ ଅଶାନ୍ତି ଲାଗିରହେ। ଏଣୁ ନିଲମ୍ବିତ ପରବର୍ତ୍ତୀ ପୁନଃ ନିଯୁକ୍ତି ବ୍ୟବସ୍ଥାର ସମୟ ଅବଧି ଅନ୍ତତଃ କେତେଦିନ ହେବା ଉଚିତ ଏବଂ ତାହାକୁ କର୍ତ୍ତୃପକ୍ଷମାନେ ଆଇନଗତ ମାନିବା ଉଚିତ, ପୁରୁଣା ନିୟମାବଳୀ ସଂଶୋଧିତ ହୋଇ ନୂତନ ନିୟମାବଳୀ ଯୋଗ କରିବାର ଆବଶ୍ୟକତା ଅଛି।

ଭାରତ ସରକାରଙ୍କ ସାମ୍ବିଧାନିକ ଧାରା–୩୦୯ରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀ ନିଯୁକ୍ତି ଏବଂ ସେମାନଙ୍କ ଆଇନଗତ ପରିଚାଳନା ଉପରେ ଉଲ୍ଲେଖ ଅଛି। ସେହିପରି ଧାରା–୩୧୦, ୩୧୧ରେ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାମ କରିବା, ସେମାନଙ୍କ ଉପରେ ରାଜ୍ୟ ସରକାରଙ୍କ କେଉଁ କେଉଁ ବିଷୟରେ ନିୟନ୍ତ୍ରଣ ରହିବ ଏବଂ କେତେକ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କୌଣସି ପଦବୀର କ୍ଷତି କଲାପରି କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ତାହା ନିର୍ଦ୍ଦେଶ ଅଛି। କିନ୍ତୁ କେତେକ କ୍ଷେତ୍ରରେ କିଛି ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କ ଖାମଖିଆଲି ନୀତିବିରୁଦ୍ଧ କାର୍ଯ୍ୟ ଥାଇବି ଉପଯୁକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଏପରିକି ସାଧାରଣ ବଦଳି ବି କରିବା ସମ୍ଭବ ହୁଏନାହିଁ। ଏପରି ସ୍ଥିତିରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାରଙ୍କ ନିଯୁକ୍ତିପ୍ରାପ୍ତ ସବୁବର୍ଗର କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିବର୍ତ୍ତିତ ସମୟ ଉପଯୋଗୀ ନିୟମାବଳୀର ଆବଶ୍ୟକତା ଅଛି।

ବଦଳି ଏକ ମୌଳିକ ପ୍ରଶାସନିକ ବ୍ୟବସ୍ଥା। ଏହା କର୍ମଚାରୀଙ୍କର ମୌଳିକ ଅଧିକାର ନୁହଁ। ୨୦୨୨ ମାର୍ଚ୍ଚ ୧୩ରେ ସୁପ୍ରିମ୍‌କୋର୍ଟ ଏକ କେସ୍ ବିଚାରକରି ଏପରି ଶୁଣାଣି କରିଥିଲେ। ତେବେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବଦଳି ନିୟମାବଳୀର ଅପବ୍ୟବହାର ହେଉଥିବାର ବହୁ ଅଭିଯୋଗ ଆସିଥାଏ। କର୍ମଚାରୀଙ୍କ ଲେଭଲ ଆଧାରରେ ବ୍ଲକ, ସଦର ମହକୁମା, ଜିଲା ଏବଂ ରାଜ୍ୟ ବିଭାଗୀୟ ମୁଖ୍ୟାଳୟ, ନିର୍ଦ୍ଦେଶାଳୟ, ସଚିବାଳୟମାନଙ୍କରେ ବଦଳି କମିଟି ଗଠନ କରାଯାଇଥାଏ। କର୍ମଚାରୀମାନଙ୍କ ସମସ୍ୟା କେଉଁ ସ୍ଥାନରେ କେତେଦିନ ରହିଛନ୍ତି, କେଉଁ ସ୍ଥାନକୁ ଯିବାପାଇଁ ଚାହୁଁଛନ୍ତି ସେମାନେ ଲିଖିତ ନିବେଦନ ସପ୍ତାହର ପ୍ରତ୍ୟେକ ସୋମବାର କର୍ତ୍ତୃପକ୍ଷଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ଉପସ୍ଥାପନ କରିପାରିବେ। କିନ୍ତୁ ଦୁର୍ଭାଗ୍ୟର କଥା ଅଭିଯୋଗ ଶୁଣାଣି ଓ ଏହାର ସମାଧାନ ପ୍ରକ୍ରିୟାର ମନ୍ଥରତା ଏବଂ ହାର ଅତି ନଗଣ୍ୟ। ଏପରି ଲିଖିତ ନିବେଦନ ବାରମ୍ବାର କରି ମଧ୍ୟ ଆବେଦନକାରୀ କର୍ମଚାରୀ କୌଣସି ସୁଫଳ ପାଇପାରୁନାହାନ୍ତି। ଅଭିଯୋଗ ଆସେ ଜଣେ ଦକ୍ଷ, ଦାୟିତ୍ୱବାନ୍ କର୍ମଚାରୀ ତାଙ୍କର କୌଣସି କାର୍ଯ୍ୟରେ ଅବହେଳା ନ ଥାଇ ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି, ନେତାଙ୍କ ଆକ୍ରୋଶର ଶିକାର ହୋଇ ବାରମ୍ବାର ବଦଳି ନିର୍ଯାତନା ପାଉଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବଦଳି ତାଲିକା ବଦଳି ନିୟମାବଳୀକୁ ଗୁରୁତ୍ୱ ଦିଆ ନ ଯାଇ ପ୍ରସ୍ତୁତ କରାଯାଉଛି। କିଛି କର୍ମଚାରୀ ଏପରି ବଦଳି ଆଦେଶ ପାଇବା ପାଇଁ ଅସାଧୁ ଅଧିକାରୀମାନଙ୍କୁ ବିଭିନ୍ନ ବାଟରେ ସନ୍ତୁଷ୍ଟ କରିବାକୁ ପଡ଼େ ବୋଲି କହିଥାନ୍ତି। କେତେକ କ୍ଷେତ୍ରରେ ବଦଳି ଆଦେଶକୁ ଅସ୍ତ୍ରକରି କିଛି କର୍ମଚାରୀଙ୍କୁ ତ୍ରୁଟି ନ ଥାଇ ମଧ୍ୟ ଶହ ଶହ କିଲୋମିଟର ଦୂରତ୍ୱକୁ ସ୍ଥାନାନ୍ତର କରାଯାଏ। କିଛି କର୍ମଚାରୀଙ୍କୁ ଆକ୍ରୋଶମୂଳକ ଭାବେ ବାରମ୍ବାର ବଦଳି କରି ମାନସିକ ନିର୍ଯାତନା ମଧ୍ୟ ଦିଆଯାଇଥାଏ।

ଯେଉଁ କର୍ମଚାରୀମାନେ ଦୀର୍ଘଦିନ ଧରି ନିଜ ବ୍ଲକ କିମ୍ବା ଜିଲା ବାହାରେ ରହି କାମ କରୁଛନ୍ତି ସେମାନେ ଇଚ୍ଛା କରୁଥିବା ସ୍ଥାନକୁ ବଦଳି କରାଗଲେ କୌଣସି ଅସୁବିଧା ନାହିଁ। ସରକାରୀ ଚାକିରି କରୁଥିବା କର୍ମଚାରୀମାନଙ୍କ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ପିଲାମାନଙ୍କ ପାଠ ପଢ଼ାପଢ଼ି ସମସ୍ୟା ମଧ୍ୟ ଅଛି। ସମସ୍ତେ ସପରିବାର ନେଇ କର୍ମସ୍ଥାନରେ ରହୁନାହାନ୍ତି। ଗାଁରେ ରହୁଥିବା ବୃଦ୍ଧ ମାତାପିତାଙ୍କ ପ୍ରତି ମଧ୍ୟ ତାଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ଅଛି। ସବୁ ଚାକିରିଆଙ୍କ ସମ୍ବଳ ନ ଥାଏ ବାହାରେ ଜାଗା କ୍ରୟକରି ଘର କରି ରହିବା। କିଛି ନିମ୍ନ ବେତନଭୋଗୀ କର୍ମଚାରୀ ଘରଭଡ଼ା ନେଇ ନିଜ ସଦର ମହକୁମାରେ ରହନ୍ତି ଏବଂ ସମୟକୁ ସମୟ ଗାଁକୁ ଆସି ନିଜ ପରିବାରର ସମସ୍ତ କଥା ବୁଝନ୍ତି। ଚାକିରି ଶେଷଆଡ଼କୁ ଯଦି କୌଣସି କର୍ମଚାରୀ ନିଜ ଗାଁ ବା ଜିଲା ପାଖକୁ ବଦଳି ହୋଇ ଆସିବା ପାଇଁ ଚାହାନ୍ତି, ତେବେ ସରକାର ଏବଂ ବିଭାଗର କର୍ତ୍ତୃପକ୍ଷ ତାଙ୍କ ପ୍ରତି ସକାରାତ୍ମକ ବିଚାର କରନ୍ତୁ। ବଦଳି ଜଣେ ଶୃଙ୍ଖଳିତ ଚାକିରିଆଙ୍କ ପାଇଁ ଯେତିକି ମହତ୍ତ୍ୱପୂର୍ଣ୍ଣ ସେତିକି ନିର୍ଯାତନାମୁକ୍ତ ହେଉ।

**ଶ୍ୟାମପୁର, ଧାମନଗର, ଭଦ୍ରକ**
**ମୋ–୯୯୩୮୦୮୦୨୯୪**

# ଶିକ୍ଷା ଓ ଶୃଙ୍ଖଳା



**ବିଶ୍ୱନାଥ ସାହୁ**

ଏବେ ବିଦ୍ୟାର୍ଥୀମାନଙ୍କୁ ଶିଷ୍ୟ କୁହାଯାଉନାହିଁ, ତା'ର ଯଥାର୍ଥତା ରହିଛି। ଯେ ଶାସନର ଯୋଗ୍ୟ, ସେ ହେଉଛି ଶିଷ୍ୟ। ବର୍ତ୍ତମାନର ବିଦ୍ୟାର୍ଥୀମାନଙ୍କୁ ଶାସନ କରିବାର ଆବଶ୍ୟକତା ନାହିଁ। ସେମାନଙ୍କୁ ଛାତ୍ର କୁହାଯିବା ଯଥାର୍ଥ। ଛାତ୍ର ଶବ୍ଦକୁ ବିଶ୍ଳେଷଣକଲେ ଜଣାଯାଏ, ଛତ୍ରୟତି ଇତି ଛାତ୍ର, ଅର୍ଥାତ୍ ଯେ ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାରେ ଛତ୍ର ସଦୃଶ, ସେ ହିଁ ଛାତ୍ର ପଦବାଚ୍ୟ। ବିଶେଷ ବ୍ୟାଖ୍ୟାକଲେ ଏହା ବୁଝାପଡ଼ିବ ଯେ, ଯେଉଁମାନେ ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇ ସମୃଦ୍ଧ କରିପାରନ୍ତି, ସେମାନେ ହେଲେ ଛାତ୍ର ସମାଜ। ଶିକ୍ଷାର ପ୍ରକୃତ ଉନ୍ନତି ବା ପ୍ରଗତି ଛାତ୍ରସମାଜ ଉପରେ ନିର୍ଭରକରେ।

ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରମୁଖ ଅଙ୍ଗ ହେଲେ ଛାତ୍ର ସମାଜ। କେବଳ ଛାତ୍ର ସମାଜକୁ ନେଇ ଶିକ୍ଷା ବ୍ୟବସ୍ଥା ମଜଭୁତ ହୋଇପାରିବ ନାହିଁ। ଅନ୍ୟାନ୍ୟ ପ୍ରମୁଖ ଅଙ୍ଗ ହେଲେ ଶିକ୍ଷକ, ଶିକ୍ଷା ପ୍ରଣାଳୀ ଓ ଅଭିଭାବକ। ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ସମସ୍ତଙ୍କର ମିଳିତ ସହଯୋଗ ତଥା ଗଠନମୂଳକ ଚିନ୍ତାଧାରା ଦ୍ୱାରା ଶିକ୍ଷା କ୍ଷେତ୍ରରେ ପ୍ରକୃତ ଉନ୍ନତି ସାଧିତ ହୋଇପାରିବ। ଛାତ୍ରମାନଙ୍କର ମାନସିକ, ଶାରୀରିକ ତଥା ନୈତିକ ପ୍ରଗତିର ମୂଳାଧାର ହେଉଛି ଶୃଙ୍ଖଳା। ଶୃଙ୍ଖଳା ହେଉଛି ପ୍ରଗତିର ଚାବିକାଠି। ଶୃଙ୍ଖଳା ବିନା ଶିକ୍ଷା ବ୍ୟବସ୍ଥାର ପ୍ରଗତି, ସମୃଦ୍ଧି ବା ବିକାଶ କେବଳ ଦିବାସ୍ୱପ୍ନ।

ତେବେ ପ୍ରଶ୍ନ ଉଠୁଛି, ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନେ କିଭଳି ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଇ ତାଙ୍କର ଭବିଷ୍ୟତ ନିର୍ମାଣ କରିବେ। ପିଲାଟିଏ ଧୀରେ ଧୀରେ ବଡ଼ ହୁଏ। ସେ ପରିବାରରୁ କିଛି ଶିକ୍ଷା ଓ ସଂସ୍କାର ନେଇ ତା'ର ଛାତ୍ରଜୀବନ ଆରମ୍ଭ କରିଥାଏ। ଏଥିପାଇଁ ଛାତ୍ରୀଛାତ୍ରମାନଙ୍କର ଶୃଙ୍ଖଳା ଓ ସଦାଚାର ପାଇଁ ପିତାମାତା, ସମାଜ ଯତ୍ନବାନ୍ ହେବା ଆବଶ୍ୟକ। କଥାରେ କୁହାଯାଇଛି, ପରିବାର ହେଉଛି ପିଲାର ପ୍ରଥମ ବିଦ୍ୟାଳୟ ଏବଂ ମାଆ ହେଉଛି ଆଦ୍ୟ ଶିକ୍ଷକ। ଏହି ପ୍ରସଙ୍ଗରେ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା, ସଦାଚାର, ବିନୟଶୀଳତା ଇତ୍ୟାଦି ଗୁଣଗୁଡ଼ିକ ଗୃହରେ ପିତାମାତା ଦାୟିତ୍ୱ ଓ ନିଷ୍ଠାର ସହ ସେମାନଙ୍କୁ ଶିକ୍ଷାଦେବା ଉଚିତ। ନୈତିକ ମୂଲ୍ୟବୋଧ, ସହନଶୀଳତା, ପରୋପକାରିତା ଏସବୁ ମହାନ୍ ତଥା ଦେବୋପମ ଗୁଣାବଳୀର ପୂର୍ଣ୍ଣ ବିକାଶ ପାଇଁ ଅଭିଭାବକ ଗୋଷ୍ଠୀ ପ୍ରାରମ୍ଭିକ ସ୍ତରରୁ ଯତ୍ନବାନ୍ ହେବା ଉଚିତ। ଏ ପରିପ୍ରେକ୍ଷୀରେ ଶିକ୍ଷକ ସମାଜ ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ସଦାଚାରର ଶିକ୍ଷା ଦେବା ଅତ୍ୟନ୍ତ ସହଜ ଓ ସାବଳୀଳ ହେବ। ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳିତ ଚିନ୍ତାଧାରାର ପରିପ୍ରକାଶ ହେଲେ ହିଁ ସେମାନେ ଶିକ୍ଷାର ମହତ୍ତ୍ୱ ବୁଝିପାରିବେ ଏବଂ ଶିକ୍ଷାୟତନରେ ସେମାନେ ଉପଯୁକ୍ତ ଭାବେ ଅଧ୍ୟୟନକରି ନିଜର ତଥା ଜାତିର ବିକାଶ ପଥରେ ଅଗ୍ରସର ହେବେ।

ଏତେ ସବୁ କହିବାର ତାତ୍ପର୍ଯ୍ୟ ହେଲା, ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳାର ଅଭାବ ପରିଲକ୍ଷିତ ହେଉଛି। ଅଧ୍ୟୟନର ରୁଚି କ୍ରମଶଃ ହ୍ରାସ ପାଉଛି। ଏଥିପାଇଁ ସେମାନଙ୍କୁ ଆମେ ଦାୟୀ କରିପାରିବା ନାହିଁ। ଆମର ସମାଜ ଏଥିପାଇଁ ବହୁ ପରିମାଣରେ ଦାୟୀ। ଛାତ୍ରୀଛାତ୍ରମାନଙ୍କର ନୈତିକ ତଥା ଶୈକ୍ଷିକ ବିକାଶ ପାଇଁ ଛାତ୍ରୀଛାତ୍ର,



ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ମିଳିତ ତଥା ଆନ୍ତରିକ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ।

ବିଦ୍ୟାଳୟ ସ୍ତରରେ ପିଲାଟି ସମ୍ପୂର୍ଣ୍ଣ ନିୟମିତ ତଥା ମନଯୋଗୀ ହେବା ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ସର୍ବଦା ଯୋଗସୂତ୍ର ରହିବା ଆବଶ୍ୟକ। ବିଦ୍ୟାଳୟକୁ ପିଲାଟିଏ ପଠାଇଦେଇ ଅଭିଭାବକ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ହେବା ଉଚିତ ନୁହେଁ। ପିଲାଟିର ବିଭିନ୍ନ ପ୍ରଗତି ସମ୍ବନ୍ଧରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବା ଆବଶ୍ୟକ। ବିଦ୍ୟାଳୟର ପରିବେଶକୁ ସୁନ୍ଦର, ରୁଚିପୂର୍ଣ୍ଣ ତଥା ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଭିଭାବକମାନଙ୍କର ସହଯୋଗ ଆବଶ୍ୟକ। ଛାତ୍ରୀଛାତ୍ରମାନଙ୍କର ପାଠକୀୟ ଅଭିରୁଚି ଦ୍ରୁତ ଅଭିବୃଦ୍ଧି ଦିଗରେ ପ୍ରଧାନ ବାଧକ ହେଉଛି ଆଣ୍ଡ୍ରଏଡ୍ ମୋବାଇଲ। ମୋବାଇଲ ଫୋନ୍‌ର ବ୍ୟବହାର ଦ୍ୱାରା ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇଯାଉଛନ୍ତି। ଏହା କହିହେବ ନାହିଁ ବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ମୋବାଇଲର ସଫଳ ବ୍ୟବହାର ବା ସଦୁପଯୋଗ ଏକାନ୍ତ ଆବଶ୍ୟକ। ଏଥିପାଇଁ ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି। ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ମୋବାଇଲ ଫୋନ୍ ଦେଇ ତା'ର ତଦାରଖ କରିବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ଯେଭଳି ମୋବାଇଲ ଫୋନ୍‌ର ଦୁରୁପଯୋଗ ନ କରନ୍ତି, ସେଥିପାଇଁ ଅଭିଭାବକମାନେ ଘରେ ସଚେତନ ରହିବା ଉଚିତ।

ଶିକ୍ଷକମାନେ ହେଉଛନ୍ତି ସମାଜର ଦିଗଦ୍ରଷ୍ଟା। ଛାତ୍ରୀଛାତ୍ରମାନଙ୍କର ଶୃଙ୍ଖଳାର ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଆଚରଣ, ଉଚ୍ଚାରଣ, ଜୀବନଶୈଳୀ ସର୍ବଦା ସଂଯତ ହେବା ଜରୁରୀ। କଥାରେ ଅଛି, ଆମେ ଠିକ୍ ତ ଦୁନିଆ ଠିକ୍। ତେଣୁ ପ୍ରଥମେ ଆମେ ଶୃଙ୍ଖଳିତ ହେବା, ଧୀରେ ଧୀରେ ଅନ୍ୟକୁ ଶୃଙ୍ଖଳିତ କରିବା, ଶିକ୍ଷକ, ଛାତ୍ରୀଛାତ୍ରଙ୍କର ଜିଜ୍ଞାସା ତଥା ପଠନ ରୁଚି ରହିବା ସର୍ବଦା ସ୍ପୃହଣୀୟ। ଏଥିପାଇଁ ସମସ୍ତେ ଯତ୍ନଶୀଳ ହେବା ଉଚିତ। ଶିକ୍ଷା ହେଉଛି ପ୍ରଗତିର ରଥ। ଦେଶ ତଥା ଜାତିର ପ୍ରଗତି ଶିକ୍ଷାବ୍ୟବସ୍ଥା ଉପରେ ନିର୍ଭରକରେ। ୧୯୬୪ରେ କୋଠାରୀ କମିଶନ କହିଥିଲେ, ''DESTINY OF INDIA IS BEING SHAPED IN HER CLASSROOMS''. ଏହାର ଗୁରୁତ୍ୱ ଉପଲବ୍ଧିକରି ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଛାତ୍ରୀଛାତ୍ର ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କଲେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ସମ୍ଭବ, ଏଥିରେ ସନ୍ଦେହ ନାହିଁ। ଛାତ୍ରୀଛାତ୍ରମାନଙ୍କର ମାନସିକ, ଶାରୀରିକ ତଥା ସାମାଜିକ ପ୍ରଗତି ହିଁ ଶିକ୍ଷାର ମୂଳଲକ୍ଷ୍ୟ। ଏସବୁର ବିକାଶ ନିର୍ଭରକରେ, ସେମାନଙ୍କର ସୁବିଚାର ତଥା ଉତ୍ତମ ପରିବେଶ ଉପରେ। ବିଚାର ଆସେ ମନରୁ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟରେ ସୁସମନ୍ୱୟ ରହିଲେ ଯାଇ ବିଦ୍ୟାର୍ଥୀର ମନ ଶାନ୍ତି ରହିବ। ମନ ଶାନ୍ତ ରହିଲେ ସେ ନିଜକୁ ସୁରକ୍ଷିତ ମନେକରିବ, ଯାହାଦ୍ୱାରା ସେ ଆନନ୍ଦ ଉଲ୍ଲାସର ସହ ଜୀବନକୁ ଉପଭୋଗ କରିପାରିବ। ପିଲାମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ପ୍ରକୃତ ମହତ୍ତ୍ୱ ସେମାନେ ବୁଝିପାରିବେ ଓ ଶିକ୍ଷା ସେମାନଙ୍କୁ ନିଶ୍ଚିତ ସୁଫଳ ଦାୟୀ ହେବ , ଏଥିରେ ଦ୍ୱିରୁକ୍ତି ନାହିଁ।

**ପ୍ରଧାନ ଶିକ୍ଷକ,**
**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ଡମଣା, ଭୁବନେଶ୍ୱର**

## ଏଇ ଭାରତରେ

ଜୈବିକ ଖତ ପ୍ରସ୍ତୁତକାରୀଙ୍କ ପାଇଁ ଏକ ଭଲ ଖବର ସାମ୍ନାକୁ ଆସିଛି। ବେଙ୍ଗାଲୁରୁସ୍ଥିତ 'ଓେଷ୍ଟ ଇଜ୍ ଗୋଲ୍ଡ' ବା ବର୍ଜ୍ୟ ହିଁ ସୁନା ନାମକ ଷ୍ଟାର୍ଟଅପ ଏକ ମେଶିନ ନିର୍ମାଣ କରିଛି, ଯେଉଁଥିରେ ୮ ଘଣ୍ଟାରେ ୨୦ରୁ ୧୦ ଟନ୍ ଓଦା ବର୍ଜ୍ୟରୁ ଖତ ପ୍ରସ୍ତୁତ ହୋଇପାରୁଛି। ମେଶିନର ନାମ ରଖାଯାଇଛି 'ଗୋଲ୍ଡ କମ୍ପୋଷ୍ଟର'। ଏହି ଟେକ୍ନୋଲଜିର ସ୍ରଷ୍ଟା ହେଉଛନ୍ତି ସନ୍ଦୀପ ତିୱାରୀ। ଏହା ଯେଉଁ ଖତ ପ୍ରସ୍ତୁତ କରୁଛି ସେଥିରେ ଗଛ ପାଇଁ ଦରକାର ସବୁ ପ୍ରକାର ନ୍ୟୁଟ୍ରିଏଣ୍ଟ ରହୁଛି। ଗୋଲ୍ଡ କମ୍ପୋଷ୍ଟର ନିର୍ମାଣ କରାଯିବା ପୂର୍ବରୁ 'ଓେଷ୍ଟ ଇଜ ଗୋଲ୍ଡ' ଷ୍ଟାର୍ଟଅପ ୧୦ଟି ପ୍ରତିକୃତି ନିର୍ମାଣ କରିଥିଲା। ଏହି ଯାତ୍ରା ୨୦୧୪ରୁ ଆରମ୍ଭ ହୋଇଥିଲା ଓ ୨୦୧୫ରେ ପ୍ରଥମ ପ୍ରତିକୃତି ନିର୍ମାଣ କରାଯାଇଥିଲା। ତେବେ ସେସବୁର ବ୍ୟବହାରକୁ ଆହୁରି ସହଜ ଓ ସମୟ ଉପଯୋଗୀ କରିବାକୁ ଯାଇ ଶେଷରେ ଗୋଲ୍ଡ କମ୍ପୋଷ୍ଟର ନିର୍ମାଣ କରାଯାଇଛି। ଏଥିରୁ ଦୁଇଟି ବେଙ୍ଗାଲୁରୁର ପ୍ରେଷ୍ଟିଜ ରୟାଲ ଗାର୍ଡନରେ ରହିଛି ଓ ପ୍ରତିଦିନ ଏହା ୮୦୦ କେ.ଜି.ବର୍ଜ୍ୟକୁ ଖତ କରିପାରୁଛି। ପୂର୍ବରୁ ବ୍ୟବହାର କରାଯାଉଥିବା କମ୍ପୋଷ୍ଟରଗୁଡ଼ିକରୁ ଦୁର୍ଗନ୍ଧ ବାହାରୁଥିଲା, କିନ୍ତୁ ଏବେ ଗୋଲ୍ଡ କମ୍ପୋଷ୍ଟରରେ ତାହା ହେଉନାହିଁ। କେବଳ ବେଙ୍ଗାଲୁରୁ ନୁହେଁ ଦେଶର ବିଭିନ୍ନ ସହରର (୧୫)ଟି ସ୍ଥାନରେ ଏହି କମ୍ପୋଷ୍ଟର ବସାଯାଇଛି। ଏହି ସବୁ କମ୍ପୋଷ୍ଟରୁ ମାସକୁ ୨୫୦୦ ଟନ ବର୍ଜ୍ୟରୁ ୧୨୦୦ ଟନ ଖତ ତିଆରି ହୋଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ସେପ୍ଟେମ୍ବର ୧୯୯୮**

- ବିହାରରେ ରାବ୍ରୀଦେବୀ ସରକାରକୁ ବରଖାସ୍ତ କରିବା ସହ ରାଜ୍ୟ ବିଧାନସଭାକୁ ସସ୍‌ପେଣ୍ଡ ରଖି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ଲାଗି କେନ୍ଦ୍ରର ସୁପାରିଶ।
- ବିଶ୍ୱ ରେକର୍ଡଧାରୀ ଆମେରିକୀୟ ମହିଳା ଆଥଲେଟ ଫ୍ଲୋରେନ୍ସ ଗ୍ରିଫି ଜୋଏନରଙ୍କ ୩୮ ବର୍ଷ ବୟସରେ ପରଲୋକ।
- ରୁଷିଆର ପ୍ରଧାନମନ୍ତ୍ରୀ ୟେଭଗେନା ପ୍ରିମାକୋଭଙ୍କ ନେତୃତ୍ୱରେ ଗଠିତ ନୂତନ ସରକାରରେ ସ୍ଥାନ ପାଇଥିବା ମନ୍ତ୍ରିମଣ୍ଡଳର ତାଲିକାକୁ ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଅନୁମୋଦନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 9 | 8 | | | | | | 3 | |
| | | 2 | | | | | | 5 |
| | | | | | 9 | | | |
| 8 | | | | 6 | | 4 | | |
| 3 | | 4 | | | | | | 1 |
| 2 | 1 | | | | 8 | | | 9 |
| | | | 6 | 4 | | | 1 | 3 |
| 7 | | | | 2 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 9 | 1 | 4 | 7 | 2 | 6 |
| 4 | 6 | 9 | 2 | 8 | 7 | 5 | 1 | 3 |
| 7 | 2 | 1 | 5 | 6 | 3 | 8 | 9 | 4 |
| 6 | 4 | 2 | 8 | 7 | 1 | 9 | 3 | 5 |
| 1 | 7 | 5 | 4 | 3 | 9 | 6 | 8 | 2 |
| 3 | 9 | 8 | 6 | 5 | 2 | 4 | 7 | 1 |
| 2 | 8 | 7 | 3 | 4 | 6 | 1 | 5 | 9 |
| 5 | 3 | 4 | 1 | 9 | 8 | 2 | 6 | 7 |
| 9 | 1 | 6 | 7 | 2 | 5 | 3 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ଅପଚୟ ରୋକାଯାଉ

ମହାଶୟ,

ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ସୁଦ୍ଧା ଅନେକ ଦେଶ ଖାଦ୍ୟାଭାବ ଦେଇ ଗତି କରୁଛନ୍ତି। ଏହାର ପ୍ରମୁଖ କାରଣ ଖାଦ୍ୟନଷ୍ଟ। ଖାଦ୍ୟନଷ୍ଟ ଦ୍ୱାରା ବିଶ୍ୱ ଅର୍ଥ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି ତାହାନୁହେଁ, ଜଳବାୟୁ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଏହା ପ୍ରକାଶିତ ଡବ୍ଲୁଏଫ୍‌ପି ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଜ୍ୟ ଖାଦ୍ୟବସ୍ତୁ ଦୂଷିତ ବାୟୁମଣ୍ଡଳରେ କାର୍ବନ ପରିମାଣ ବୃଦ୍ଧି ପାଇଁ ଦାୟୀ। ସେଥିପାଇଁ ଜଳର ଅପଚୟ ମଧ୍ୟ ଘଟିଥାଏ। ବିଶ୍ୱରେ ପ୍ରତିବର୍ଷ ୧.୩ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଏହାର ହାରାହାରି ମୂଲ୍ୟ ୧ ଟ୍ରିଲିୟନ ଡଲାର। ଉତ୍ପାଦନ ହେଉଥିବା ମୋଟ ଖାଦ୍ୟର ୩ ପ୍ରତିଶତ ପ୍ରତ୍ୟେକ ବର୍ଷ ନଷ୍ଟ ହେଉଥିବା ୱାର୍ଲଡ୍ ଫୁଡ୍ ପ୍ରୋଗ୍ରାମ ଡବ୍ଲୁଏଫ୍‌ପି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଖାଦ୍ୟର ଅପଚୟ ରୋକାଯିବା ଅତ୍ୟନ୍ତ ଜରୁରୀ ।

**– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

## ଚିରନ୍ତନୀ

ବେଦନାର ଅମାବାସ୍ୟା ଆସେ ଘୋଟି
ନିବିଡ଼ୁଁ ନିବିଡ଼
ଗରଜେ ଭୀଷଣ ନିଶା
ମରଣର କୁହାଟ ଗଭୀର।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ: ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଜୁ ଜନତା ଦଳ(ବିଜେଡି)ର ବିଧାୟିକାମାନେ।

### ମୌସୁମୀ ଅଧିବେଶନ ପାଇଁ ବିଧାୟକ ଦଳ ବୈଠକ

# ଗୃହରେ ଉପସ୍ଥିତ ରହିବାକୁ ବିଧାୟକଙ୍କୁ ନିର୍ଦ୍ଦେଶଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ବିଧାନସଭା ମୌସୁମୀ ଅଧିବେଶନରେ ବିରୋଧୀ ଦଳ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିରୋଧୀ ଆୟୁଧକରି ଶାସକ ଦଳକୁ ଘେରିବେ ବୋଲି ସୂଚନା ଦେଇଛନ୍ତି। ଏହାରି ଭିତରେ କୌଣସି ବିଧାୟକ ଗୃହରେ ଅନୁପସ୍ଥିତ ନ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ବିଜେଡି ବିଧାୟକ ଦଳ ବୈଠକ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଶୁକ୍ରବାର ୧୦ଟା ୩୦ ମିନିଟ୍ ସମୟରେ ଅନୁଷ୍ଠିତ ହୋଇଯାଇଛି। ମାତ୍ର ୧୫ ମିନିଟ୍ ଲାଗି ଚାଲିଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ପାରିତ ମହିଳା ସଂରକ୍ଷଣ ବିଲ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଧାୟକମାନଙ୍କୁ କହିଥିଲେ, ମହିଳା ସଂରକ୍ଷଣ ବିଲ୍ ଆଣିବା ଲାଗି ବିଜେଡି ପ୍ରଥମ ଦଳ ଭାବେ ପ୍ରସ୍ତାବ ଦେଇଥିଲା। ଏନେଇ ଅନ୍ୟ ରାଜ୍ୟଗୁଡ଼ିକର ସହଯୋଗ ମଧ୍ୟ ଲୋଡ଼ାଯାଇଥିଲା। ପାର୍ଲାମେଣ୍ଟରେ ବିଜେଡି ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ ଦେଇଛି। ମହିଳାମାନଙ୍କୁ ଆଗକୁ ନେବାରେ ବିଜେଡି ପ୍ରଥମ ଦଳ। ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ଭାବେ ବିଜେଡି ନିଷ୍ପତ୍ତି ନେଇଥିବା କଥା ସେ କହିଛନ୍ତି। ଏଥିସହ ନବୀନ କହିଛନ୍ତି, ଗୃହରେ ଅତିରିକ୍ତ ବଜେଟ ଆଗତ କରାଯିବ। ତେଣୁ ସମସ୍ତ ବିଧାୟକ ବିଧାନସଭାରେ ଉପସ୍ଥିତ ରହି ଆଲୋଚନାରେ ଭାଗନେବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅର୍ଥମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ବିକ୍ରମ କେଶରୀ ଆରୁଖ ମଧ୍ୟ ଗୃହରେ ସମସ୍ତ ବିଧାୟକଙ୍କୁ ଉପସ୍ଥିତ ରହିବା ଲାଗି କହିଛନ୍ତି।



ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକ।

# ଭାଜପା ସହ ମେଣ୍ଟ କଲା ଜେଡିଏସ୍

## ଶାହା, ନଡ୍ଡାଙ୍କୁ ଭେଟିଲେ କୁମାରସ୍ୱାମୀ

**ନୂଆଦିଲ୍ଲୀ,୨୨।୯**

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) କର୍ଣ୍ଣାଟକରେ ଭାଜପା ସହ ମେଣ୍ଟ ଘୋଷଣା କରିଛି। ଏଥିସହିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ଏହି ଦଳ ଆନୁଷ୍ଠାନିକ ଭାବେ ସାମିଲ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଜେଡିଏସ୍ ନେତା ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଭେଟିବା ପରେ ଉପରୋକ୍ତ ଘୋଷଣା କରିଛନ୍ତି। ଏନ୍‌ଡିଏରେ ସାମିଲ ହେବା ପାଇଁ ଜେଡିଏସ୍ ନିଷ୍ପତ୍ତି ନେଇଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ ବୋଲି ନଡ୍ଡା କହିଛନ୍ତି। ଏହା ଏନ୍‌ଡିଏ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନୂତନ ଭାରତ, ସଶକ୍ତ ଭାରତ' ସ୍ୱପ୍ନକୁ ସୁଦୃଢ଼ କରିବ ବୋଲି ନଡ୍ଡା 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଜେଡିଏସ୍ ପ୍ରଧାନମନ୍ତ୍ରୀଙ୍କ ବିକାଶ ଦୃଷ୍ଟିଭଙ୍ଗୀ ପ୍ରତି ଆସ୍ଥା ଦେଖାଇଛି। ଜେଡିଏସ୍ ସାମିଲ ହୋଇଥିବାରୁ କର୍ଣ୍ଣାଟକକୁ ବିକାଶ ପଥରେ ଆଗେଇ ନେବା ସହ ଏନ୍‌ଡିଏ ଏବଂ ଭାରତକୁ ମଜଭୁତ କରିବ ବୋଲି ଶାହା କହିଛନ୍ତି। ଆସନ ବୁଝାମଣା ଲାଗି ଭାଜପା ସହ ଆଲୋଚନା ଜାରି ରହିବ ବୋଲି କୁମାରସ୍ୱାମୀ କହିଛନ୍ତି।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ (ବାମରୁ ଦ୍ୱିତୀୟ)।

# ମାତୃଶକ୍ତି ହାତରେ ଦାୟିତ୍ୱ ରହିଲେ ଏହାର ଉତ୍ତରଦାୟିତ୍ୱ ବଢ଼ିଯାଏ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)**

ମାତୃଶକ୍ତି ହାତରେ ଦାୟିତ୍ୱ ରହିଲେ, ଏହାର ଉତ୍ତରଦାୟିତ୍ୱ ବଢ଼ିଯାଏ ବୋଲି ବିଶ୍ୱର ସବୁ ବିଶେଷଜ୍ଞମାନେ ସାବ୍ୟସ୍ତ କରିଛନ୍ତି। ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ତଥା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ସର୍ବସମ୍ମତିକ୍ରମେ ଗୃହୀତ ହେବା ଫଳରେ ଦେଶର ମହିଳାମାନଙ୍କ ଜନପ୍ରତିନିଧିତ୍ୱ ବଢ଼ିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ନୂଆ ସଂସଦ ଭବନରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ଗୃହରେ ଆଗତ କରାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଲ୍‌କୁ ସମର୍ଥନ ଦେଇଥିବା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ। ଭାରତୀୟ ସଭ୍ୟତାରେ ମହିଳାମାନଙ୍କୁ ସଂରକ୍ଷଣ, ଅଗ୍ରାଧିକାର ଓ ସଶକ୍ତୀକରଣ କରିବାର ପରମ୍ପରା ଅନେକ ଆଗରୁ ରହିଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନପ୍ରତିନିଧିକୁ ସୁରକ୍ଷିତ କରାଇବା ଓ ମହିଳାଙ୍କୁ ଗୋଟିଏ ରାଜନୈତିକ ଅଧିକାର ଏବଂ ଦାୟିତ୍ୱ ପ୍ରଦାନ କରିବା ଅନେକ ଦିନରୁ ସମାଜ ସାମ୍ନାରେ ଥିଲା। ଗତ ୩ ଦଶନ୍ଧି ଧରି ଭାରତୀୟ ସଂସଦ ଏହା ଉପରେ ଆଲୋଚନା କରୁଥିଲା। ଗଣେଶପୂଜାର ଶୁଭ ଅବସରରେ ନୂଆ ସଂସଦ ଭବନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପ୍ରଥମ ବିଲ୍ ନାରୀ ଶକ୍ତି ବନ୍ଦନର ୧୨୮ ତମ ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟ ସଭାରେ ପାରିତ ହୋଇଛି। ପୂର୍ବରୁ ଲୋକ ସଭାରେ ପାରିତ ହୋଇଛି। ଏହାଦ୍ୱାରା ଦେଶରେ ମହିଳା ନେତୃତ୍ୱ ବିକାଶର ନୂଆ ପରମ୍ପରା ଆରମ୍ଭ ହୋଇଛି। ଭାରତରେ ମହିଳାମାନଙ୍କୁ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱରେ ୩୩ ପ୍ରତିଶତ ସଂରକ୍ଷଣ ମିଳିବାର ସୁନିଶ୍ଚିତ କରାଯାଇଛି। ଏହି ନିଷ୍ପତ୍ତି ଉପରେ ଭାରତର ସବୁ ରାଜନୈତିକ ଦଳ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅଣାଯାଇଥିବା ପ୍ରସ୍ତାବରେ ସ୍ୱୀକୃତି ଦେବା ଖୁସିର ବିଷୟ। ଏହା ସମାଜର ଆକାଂକ୍ଷା ଓ ୫୦ ଭାଗ ଜନସଂଖ୍ୟାର ଆକାଂକ୍ଷା ଏବଂ ଅପେକ୍ଷାକୁ ଭାରତ ଭଳି ଦେଶରେ ପୂରଣ କରିବ। ବିଶ୍ୱର ଅନ୍ୟ ଅଞ୍ଚଳ ତୁଳନାରେ ଆମ ଦେଶରେ ମହିଳାମାନଙ୍କୁ ଦେଖିବାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଅଲଗା। ମହିଳାମାନଙ୍କ ଲାଗି କେନ୍ଦ୍ର ସରକାର ଅନେକ ଯୋଜନା କରିଥିବା ଧର୍ମେନ୍ଦ୍ର କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଶିକ୍ଷକ ଆନ୍ଦୋଳନକୁ ମୁଖ୍ୟ ପ୍ରସଙ୍ଗ କରିବ କଂଗ୍ରେସ

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ଶିକ୍ଷା କଥାକୁ ମୁଖ୍ୟ ପ୍ରସଙ୍ଗ କରି ଆସନ୍ତା ସୋମବାର ଗୃହରେ ଶାସକ ଦଳକୁ ଘେରିବାକୁ କଂଗ୍ରେସ ବିଧାୟକମାନେ ଯୋଜନା କରିଛନ୍ତି। ରାଜ୍ୟରେ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷକମାନେ ଦୀର୍ଘଦିନ ହେବ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ରାଜ୍ୟର ସ୍କୁଲଗୁଡ଼ିକରେ ପିଲାମାନଙ୍କ ପାଠପଢ଼ା ଏକ ପ୍ରକାର ବ୍ୟାହତ ହେଉଛି। ତେଣୁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ହିଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି ବୋଲି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ଶୁକ୍ରବାର ସନ୍ଧ୍ୟା ୬ଟା୩୦ ମିନିଟ୍‌ରେ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନରସିଂହଙ୍କ ବିଧାନସଭା ସ୍ଥିତ ସରକାରୀ ଚାମ୍ବରରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ଏ ବାବଦରେ ସୂଚନା ଦେଇ ସାଲୁଜା କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ବ୍ୟାପକ ଖଣି ଦୁର୍ନୀତି ଚାଲିଛି। ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପଞ୍ଚାୟତିରାଜ ବ୍ୟବସ୍ଥାର ଉଲ୍ଲଂଘନ କରି କରାଯାଉଛି। ଏସ୍‌ପିଏଫ୍ ପାଣ୍ଠିର ବ୍ୟବହାର ମନଇଚ୍ଛା ଦଳୀୟ ଭିତ୍ତିରେ ହେଉଛି। ଏହିସବୁ ପ୍ରସଙ୍ଗକୁ ନେଇ ଦଳ ଶାସକ ଦଳକୁ ଘେରିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସୁରେଶ କୁମାର ରାଉତରାୟ, ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ନରସିଂହ ମିଶ୍ରଙ୍କ ବିଧାନସଭା ସ୍ଥିତ ସରକାରୀ ଚାମ୍ବରରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳର ବୈଠକ।

# ଆଇନଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରିକୁ ପ୍ରସଙ୍ଗ କରିବ ଭାଜପା



ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜେଡି ସରକାର ଧ୍ୱଂସ କରିସାଲେଣି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ। ଶିକ୍ଷା, ବେକାରି, କୃଷି, ଜଳସେଚନ, ଦାଦନ ସମସ୍ୟା ଓ ସ୍ୱାସ୍ଥ୍ୟ ସମେତ ସମସ୍ତ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ୩ ନମ୍ବରରେ ରହିଛି। ୨୩ ବର୍ଷ ଶାସନରେ ରହି ବିଜେଡି ଓଡ଼ିଶାବାସୀଙ୍କୁ ମିଥ୍ୟା ସ୍ୱପ୍ନ ଦେଖାଇ ଭଣ୍ଡାଉଛି। ମୋଦି ସରକାର ଦେଇଥିବା ଅର୍ଥକୁ ଓଡ଼ିଶା ବିକାଶ କାମରେ ଲଗାଇବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ। ସରକାରୀ ଅର୍ଥକୁ ମୁଖ୍ୟମନ୍ତ୍ରୀ ନିଜର ବ୍ୟକ୍ତିଗତ ଓ ଦଳୀୟ କାର୍ଯ୍ୟରେ ବିନିଯୋଗ କରିବା ପ୍ରସଙ୍ଗକୁ ନେଇ ଭାଜପା ବିଧାନସଭାରେ ପ୍ରଶ୍ନ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି।

ବିଧାନସଭାର ମୌସୁମୀ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୋହନ କହିଛନ୍ତି, ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରାଯିବ। ରାଜ୍ୟରେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଦୀର୍ଘ ୧୫ ଦିନ ହେବ ଶିକ୍ଷୟିତ୍ରୀଶିକ୍ଷକ ରାଜଧାନୀର ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଭିତ୍ତିଭୂମି ନାହିଁ, ଶିକ୍ଷକ ନାହାନ୍ତି ଏବଂ ଶିକ୍ଷକମାନେ ବିଭିନ୍ନ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ରତ୍ନଭଣ୍ଡାର ଚାବି ହଜିବା, ସ୍ମାର୍ଟସିଟି ଭୁବନେଶ୍ୱର ସହରର ବିପର୍ଯ୍ୟସ୍ତ ରାସ୍ତା, ଡ୍ରେନେଜ ଓ ଡେଙ୍ଗୁ ଭଳି ସ୍ୱାସ୍ଥ୍ୟ ସମସ୍ୟା, ବହୁଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡ, ଭୁବନେଶ୍ୱର ଉପକଣ୍ଠରେ ଜମି ଦୁର୍ନୀତି, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଧ୍ୱଂସ କରିବା, ପଲ୍ଲିସଭା ଓ ଗ୍ରାମସଭା ନ କରାଇବା, କୃଷି, ଘରୋଇ ମାଇକ୍ରୋ ଫାଇନାନ୍ସ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଭାଜପା ସରକାରଙ୍କୁ ପ୍ରଶ୍ନ କରିବ। ସମସ୍ୟା ଘେରରେ ଥିବା ରାଜ୍ୟ ସରକାର ବିରୋଧୀଙ୍କୁ ସାମ୍ନା କରିବାର ନୈତିକ ସାହସ ହରାଇଛନ୍ତି ଏବଂ ଚଞ୍ଚକତାକରି ବିଳମ୍ବରେ ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ କରୁଛନ୍ତି ବୋଲି ମୋହନ କହିଛନ୍ତି। ବୋଲି ମୋହନ କହିଛନ୍ତି। ବୈଠକରେ ବିଧାୟକ ପ୍ରଦୀପ୍ତ ନାଏକ, କୁସୁମ ଟେଟେ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରି ନାୟକ, ସୁବାସ ପାଣିଗ୍ରାହୀ, ଶଙ୍କର ଓରାମ, ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, ନିତ୍ୟାନନ୍ଦ ଗଣ୍ଡ, ଜୟନ୍ତ ଷଡ଼ଙ୍ଗୀ, କେ.ନାରାୟଣ ରାଓ, ଡ.ବୁଢ଼ାନ ମୁର୍ମୁ, ଗଣେଶ ରାମ ଖୁଣ୍ଟିଆ, ସନାତନ ବିଜୁଳି, ପ୍ରକାଶ ସୋରେନ, ଭବାନୀ ଭୋଇ, ନବଚରଣ ମାଝି ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁୟାରୀ ୫ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

### ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ସର୍ବଦଳୀୟ ବୈଠକ

## ପ୍ରତି ବୁଥ୍‌ରେ ଜଣେ ଲେଖାଏ ଏଜେଣ୍ଟ ନିଯୁକ୍ତ କରିବେ ସବୁ ରାଜନୈତିକ ଦଳ

**ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)**

ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ନିର୍ବାଚନମଣ୍ଡଳୀ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲାଗି ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ କର୍ମକର୍ତ୍ତାଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଆସନ୍ତା ଜାନୁୟାରୀ ୫ରେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ପୂର୍ବରୁ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସବୁ ରାଜନୈତିକ ଦଳଙ୍କର ସହଯୋଗ କାମନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ରାଜନୈତିକ ଦଳ ସବୁ ବୁଥ୍‌ରେ ନିଜର ଜଣେ ଲେଖାଏ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବେ। ଏହାସହ ଦଳ ପକ୍ଷରୁ ସେମାନଙ୍କ ଫଟୋ ପରିଚୟ ପତ୍ର ଦେବେ ଓ ନିଯୁକ୍ତ ହୋଇଥିବା ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଏକ କିତା ଲେଖାଏ ନକଲ ସମ୍ପୃକ୍ତ ଜିଲାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ, ଇଆରଓ ତଥା ଉପଜିଲାପାଳ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିଯୁକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ସମ୍ପୃକ୍ତ ବୁଥ୍ ଅଞ୍ଚଳରେ ମୃତ ଭୋଟରଙ୍କୁ ଚିହ୍ନଟ କରିବା, ସ୍ଥାନାନ୍ତର ହୋଇଥିବା ଭୋଟରଙ୍କ ତାଲିକା ଏବଂ ଭୋଟର ତାଲିକାରେ ଥିବା ବିଭିନ୍ନ ପ୍ରକାର ତ୍ରୁଟିକୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଇଭିଏମ୍ ଓ ଭିଭିପିଏଟିର (ଏଫ୍‌ଏଲ୍‌ସି) ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ କରାଯିବ। ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ୧୦ ଜିଲାରେ ଅନୁଷ୍ଠିତ ହେବ। ସେହିପରି ଅବଶିଷ୍ଟ ୨୦ ଜିଲାରେ ନଭେମ୍ବର ୧ରୁ ଆରମ୍ଭ ହୋଇ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବୈଠକରେ ଭାଜପା ରାଜ୍ୟ ସମ୍ପାଦକ ସରୋଜ କୁମାର କର, ବିଏସ୍‌ପିର ମଧୁସୂଦନ ଯାଦବ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଷ୍ମନ୍ତ କୁମାର ଦାଶ, କଂଗ୍ରେସର ଶିବାନନ୍ଦ ରାୟ, ଆମ୍ ଆଦ୍‌ମୀ ପାର୍ଟିର ସୌମ୍ୟ ରଞ୍ଜନ ସ୍ୱାଇଁ, ବିଜେଡିର ଇପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required for Gas Plant (Male/Female) Eligibility (10th to Graduate): Junior Consultant, Technical Staff, Accountant, Supervisor, Data Entry Operator, Office Assistant, CSA, Field Boy, Electrician, Welder, Driver, (Food+room free) (Salary 18k to 65k).
Send your Resume at this email:-
recruitmentongc2023@gmail.com
7982919983 (What'sup)/ 8130737728

ସେଲ୍ସ ଗାର୍ଲ
ବାଲାଜୀ ଟ୍ରେଡିଂ, ପିଠାପୁର, କଟକ ପାଇଁ ଆବଶ୍ୟକ। ପ୍ରାର୍ଥିନୀ କଟକରେ ରହୁଥିବେ।
ଯୋଗାଯୋଗ:
ଫୋନ୍- ୯୦୯୦୦୩୦୦୨୪

DUHITA AGRO EXPORT PVT LTD
RECRUITMENT NOTICE
Name of Post: HEAD OF THE PROJECT
Qualification: Graduation (Preference will be given to MBA in Finance/Marketing/HR).
Experience: Minimum 15 years Managerial Experience in Operation, Sales & Marketing and Procurement & Managing of Staff of Cashew Processing Unit.
Salary Package: CTC Rs 10 Lakh /Annum.
Job based on Aditya Cashew Processing Plant, Tentulipatana, Dhenkanal.
Interested candidates may E-Mail their CV to md@daeltd.co.in
For further clarification please visit: https://daeltd.co.in
Contact: 7381557001

कार्यालय जिला परिषद्, चतरा
(अतिअल्पकालिक ई०निविदा आमंत्रण सूचना)
ई–निविदा सूचना संख्या – 34/2023-24
1. कार्य की विस्तृत विवरणी :

| क्र | प्रखण्ड | पंचायत | ग्राम | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | हण्टरगंज | खुट्टीकेवाल खुर्द | गेपालपुर | Construction of New facilities Proposed Infrastructure, Campus Development of College Campus for Ram Narayan Memorial College at Hunterganj, Chatra-Group A-Science Block, Canteen, Main Gate and Campus Development | 49766544 | 10000 | 498000 | 18 माह |

2. वेबसाइट में निविदा प्रकाशन की तिथि – 25/09/2023
3. ई–निविदा प्राप्ति की तिथि एवं समय – 26.09.2023 से 03.10.2023 के अपराह्न 5:00 बजे तक
4. जिला परिषद, चतरा में निविदा शुल्क, अग्रधन की राशि, Bank Credit Certificate, Affidavit (Original copy) एवं ऑनलाईन समर्पित कागजातों की एक प्रति जमा करने की अंतिम तिथि एवं समय 04.10.2023 अपराह्न 03:00 बजे तक।
5. निविदा खोलने का स्थान :– जिला परिषद, चतरा।
6. निविदा खोलने की तिथि एवं समय –05.10.2023 अपराह्न 2:00 बजे।
7. निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, चतरा।
8. ई–निविदा प्रकोष्ठ का दूरभाष सं० – 9835777636 (सहायक अभियंता का दूरभाष नम्बर)
9. परिमाण विपत्र का मूल्य परिमाण विपत्र में अंकित राशि के अनुसार आवेदन के साथ किसी भी राष्ट्रीयकृत बैंक ड्राफ्ट के रूप में "जिला अभियंता, जिला परिषद, चतरा" के पदनाम से देय होगा (जो लौटाया नहीं जायेगा)। तदनुसार परिमाण विपत्र निर्गत किया जायेगा। बैंक ड्राफ्ट निबंधित संवेदक के बैंक से निर्गत बैंक ड्राफ्ट ही मान्य होगा।
10. विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, चतरा
PR 307562 District(23-24)#D

Government of Jharkhand Drinking Water & Sanitation Department
e-Procurement Notice
Tender reference No- DWSD/Dhanbad/07/2023-24 Date-21.09.2023

| | | |
|---|---|---|
| 1 | Name of the Work :- Construction of Intake Well with Gangway 257 M long, , RCC Riser for Rising Main, Supplying and laying Raw Water rising main, Clear Water rising main & Distribution Main, Elevated Service Reservoir 17 Nos., SUMP, Site Development, Approach Road, Supplying and Installation of VT & Centrifugal pump motor, Staff Quarter, House Connection and Five years operation & maintenance with allied works etc. all complete job for Remaining work of Multi Villages Scheme Gobindpur & Nirsa Block North Zone rural water Supply Scheme Under DW&S Div-No-1 Dhanbad on turnkey basis." Under DMFT Head for the year 2023-24 | |
| 2 | Estimated Cost | 41133.81375Lakh |
| 3 | Earnest Money | 412.00 Lakh |
| 4 | Cost of Tender Paper | 10000.00 |
| 5 | Time of Completion | 27 Months + 3 Months (Trial and run) |
| 6 | Date of publication of Tender on Web site | 30.09.2023 up to 04.00PM |
| 7 | Date of pre bid meeting/Place | 09.10.2023/ 11.00 AM O/o Engineer-in-chief, D.W. & S. Department, Nepal House, Doranda, Ranchi, Jharkhand |
| 8 | Last date/Time for receipt of Bid | 16.10.2023 up to 04.00 PM |
| 9 | Date & Place of submission of Bank Guarantee and Cost of B.O.Q. | 17.10.2023 up to 04.00 PM (1) O/o Regional Chief Engineer, D.W. & S. D. Dumka zone, Dumka (2) O/o Superintending Engineer, D.W. & S. Circle, Dhanbad (3) O/o Executive Engineer, D.W. & S. Division no.1, Dhanbad |
| 10 | Date of opening of Tender | 18.10.2023 at 03:00PM |
| 11 | Name & address of office inviting tender ;- Executive Engineer DW&S Division-No.-01 Dhanbad | |
| 12 | Contact no. of Procurement office : 9431964613 | |
| 13 | Helpline no. of e-procurement cell : 0651-2480345 | |

Those contractors who are not registered with Drinking Water & Sanitation Department, Government of Jharkhand are also permitted to bid. However such contractor in the event of award of work will have to get registered with Drinking Water & Sanitation Department, Government of Jharkhand within a period of two month from date of award.
BOQ amount may increase/decrease, accordingly earnest money may be deposited.
Further details can be seen on website http://jharkhandtenders.gov.in
Executive Engineer
Drinking water & Sanitation Division No.-01
Dhanbad
PR 307521 (Drinking Water and Sanitation)23-24*D

## ନାବାଳିକା ନିଖୋଜ

ସିମୁଳିଆ, (ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ବାରାପୁର ଅଞ୍ଚଳର ରଇବାରୀ ମୁଣ୍ଡା(୧୩) ନାମ୍ନୀ ଜଣେ ନାବାଳିକା ଗତ ଶନିବାରରୁ ନିଖୋଜ ରହିଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନରେ ନିଖୋଜ ନାବାଳିକାଙ୍କ ପରିବାର ଲୋକେ ଥାନା ବାରଣ୍ଡାରେ ବସିଥିବା ଦେଖିବାକୁ ମିଳିଛି। ତେବେ ଶନିବାର ସନ୍ଧ୍ୟାରେ ରଇବାରୀ ରୋଷେଇ କରୁଥିବା ବେଳେ ଅନ୍ୟମାନେ ଘରେ ଟିଭି ଦେଖୁଥିଲେ। ଟିଭି ଦେଖା ପରେ ଝିଅ ରୋଷେଇ ଘରେ ନ ଥିବାର ତାଙ୍କ ବାପା ସାଏବ ମୁଣ୍ଡା ସୂଚନା ଦେଇଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ବୋଲେରୋ ଧକ୍କାରେ ୪ ଆହତ

ଢେଙ୍କିକୋଟ,୨୨।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧୀନ ଢେଙ୍କିକୋଟ ବଜାରରେ ଗୁରୁବାର ଏକ ବୋଲେରୋ ଧକ୍କାରେ ୪ ଆହତ ହୋଇଛନ୍ତି। ଆହତମାନେ ମନହୋରପୁର ପଞ୍ଚାୟତ ଡାଙ୍ଗୁଆପଶି ଗ୍ରାମର କୃଷ୍ଣଚନ୍ଦ୍ର ନାୟକ(୫୦), ସୁକାନ୍ତି ନାୟକ (୪୨), ଭୋଲବେଡ଼ାପଞ୍ଚାୟତ ଆମ୍ବୁଆପଡ଼ା ଗ୍ରାମର ଅମିନ ମୁଣ୍ଡା (୩୦), ମଧୁ ମୁଣ୍ଡା (୨୨)। ଏକ ବୋଲେରୋ(ନଂ. ଓ.ଡି.୦୨.ବି.ଜେ -୨୮୯୯) ଯୋଗେ ଢେଙ୍କିକୋଟ ବଜାରକୁ ଗୋଟିଏ ପରିବାରର ଲୋକେ ଆସିଥିଲେ। ପରିବାର ସଦସ୍ୟ ରାସ୍ତା କଡ଼େ ଗୁପଚୁପ ଖାଉଥିଲେ। ଏହି ସମୟରେ ବୋଲେରୋରେ ବସିଥିବା ଜଣେ ବ୍ୟକ୍ତି ଚାବି ଅନ କରିଦେବାରୁ ବୋଲେରୋ ଗଡ଼ି ସମ୍ମୁଖରେ ଥିବା ୪ ଜଣଙ୍କୁ ଧକ୍କା ଦେଇଥିଲା। ଗାଡ଼ି ଧକ୍କାରେ ଏକ ବାଇକ ଚୁରମାର ହୋଇଯାଇଛି। ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଏଏସ୍‌ଆଇ ସୁରଥ ଦେହୁରୀ ପହଞ୍ଚି ବୋଲେରୋ ଓ ବାଇକ୍‌କୁ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା (ନଂ.୨୧୭/୨୩)ରେ ରୁଜୁ ହୋଇଛି।

### ସ୍ମାର୍ଟ ଶ୍ରେଣୀଗୃହ ଉଦ୍‌ଘାଟିତ

ବୈଁଶିଙ୍ଗା,୨୨।୯(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଁଶିଙ୍ଗା ଥାନା ଅଧୀନ ନଡ଼ପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ହାତପାଣ୍ଠି ୫ ଲକ୍ଷ ଟଙ୍କାର ଅନୁଦାନରେ ଏକ ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ କରାଯାଇଛି। ଶୁକ୍ରବାର ବିଧାୟକ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶ୍ରେଣୀ ଗୃହ ଉଦ୍‌ଘାଟନ କରିଛନ୍ତି। ପ୍ରଧାନ ଗୁରୁମା ସୁଲୋଚନା ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ଯତୀନ ପାତ୍ର, ଗୁରୁଜୀ ଲମ୍ବୋଦର କବାଟ, ସଚିନ ବିଶ୍ୱାଳଙ୍କ ସମେତ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଗ୍ରାମବାସୀ ଯୋଗଦେଇ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

### ନୂତନ ତହସିଲଦାରଙ୍କ କାର୍ଯ୍ୟଭାର ଗ୍ରହଣ

ଧାମନଗର ,୨୨।୯(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଢ଼ିଆ)-ଭଦ୍ରକ ଜିଲା ଧାମନଗର ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଦୀପକ ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ତହସିଲଦାର ସ୍ନିଗ୍ଧାରାଣୀ ଦେବୀ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ରାଜସ୍ୱ ପରିଦର୍ଶକ ଇନ୍ଦ୍ରମଣି ମଲିକ, ଧନେଶ୍ୱର ମାରାଣ୍ଡି ଏବଂ ବିଭାଗୀୟ ଅଧିକାରୀ ଖଗେନ୍ଦ୍ର ମଢେଇ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ନିତ୍ୟାନନ୍ଦ ନାୟକ, ସନ୍ତୋଷ ମହାନ୍ତି, ରବୀନ୍ଦ୍ର ସାହୁ, ସରୋଜ ସାହୁ, ଅଭିରାମ ବେହୁରିଆ, କମଳାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ ଅଧୀନ ସମସ୍ତ ସର୍କଲ ଆର୍‌ଆଇ ନୂତନ ତହସିଲଦାରଙ୍କୁ ସ୍ୱାଗତ ଜଣାଇଥିଲେ। ସେ ପୂର୍ବରୁ ବାଲେଶ୍ୱର ଜିଲା ବାଲିଆପାଳ ତହସିଲରେ କାର୍ଯ୍ୟ କରୁଥିଲେ।

# ଶୋଷ ମେଣ୍ଟାଉଛି ଚୁଆପାଣି

- ରାସ୍ତାକାମ ବେଳେ ପାଇପ୍ ଫଟାଇଦେଲେ
- ୫ ମାସ ହେଲା ମରାମତି ହେଉନି
- ପାନୀୟ ଜଳ ପାଇଁ କାଳିମାଟି ବାସିନ୍ଦା ହନ୍ତସନ୍ତ

ଯୋଡ଼ା,୨୨।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି କ୍ଷେତ୍ରରେ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ରହିଛି। ଏଠାରେ ଥିବା ଖଣିରୁ ରାଜ୍ୟ ସରକାର ଅନେକ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ଏହା ସହ ଜିଲା ଖଣିଜ ପାଣ୍ଠିରେ ଅଜସ୍ର ଟଙ୍କା ରହିଛି। ତଥାପି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ସମସ୍ୟା ସୁଧୁରିପାରୁନାହିଁ। ଏଠାକାର ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଯୋଡ଼ା ବ୍ଲକ୍ କାଳିମାଟି ପଞ୍ଚାୟତରେ ୫ ମାସ ହେବ ପାନୀୟ ଜଳ ପ୍ରକଳ୍ପ ପାଇପ ଫାଟିଯିବାରୁ ସ୍ଥାନୀୟ ବାସିନ୍ଦା ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଛି। ବାରମ୍ବାର ଅଭିଯୋଗ ପରେ ବି ମରାମତି ହେଉ ନ ଥିବାରୁ ସେମାନେ ପାହାଡ଼ି ଝରଣା ଓ ଚୁଆପାଣି ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ପଞ୍ଚାୟତର ପ୍ରାୟ ୧୫ ଖଣି ପ୍ରଭାବିତ ଗ୍ରାମକୁ ଜଳ ଯୋଗାଣ ପାଇଁ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ବେଲଦାଠାରେ ଏକ ପ୍ରକଳ୍ପ କରାଯାଇଛି। ରାସ୍ତା କାମ ସମୟରେ ପ୍ରକଳ୍ପ ପାଇପ ଫାଟିଯିବାରୁ ପ୍ରାୟ ୫ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜଳ ଯୋଗାଣ ବନ୍ଦ ରହିଛି। କେବଳ ବାମେବାରି ପର୍ଯ୍ୟନ୍ତ ଜଳ ଯୋଗାଣ ହୋଇପାରୁଛି। ବାମେବାରିରୁ କାଳିମାଟି, ଖଜୁରଡିହି, ପୁରୁଣାଡିହି, ବସନ୍ତପୁର ପ୍ରଭୃତି ଅଞ୍ଚଳକୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ବିଭିନ୍ନ ଗ୍ରାମର ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଜଳ ଯୋଗାଣ ବିଭାଗକୁ ଜଣାଇଲେ ସୁଦ୍ଧା କୌଣସି ଫଳ ମିଳି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶେଷରେ ବାଧହୋଇ ପାହାଡ଼ରୁ ବହି ଆସୁଥିବା ଝରଣା ପାର୍ଶ୍ୱରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଦୂଷିତ ଜଳ ପିଇ ଶୋଷ ମେଣ୍ଟାଉଛନ୍ତି। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଦୂଷିତ ଜଳ ବ୍ୟବହାର ଦ୍ୱାରା ହଇଜା, ଆମାଶୟ, ଡାଏରିଆ ରୋଗ ଭଳି ଅନେକ ମାରାତ୍ମକ ରୋଗରେ ଲୋକେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମେଗା ପ୍ରୋଜେକ୍ଟର କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାଏକ କହିଛନ୍ତି, ପିଡବ୍ଲ୍ୟୁଡି ବିଭାଗର ରାସ୍ତା କାର୍ଯ୍ୟ ବେଳେ ଏହି ମେଗା ପ୍ରୋଜେକ୍ଟର ୬ଟି ପାଇପ ଫାଟି ଯାଇଛି; ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହାକୁ ରିକଭରି ପାଇଁ ପ୍ରକଳ୍ପ ପକ୍ଷରୁ ଗତ ଅଗଷ୍ଟରେ ଚିଠି କରାଯାଇଛି। ଗତ ବୁଧବାର ଏ ସମ୍ପର୍କରେ ଏକ ବୈଠକ ମଧ୍ୟ ହୋଇଥିଲା। ଆଗାମୀ ୧୦ ଦିନ ମଧ୍ୟରେ କୌଣସିମତେ ପାଇପ ଲାଇନ ସଂଯୋଗ କରାଯିବାର ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ପଞ୍ଚାୟତର ଚତୁଃପାର୍ଶ୍ୱରେ ବହୁ ଖଣି ଓ ଶିଳ୍ପସଂସ୍ଥା କାର୍ଯ୍ୟକ୍ଷମ ରହିଥିଲେ ହେଁ ସେମାନେ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଜଳ ଯୋଗାଇବାକୁ ଅଞ୍ଚଳବାସୀ ଗଣମାଧ୍ୟମ ଆଗରେ ନିବେଦନ କରିଛନ୍ତି।



ସ୍ଥାନୀୟ ମହିଳା ଚୁଆରୁ ପାଣି ସଂଗ୍ରହ କରୁଛନ୍ତି।

## ଭାରତୀ ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ସମାରୋହରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୨୨।୯(ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ଗୁଣ୍ଡୁଣିଆ ବଜାରଠାରେ ଭାରତୀ ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ବରିଷ୍ଠ ଉପଦେଷ୍ଟା ବୁଲୁ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ, ଉଦ୍ୟୋଗୀ ରାମଚନ୍ଦ୍ର ବେହେରା ଯୋଗଦେଇ ସମାଜସେବା ଓ ସାମାଜିକ ଚେତନା ଉପରେ ଆଲୋକପାତ କରିଥିଲେ। ଯୁବକମାନେ ସାମାଜିକ ଆନ୍ଦୋଳନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ଡା. ହରେକୃଷ୍ଣ ନାୟକ, ଆଇନଜୀବୀ ଅଶୋକ ନାୟକ, ସୁରେନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ପରିଷଦ ପକ୍ଷରୁ ମୁଖ୍ୟଅତିଥି ବେହେରାଙ୍କୁ ତାଙ୍କ ତ୍ୟାଗପୂତ ସମାଜସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଚରମ୍ପା ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତୀ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଥିଲେ। ଯୁବ ପରିଷଦର ସଭାପତି ପରେଶ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କଂଗ୍ରେସର ବ୍ଲକ୍ କାର୍ଯ୍ୟାଳୟ ଘେରାଉ

ଭଣ୍ଡାରିପୋଖରୀ, ୨୨।୯ (ରବିନାରାୟଣ ଖିଲାର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା, ଏମ୍‌ଏନ୍‌ଆର୍‌ଇଜିଏସ୍ ଯୋଜନାରେ ହରିଲୁଟ, ୫-ଟି ସ୍କୁଲ ନିର୍ମାଣରେ ଦୁର୍ନୀତି, ରାଶନ କାର୍ଡରେ ଗରିବଙ୍କୁ ବାଦ୍, ଉତ୍କଟ ଦରଦାମ ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଭଣ୍ଡାରିପୋଖରୀ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସ୍ଥାନୀୟ ରାଜୀବ ଭବନଠାରୁ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ୍ ପ୍ରାଙ୍ଗଣରେ ପହଞ୍ଚିବା ପରେ ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଉଭୟ ସରକାର ଓଡ଼ିଆଙ୍କୁ ଦୁର୍ବଳ କରୁଥିବା ବେଳେ ହଜାର ହଜାର ଶିକ୍ଷିତ ଯୁବକ ଦାଦନ ଖଟିବାକୁ ଯାଇ ଭିଟାମାଟି ଛାଡୁଥିବା ସେ ଅଭିଯୋଗ କରିଥିଲେ। ଓଡ଼ିଶା ଗରିବ ନୁହେଁ ବରଂ ଓଡ଼ିଆ ଗରିବ କହିଥିବା ବେଳେ ଏଥିପାଇଁ ସରକାର ଦାୟୀ ବୋଲି ସେ ଆରୋପ କରିଥିଲେ। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ପ୍ରାକ୍ତନ ସଭାପତି ସୁବ୍ରତ ଦାସ, ବରିଷ୍ଠ ନେତା ଗୋଲକ ଚନ୍ଦ୍ର ବେହେରା, ଅଜୟ ସାହୁ, ପୀତାମ୍ବର ନାୟକ, ସରପଞ୍ଚ ଅକ୍ଷୟ ତ୍ରିପାଠୀ, ବିଜୟ ଶଙ୍କର ମହାନ୍ତି, ନାରୀନେତ୍ରୀ ସବିତା ଚନ୍ଦ, ମିନତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ବିଡିଓ ଦେବଦତ୍ତ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୩ ପଞ୍ଚାୟତର ବରିଷ୍ଠ, ଛାତ୍ର, ଯୁବ ଓ ମହିଳା କର୍ମୀମାନେ ଘେରାଉରେ ସାମିଲ ଥିଲେ।



ଘେରାଉରେ ସାମିଲ ଥିବା କଂଗ୍ରେସ କର୍ମକର୍ତ୍ତାଙ୍କ ସହ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

## ବାଇକ୍ ସହ ବାଇକ୍ ଧକ୍କା, ଆଶା କର୍ମୀ ଆହତ

ରୂପସା, ୨୨।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧି ଛକ-ବସ୍ତା ମୁଖ୍ୟ ରାସ୍ତାର ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଶୁକ୍ରବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ଆଶାକର୍ମୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆଶାକର୍ମୀ ଶାନ୍ତିଲତା ଷଡ଼ଙ୍ଗୀ ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ସଦାନନ୍ଦପୁର(କ) ରେ କାର୍ଯ୍ୟରତ ଅଛନ୍ତି।

ଶାନ୍ତିଲତା ଜଣେ ମହିଳାଙ୍କ ପ୍ରସବ ଲାଗି ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ବସି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ସେହି ରାସ୍ତାର ଶବ ବ୍ୟବଚ୍ଛେଦ ଗୃହ ନିକଟରେ ବସ୍ତାରୁ ଗାନ୍ଧିଛକ ଅଭିମୁଖେ ଆସୁଥିବା ଅନ୍ୟ ଏକ ବାଇକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ ଶାନ୍ତିଲତାଙ୍କର ଦାନ୍ତ ଓ କହୁଣି ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ତାଙ୍କୁ ତୁରନ୍ତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଶତାୟୁ ଫଟୋ ଖବରଦାତାଙ୍କୁ ସମ୍ବର୍ଦ୍ଧନା

ବାରିପଦା,୨୨।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଫଟୋଗ୍ରାଫି କ୍ଲବ ଦ୍ୱାରା ଶତାୟୁ ଫଟୋ ଖବରଦାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ଗୁରୁବାର ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ବିନ୍ଧାଣୀଙ୍କୁ ମାନପତ୍ର ଓ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ଗ୍ରନ୍ଥାଗାରରେ ବିନ୍ଧାଣୀଙ୍କର ୧୦୦ଟି ଫଟୋ ସମ୍ବଳିତ ଏକ ଗ୍ୟାଲେରୀ ତିଆରି କରାଯିବ ବୋଲି କୁଳପତି ଘୋଷଣା କରିଥିଲେ। ଏହି ସଭାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେ ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ, ଅଧିବକ୍ତା ବିଭୁ ଦାସ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ଭାଷ୍ୟକାର ସମରେନ୍ଦ୍ର ବଶା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ୟାମସୁନ୍ଦର ଦାସ, ମୟୂରଭଞ୍ଜ ସାହିତ୍ୟ ପରିଷଦର ପ୍ରାକ୍ତନ ସମ୍ପାଦକ ଆଶୀଷ କୁମାର ବଶା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ଡ. ପୁଷ୍ପାଞ୍ଜଳି ପରି ଅତିଥି ପରିଚୟ ପ୍ରଦାନ ଓ ସହଯୋଗୀ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବାରିପଦାର ବରିଷ୍ଠ ଫଟୋଗ୍ରାଫର ସୁବ୍ରତ କୁମାର ସାହୁ ସହଯୋଗ କରିଥିଲେ।




ଫଟୋ ଖବରଦାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ବର୍ଦ୍ଧିତ କରୁଛନ୍ତି।

## ନାବାଳିକା ଅପହରଣ ମାମଲା

# ଦୋଷୀଙ୍କୁ ୨ ବର୍ଷ ଜେଲ

ବାରିପଦା,୨୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ଅପହରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୩୦୦୦ ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ବିସଡ଼ା ଗ୍ରାମର ଗୋପେଶ୍ୱର ଭଦ୍ରା(୨୮)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ସେପ୍ଟେମ୍ବର ୨୬ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଟିଉସନରୁ ଘରକୁ ଫେରୁଥିଲା ବେଳେ ଅଭିଯୁକ୍ତ ଗୋପେଶ୍ୱର ତାଙ୍କ ସହଯୋଗୀଙ୍କ ସହ ନାବାଳିକାଙ୍କୁ ଅପହରଣ କରି ନେଇ ଯାଇଥିଲେ। ଏନେଇ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଯଶୀପୁର ପୋଲିସ ଏକ ମାମଲା(ନଂ.୧୧୨/୧୪) ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ତେବେ ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ଯଶିପୁର ଥାନା ଇଟାଘର ଗ୍ରାମର ଅନୀଲ କୁମାର ନାଏକ(୨୫)ଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରି ଦେଇଛନ୍ତି। ଉକ୍ତ ମାମଲାକୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

# ରୋଗୀଙ୍କୁ ସହଯୋଗ କରୁନାହାନ୍ତି ସ୍ୱାସ୍ଥ୍ୟମିତ୍ର

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

ଚମ୍ପୁଆ,୨୧।୯(ମହେଶ୍ୱର ଦାସ)

ରୋଗୀ ସେବାକୁ ସରଳ ଓ ସହଜ କରିବା ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟମିତ୍ର ନିଯୁକ୍ତ କରାଯାଇଛି। ଡାକ୍ତରଖାନାକୁ ଆସୁଥିବା ଅସୁସ୍ଥ ରୋଗୀଙ୍କୁ ସହଯୋଗ କରିବା ସହିତ ଡାକ୍ତରଙ୍କ ପାଖକୁ ପହଞ୍ଚାଇବାର ଦାୟିତ୍ୱ ସ୍ୱାସ୍ଥ୍ୟମିତ୍ରମାନେ ତୁଲାଇଥାଆନ୍ତି। ମାତ୍ର ଏହାର ବିପରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ। ଏଠାରେ ସ୍ୱାସ୍ଥ୍ୟମିତ୍ରମାନେ ରୋଗୀଙ୍କୁ ସେବା ଦେବାରେ ପଛଘୁଞ୍ଚା ଦେଉଛନ୍ତି। ଅସୁସ୍ଥତା ଯୋଗୁ ଅନେକ ରୋଗୀ ନିଜ ଲୋକଙ୍କ ସହାୟତାରେ ହ୍ୱିଲ ଚେୟାରରେ ଡାକ୍ତର ପାଖକୁ ଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ମିତ୍ର ବସି ରହି ଏହି ଦୃଶ୍ୟ ଦେଖୁଛନ୍ତି। ଫଳରେ ରୋଗୀମାନେ କଷ୍ଟ ପାଇ ସେବା ପାଇଁ ହଇରାଣ ହରକତ ହେଉଛନ୍ତି। ଗୁରୁବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ସ୍ୱାସ୍ଥ୍ୟମିତ୍ର ତରବରିଆ ଭାବେ ରୋଗୀ ବସିଥିବା ହ୍ୱିଲ ଚେୟାରକୁ ଧରି କର୍ତ୍ତବ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟ କେତେକ ସ୍ୱାସ୍ଥ୍ୟ ମିତ୍ର ମୋବାଇଲରେ ବ୍ୟସ୍ତ ଥିବା ବେଳେ ରୋଗୀଙ୍କ ପ୍ରତି ତାଙ୍କର ନଜର ପଡୁନାହିଁ। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ଏ ଖବର ଏବେ ଜାଣିବାକୁ ପାଇଲି, ସେମାନଙ୍କୁ ଡକାଇ ଏ ବିଷୟରେ ପଚାରିବା ସହିତ କାର୍ଯ୍ୟରେ ଅବହେଳା କଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।




ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ନେଉଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ ପାଠ୍ୟଚକ୍ର, ରୋଲ୍ ପ୍ଲେ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବାଲେଶ୍ୱର, ୨୨।୯(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ପବ୍ଲିକ ଉଚ୍ଚ ବିଦ୍ୟାଳୟ ଏବଂ ଜେଆର୍‌ସି ଭବନରେ ଯଥାକ୍ରମେ ଜିଲାସ୍ତରୀୟ ବିଜ୍ଞାନ ପାଠ୍ୟଚକ୍ର ଓ ଜିଲାସ୍ତରୀୟ ରୋଲ୍ ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ବିଜ୍ଞାନ ପାଠ୍ୟଚକ୍ରରେ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଂଶୁମାନ ନନ୍ଦ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ବିଚାରକ ଭାବେ କୁନ୍ତଳା କୁମାରୀ ମହାବିଦ୍ୟାଳୟ ଅଧ୍ୟାପକ ଡ. ଜ୍ୟୋତିର୍ମୟୀ ପ୍ରଧାନ, ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ଭାଗବତ ଭୂୟାଁ ଯୋଗଦେଇ ୧୨ଟି ବ୍ଲକରୁ ପ୍ରଥମ ସ୍ଥାନ ଅଧିକାର କରି ଆସିଥିବା ପ୍ରତିଯୋଗୀଙ୍କୁ ବିଚାର କରିଥିଲେ। ସେହିଭଳି ଜିଲାସ୍ତରୀୟ ରୋଲ୍ ପ୍ଲେ ପ୍ରତିଯୋଗିତା-୨୦୨୩ରେ ୪ଟି ବ୍ଲକରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ସୁନହଟ୍‌ର ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ୫ଜଣ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ରୋଲ୍ ପ୍ଲେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ବିଚାରକ ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ବେବିରାଣୀ ସି ଏବଂ ଡିଆଇଇଟି ରେମୁଣା ଶିକ୍ଷକ ପ୍ରଶିକ୍ଷକ ରଘୁନାଥ ଦାସ ବିଚାରକ ଭାବେ ଯୋଗଦେଇଥିଲେ। ପୁରସ୍କାର ବିତରଣୀ ସଭାରେ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ ସଭାପତି ଭାବେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦେବା ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲାର ଗୌରବ ଆଣିବା ପାଇଁ ଛାତ୍ରୀଛାତ୍ର ଏବଂ ସହାୟକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି, ପବିତ୍ରମୋହନ ବାରିକ, ଧରଣୀଧର ପାତ୍ର, ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତିମଣୀ ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। ପ୍ରାକ୍ତନ ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘର ବନ୍ଧୁମିଳନ

ଖଇରା, ୨୨।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଶୂନ୍ୟବ୍ରହ୍ମ ଡ୍ରାଇଭର ସଂଘର ବାର୍ଷିକ ପୂଜାର ଉଦ୍‌ଯାପନୀ ସମାରୋହ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ସମ୍ପାଦକ ଶଶୀକୁମାର ସାହୁ ଯୋଗଦେଇ ସଂଘର ଉନ୍ନତି କାମନା କରିବା ସହ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଖଇରା ଥାନା ଆଇଆଇସି ଗୟାଧର ବେହେରା, ୩ନଂ. ଜିଲା ପରିଷଦ ଜୋନ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ଶଶଧର ହାତୀ, ପ୍ରଫୁଲ୍ଲ ଜେନା, ସନାତନ ସେଣ୍ଠ, ଶ୍ରୀକାନ୍ତ ଦାସ, ମନୋଜ ଦାସ, କୈଳାସ ମାଝି, ଲକ୍ଷ୍ମୀଧର ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ ପୂଜା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସଂଘ ସଦସ୍ୟଙ୍କ ସହ ମୁଖ୍ୟଅତିଥି ଶଶି ସାହୁ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଧାମନଗର,(ସନ୍ତୋଷ କୁମାର ମହାପାତ୍ର)-ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ନସଲାପୁର ଗ୍ରାମରେ ଶୁକ୍ରବାର ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଉଛନ୍ତି ଗ୍ରାମର ପଦ୍ମଲୋଚନ ଦାସଙ୍କ ସାନପୁଅ ଧନଞ୍ଜୟ(୧୯)। ପଦ୍ମଲୋଚନଙ୍କ କହିବା ଅନୁଯାୟୀ, ଧନଞ୍ଜୟ ଗୁରୁବାର ରାତିରେ କୋଠାର ଛକ ନିକଟରେ ଗଣେଶ ଠାକୁର ଦେଖିବାକୁ ଯାଇଥିଲେ। ଫେରିବା ବିଳମ୍ବ ହେବାରୁ ସେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଏନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୩୪୨/୨୩) ରୁଜୁ କରିଛି।

## ସଂକ୍ଷେପରେ

### ଚୋରି ଟ୍ରକ୍ ଝାଡ଼ଖଣ୍ଡରୁ ଜବତ, ୧ ଗିରଫ

ଚମ୍ପୁଆ(ମହେଶ୍ୱର ଦାସ)/ କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ),୨୨।୯: କେନ୍ଦୁଝର ଜିଲା ଚମ୍ପୁଆ ଥାନା ରିମୁଳି ଫାଣ୍ଡି ଅନ୍ତର୍ଗତ ଆଙ୍ଗୁଲିଆ ଅଞ୍ଚଳରୁ ଚୋରି ଟ୍ରକ୍‌କୁ ଚମ୍ପୁଆ ପୋଲିସ ଝାଡ଼ଖଣ୍ଡ ରାଜ୍ୟରୁ ଜବତ କରିଛି। ଅଭିଯୁକ୍ତ ରାହୁଲ ସିଂଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୧ରେ ଆଙ୍ଗୁଲିଆଠାରେ ହରିଚନ୍ଦନପୁର ଅଞ୍ଚଳର ଶୁଭାଷିଷ ମହାନ୍ତଙ୍କ ଟ୍ରକ୍ (ନଂ. ଓଆର ୦୫ ଏଏଲ ୯୮୭୪) ଧରି ଡ୍ରାଇଭର ଅନିଲ କୁମାର ଯୋଡ଼ା ଯାଉଥିଲେ। ତଡୁଆ ବାହାଳଠାରେ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଟ୍ରକ୍‌ଟିକୁ ଲୁଟି ନେଇଥିଲେ। ମାଲିକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା( ନଂ. ୧୫୧/୨୩)ରୁଜୁ କରି ଟ୍ରକ୍‌ଟି ଝାଡ଼ଖଣ୍ଡ ବାଲାଣ୍ଡିଆ ଅଞ୍ଚଳରୁ ଜବତ କରିବାରେ ସଫଳ ହୋଇଛି।

### ଝଲସୁଛି କାଞ୍ଚନ ଗଣେଶପୂଜା ମଣ୍ଡପ



ଭଦ୍ରକ,୨୨।୯(ରବିନାରାୟଣ ଖିଲାର)- ଭଦ୍ରକ ସହରର ବିଭିନ୍ନ ପୂଜାମଣ୍ଡପରେ ଗଣପତିଙ୍କ ପୂଜା ଉତ୍ସବ ପାଳନ କରାଯାଉଛି। କୁଆଁସ ୧୫ନଂ. ୱାର୍ଡରେ ପୂଜା ପାଉଛନ୍ତି କାଞ୍ଚନ ଗଣେଶ। ପ୍ରତିଦିନ ଠାକୁରଙ୍କ ପାଖରେ ନୀତି ଭୋଗ ଲାଗି ସହ ସନ୍ଧ୍ୟାରେ ଆଳତି କରାଯାଉଛି। ଏକ ମାସ ଧରି ପୂଜା ପାଇବେ କାଞ୍ଚନ ଗଣେଶ। ଓମ୍ ଶ୍ରୀ ବାବା କାଞ୍ଚନ ଗଣେଶ ପୂଜା କମିଟି ସଭାପତି କାର୍ତ୍ତିକେଶ୍ୱର ମହାଲିକ, ଉପସଭାପତି ରୁଦ୍ରନାରାୟଣ ଲେଙ୍କା, ଚିରାଗ ଦେଶାଇ, କୋଷାଧ୍ୟକ୍ଷ ରାମଚନ୍ଦ୍ର ବେହେରା, ସୁନୀଲ ଜେନା, ଉପଦେଷ୍ଟା ଆଶିଷ ରାଉତ, ଆଶୁତୋଷ ପଣ୍ଡା ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରୁଛନ୍ତି।

### ବ୍ଲକ୍‌ସ୍ତରୀୟ କ୍ରୀଡ଼ାବିତ ଚୟନ ଶିବିର

ବେତନଟୀ,୨୨।୯(ଧରଣୀଧର ମହାନ୍ତି): ବେତନଟୀ ଏମ୍‌ପିସି ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବର୍ଗର ବାଳିକା ବାଳକ କ୍ରୀଡ଼ାବିତ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖୋ-ଖୋ, କବାଡ଼ି ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ମୁଖ୍ୟ ବକ୍ତା ସହକାରୀ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ସେନାପତି ଏବଂ ରମାକାନ୍ତ ମହାନ୍ତ , ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ଶିକ୍ଷକ ନିରୋଜ କୁମାର ମହାନ୍ତ, ଅବସର ପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ଦାସ, ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ବିଡିଓଙ୍କୁ ସରପଞ୍ଚ ସଂଘର ଦାବିପତ୍ର

ବିଶୋଇ(ଅମିତ ଦାସ)/ ମୋରଡ଼ା(ସ୍ମାରକ ମାଝୀ),୨୨।୯– ୧୫ ଦଫା ଦାବି ନେଇ ବିଶୋଇ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏନେଇ ଏକ ଦାବିପତ୍ର ବିଡିଓ ଭାଗବତ ପ୍ରସାଦ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସଂଘର ସଭାପତି ସୋମବାରୀ ସିଂ ଓ ସମ୍ପାଦକ କରୁଣା ସାଗର ମାର୍ଣ୍ଡିଙ୍କ ନେତୃତ୍ୱରେ ବ୍ଲକ ଅଧୀନ ୧୩ ପଞ୍ଚାୟତର ସରପଞ୍ଚ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ଯାଏ ସରକାରଙ୍କ କୌଣସି ଯୋଜନାରେ ସହଯୋଗ କରିବେ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ମୋରଡ଼ା ବ୍ଲକ ସରପଞ୍ଚ ସଂଘ ସଭାପତି ରବି ସିଂଙ୍କ ନେତୃତ୍ୱରେ ଜିପିଓ ରୁପେଶ ମାଝିଙ୍କ ଜରିଆରେ ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ବ୍ଲକ ଅଧୀନ ୨୦ ପଞ୍ଚାୟତର ସରପଞ୍ଚମାନେ ସରକାରୀ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ରାଇବଣିଆ ଗଡ଼ରେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର ୪ଜଣିଆ ଟିମ୍

ଜଳେଶ୍ୱର, ୨୨।୯(ରବିନାରାୟଣ ପାତ୍ର)



କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓଡିଶା ଶାଖାର ଏକ ୪ଜଣିଆ ଟିମ୍ ଐତିହାସିକ ରାଇବଣିଆ ଗଡ଼ର ପର୍ଯ୍ୟବେକ୍ଷଣ କରିଛନ୍ତି । ଏହାର ବିଭିନ୍ନ ସ୍ଥାନ ବୁଲି ବିକ୍ଷିପ୍ତ ଭାବେ ପଡିରହିଥିବା ଶିଳାଖଣ୍ଡ, ପୋଖରୀ, ଗଡଖାଇ ଆଦି ପର୍ଯ୍ୟବେକ୍ଷଣ କରି ଏହା ମୌଜ୍ୟ ସାମ୍ରାଜ୍ୟ ସମୟର ବୋଲି ପ୍ରାରମ୍ଭିକ ଭାବେ ମତବ୍ୟକ୍ତ କରିଛନ୍ତି। ସରକାରୀ ମଞ୍ଜୁରୀ ହେଲେ ଏହାର ଖନନ ହେବା ସହିତ ଏହାର ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି କହିଛନ୍ତି ।

ରାଜ୍ୟ ସରକାର ରାଇବଣିଆ ଗଡ଼କୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ଲାଗି କାର୍ଯ୍ୟ ଆରମ୍ଭ କରିଛନ୍ତି । ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଲାଗି ୧୮.୮କୋଟି ଟଙ୍କା ମଞ୍ଜୁରୀ ମିଳିଥିବା ବେଳେ ୫ କୋଟି ଟଙ୍କା ବାଲେଶ୍ୱର ଜିଲାପାଳଙ୍କ ନିକଟରେ ପହଞ୍ଚିଥିବା କୁହାଯାଇଛି। ଅଦ୍ୟାବଧି ୨ଟି ଫାଟକ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜବରଦଖଲ ଥିବା ଜମି ଉଦ୍ଧାର ଲାଗି କେତେକ ପଦକ୍ଷେପ ନିଆଯାଇଛି। ଗଡ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଙ୍ଗଠନ ସଭାପତି ପ୍ରଫୁଲ୍ଲ ସୁର ଓ ସମ୍ପାଦକ ତଥା ଗବେଷକ ଡ. ଶ୍ରୀକାନ୍ତ ପାତ୍ର ଏହାର ସୁରକ୍ଷା ଲାଗି ଚେଷ୍ଟା ଅବ୍ୟାହତ ରଖିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଠାରୁ ତଥ୍ୟ ସଂଗ୍ରହ ପ୍ରଚେଷ୍ଟା ଜାରି ରହିଛି। ଗଡ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଙ୍ଗଠନ ଏଏସ୍‌ଆଇ ପକ୍ଷରୁ ଏହାର ଖନନ, ସଂରକ୍ଷଣ ଆଦି ସମ୍ପର୍କରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ପୂର୍ବରୁ ଏକ ଦଳ ରାଇବଣିଆ ଦୁର୍ଗ ପରିଦର୍ଶନ କରିଥିଲେ ମଧ ଅନ୍ୟ ଏକ ଟିମ୍ ପର୍ଯ୍ୟବେକ୍ଷଣ କରିଛନ୍ତି। ସୁପରିଣ୍ଟେଣ୍ଡିଂ ଆର୍କୋଲଜିଷ୍ଟ ଡ. ଡିପି ଗଡନାୟକ, ସହକାରୀ ସୁପରିଣ୍ଟେଣ୍ଡିଂ ଆର୍କୋଲଜିଷ୍ଟ ପିପି ପ୍ରଧାନ, ଇଂ ସୁଦୀପ୍ତ ସେନ ଓ ସୁମନ୍ତ ବିଶ୍ୱାଳ, ଫଟୋଗ୍ରାଫର ଦେବାଶିଷ ମିଶ୍ର ପ୍ରମୁଖ ରାଇବଣିଆ ଗଡ଼ର ବିଭିନ୍ନ ସ୍ଥାନ ବୁଲି କୀର୍ତ୍ତିରାଜି ସଂଗ୍ରହ କରିଛନ୍ତି। ବିଶେଷ କରି ଭଣ୍ଡାର ଦେଉଳ, ଗଡଖାଇ, ଗଡଚଣ୍ଡି, ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର, ବିଭିନ୍ନ ପୋଖରୀ ପର୍ଯ୍ୟବେକ୍ଷଣ କରି ଏଥିରେ ବହୁ ତଥ୍ୟ ଲୁଚି ରହିଥିବା ସେମାନେ କହିଛନ୍ତି । ଏହା ମୌଜ୍ୟ ସାମ୍ରାଜ୍ୟ କିମ୍ବା ଲାଙ୍ଗୁଳା ନରସିଂହ ଦେବଙ୍କ ସମୟର ତାହା ମଧ ତଦନ୍ତସାପେକ୍ଷ ବୋଲି କହିଛନ୍ତି । ସରକାରୀ ମଞ୍ଜୁରୀ ହେଲେ ଏହାର ଖନନ ହାତକୁ ନିଆଯିବ ବୋଲି କହିଛନ୍ତି। ସେମାନେ ମଧ ଜଳେଶ୍ୱରର ବାଣିଦାଗଡ ପରିଦର୍ଶନରେ ଯାଇଥିଲେ।

## ଉତ୍ତର ପ୍ରଦେଶ ଯିବେ ୩ ଛାତ୍ରୀଛାତ୍ର

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

### ସଂସ୍କୃତିଜ୍ଞାନ ମଞ୍ଚ ପ୍ରତିଯୋଗିତା

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ଆୟୋଜିତ ଜ୍ଞାନ ବିଜ୍ଞାନ ମେଳାର ସଂସ୍କୃତି ମହୋତ୍ସବ ୨୦୨୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗତିରାଉତପାଟଣା କେଶବଧାମ କଟକରେ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ପ୍ରତୀକ ମହାନ୍ତ, ଛାତ୍ରୀ ସାଇ ଅର୍ପିତା ପ୍ରିୟଦର୍ଶିନୀ ଓ ସ୍ୱାତୀ ସ୍ୱାଗତିକା ବେହେରା ଶିଶୁବର୍ଗ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ଅଂଶଗ୍ରହଣ କରି ଐତିହାସିକ ସଫଳତା ଲାଭ କରିଛନ୍ତି । ବିଦ୍ୟାଳୟ, ସଂକୁଳ, ବିଭାଗ, ସମ୍ଭାଗ, ପ୍ରାନ୍ତରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ପୂର୍ବ କ୍ଷେତ୍ର ଆଣ୍ଡାମାନ, ସିକିମ, ଉତ୍ତର ବଙ୍ଗ, ଦକ୍ଷିଣ ବଙ୍ଗ ତଥା ଓଡ଼ିଶାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ନଭେମ୍ବର ୨୫ ରୁ ୨୭ ତାରିଖରେ ହେବାକୁ ଥିବା ଜାତୀୟ ସଂସ୍କୃତି ମହୋତ୍ସବ ୨୦୨୩ରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ତର ପ୍ରଦେଶର ମଥୁରାକୁ ଯିବେ। ପିଲାମାନଙ୍କ ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ.ସୁନିଲ ରଥ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଗୁରୁମା ଶ୍ରଦ୍ଧାଞ୍ଜଳି ମହାନ୍ତ ଓ ଝିଲ୍ଲି ଗୁମାନ ଉପଢ଼ୌକନ ଦେଇ ପୁରସ୍କୃତ କରିଥିବା ବେଳେ ସଫଳତା ପାଇଁ ପରିଚାଳନା ସମିତି, ଆଚାର୍ଯ୍ୟା, ଆଚାର୍ଯ୍ୟ, ସଂକୁଳ, ବିଭାଗ, ସମ୍ଭାଗ, ଓଡ଼ିଶା ପ୍ରାନ୍ତ ଏହି ଛାତ୍ରଛାତ୍ରମାନଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଗ୍ରାମୀଣ ମନୋରଞ୍ଜନ ପାର୍କ ଲୋକାର୍ପିତ

ଉଦଳା,୨୨।୯(ସନ୍ତୋଷ କୁମାର ବାଛିନୀ)



ଜିଲାପାଳ ବିନୀତ ଭରଦ୍ୱାଜ ଗ୍ରାମୀଣ ମନୋରଞ୍ଜନ ପାର୍କ ଲୋକାର୍ପଣ କରୁଛନ୍ତି।

ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ଏବଂ ଅବକାଶ ସମୟକୁ ଅଧିକ ଆନନ୍ଦମୟ କରିବା ପାଇଁ ଉଦଳା ବ୍ଲକ ଭୀମତାଳି ପଞ୍ଚାୟତଠାରେ ସରକାରଙ୍କର ଅମୃତ ସରୋବର ପ୍ରକଳ୍ପ ମାଧ୍ୟମରେ ଏକ ଗ୍ରାମୀଣ ମନୋରଞ୍ଜନ ପାର୍କର ଲୋକାର୍ପଣ ହୋଇଯାଇଛି। ଅତିଥି ଭାବେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ଉଦଳା ବିଡିଓ ଦେବଜାନୀ ଭୂୟାଁ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଭୀମତାଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଜଳ କ୍ରୀଡ଼ା, ପିଲାମାନଙ୍କ ଖେଳ ସାମଗ୍ରୀ, ସେଲ୍‌ଫି ପଏଣ୍ଟ ଏବଂ ବିଭିନ୍ନ ଖାଦ୍ୟ ଷ୍ଟଲ ପ୍ରଦର୍ଶନୀ ମାଧ୍ୟମରେ ଲୋକାର୍ପିତ ହୋଇଥିଲା। ଏହି ମନୋରଞ୍ଜନ ପାର୍କ ଉଦଳା ସହରଠାରୁ ପ୍ରାୟ ୨ କି.ମି. ଦୂରରେ ଅବସ୍ଥିତ। ସମସ୍ତ ନାଗରିକ ଏହି ପାର୍କରେ ମନୋରଞ୍ଜନ ଏବଂ ଅବକାଶ ସମୟକୁ ଅତିବାହିତ କରି ପାରିବେ। ଏହି ଅବସରରେ ଉଦଳା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶାଳ, ଭିମତାଳି ସରପଞ୍ଚ ବିଜୟା ମୁର୍ମୁ, ନାଏବ ସରପଞ୍ଚ ରଣଜିତ ପଣ୍ଡା, ମିଶନ ଶକ୍ତି ମହିଳା କର୍ମୀ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ମୂର୍ତ୍ତି ଭସାଣିକୁ ନେଇ ଗଣ୍ଡଗୋଳ

ଖୁଣ୍ଟା,୨୨।୯(ଦେବରଞ୍ଜନ ବେହେରା)

ଖୁଣ୍ଟା ଥାନା ଅଧୀନ ରାଣୀବନ୍ଧ ପଞ୍ଚାୟତ କୁଡ଼ିଆଖୁଣ୍ଟା ଗ୍ରାମ ରଣାସାହିରେ ବିଶ୍ୱକର୍ମା ମୂର୍ତ୍ତି ଭସାଣିକୁ ନେଇ ଗଣ୍ଡଗୋଳ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଆହତ ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ସୂଚନା ଅନୁଯାୟୀ, ରଣାସାହିରେ ପିତଳ ମୂର୍ତ୍ତି କାରିଗର ସଂଘ ପକ୍ଷରୁ ଗତ ୨୦ ତାରିଖରେ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ ହେଉଥିଲା। ପ୍ରଶେସନ ସମୟରେ ଡିଜେ ଗାଡ଼ିର ମାଲିକ ସେହି ପଞ୍ଚାୟତ ଅନ୍ତର୍ଗତ ମାଙ୍କଡ଼ିଆ ସାହିର ସନ୍ତୋଷ କୁମାର ସନୁକିଆଙ୍କ ସହ କୁଡିଆଖୁଣ୍ଟା ଗାଁର ଶୁଶିଲ ରଣାଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ଗ୍ରାମରେ ଶାନ୍ତି ବଜାୟ ରଖିବା ପାଇଁ ୨୨ ତାରିଖରେ ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ରାଣିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ଉଭୟ ପକ୍ଷଙ୍କୁ ନେଇ ସମାଧାନ ପାଇଁ ବୈଠକ ବସିଥିଲା। ବୈଠକ ସମୟରେ ଡିଜେ ମାଲିକ ସନୁକିଆ ଓ ତାଙ୍କର କିଛି ସମର୍ଥକ ଶୁଶିଲଙ୍କୁ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଫଳରେ ଶୁଶିଲ ଆହତ ହୋଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବେ ସରକାରୀ ଖୁଚୁରା ବିକ୍ରେତା

ଖଇରା, ୨୨।୯(ଉତ୍କଳବନ୍ଧୁ ପଣ୍ଡା)

### ମିଳିନି ୨୮ ମାସର ବକେୟା ପ୍ରାପ୍ୟ

୨୦୨୦ ସେପ୍ଟେମ୍ବରରୁ କୋଭିଡ ସମୟରୁ ଅଦ୍ୟାବଧି ୩୭ ମାସ ଧରି ସରକାରୀ ଖୁଚୁରା ବିକ୍ରେତାମାନେ ଖାଉଟିମାନଙ୍କୁ ନିରନ୍ତର ବିନା ମୂଲ୍ୟଯୁକ୍ତ ରାଶନ ସାମଗ୍ରୀ ଯୋଗାଇ ଆସୁଛନ୍ତି । ଏଥିମଧ୍ୟରୁ ଉକ୍ତ ବିକ୍ରେତାମାନଙ୍କୁ ରାଜ୍ୟ ସରକାର ମାତ୍ର ୯ ମାସର କମିଶନ ପ୍ରଦାନ କରିଛନ୍ତି । ଯେଉଁଥିପାଇଁ ଉକ୍ତ ସରକାରୀ ସୁଲଭ ଖୁଚୁରା ବିକ୍ରେତାମାନଙ୍କର ପରିବାର ଭରଣପୋଷଣ କଷ୍ଟସାଧ ହୋଇପଡୁଛି। ବାରମ୍ବାର ଦାବି ପରେ ସରକାର କର୍ଣ୍ଣପାତ ନ କରିବା ପ୍ରତିବାଦରେ ଶୁକ୍ରବାର ଖଇରା ବ୍ଲକରେ ବଣ୍ଟନ ଦାୟିତ୍ୱରେ ଥିବା ୭୦ରୁ ଊର୍ଦ୍ଧ୍ୱ କେନ୍ଦ୍ରର ବିକ୍ରେତା ଖଇରା ଶିକ୍ଷକ ସଂଘ ଭବନରେ ଏକଜୁଟ ହୋଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଖଇରା ସରକାରୀ ଖୁଚୁରା ବିକ୍ରେତା ସଂଘ ସଭାପତି ଗୟାଧର ସିଂ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସରକାରୀ ଡିଲରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ଆଗାମୀ ଦିନରେ ସରକାର ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ସମସ୍ତ ବକେୟା କମିଶନ ପ୍ରଦାନ ନ କଲେ ଜିଲାସ୍ତରରେ ବୈଠକ ଡକାଯାଇ ଅକ୍ଟୋବର ୨୭ ତାରିଖରେ ନୟାପଲ୍ଲୀସ୍ଥିତ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ଖୁଚୁରା ବିକ୍ରେତାମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେତାବନୀ ଦେଇଛନ୍ତି ।

## 'ବାସ୍ତବ ଶିକ୍ଷାକୁ ଅଭିଭାବକ ଗୁରୁତ୍ୱ ଦେବା ଅପରିହାର୍ଯ୍ୟ'

ଚମ୍ପୁଆ,୨୨।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରାମଲା ଅନ୍ୱେଷା ଛାତ୍ରବାସଠାରେ ଆମେ ଜାଣିବା-ଆମେ ଜିଣିବା ପରିପ୍ରେକ୍ଷୀରେ ପ୍ୟାରେଣ୍ଟ୍ସ ଆଣ୍ଡ ପାର୍ଟନର(ପାପ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ସମ୍ମାନିତ ଅତିଥିଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ପ୍ରଦୀପ ନାଏକ, ଡ. ମନୋଜ କୁମାର ପାତ୍ର, ଆର.ପି ଅର୍ଜୁନ ଚରଣ ମହାନ୍ତ, ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ଓ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଆର୍ଥିକ ଅନଗ୍ରସର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ଲକ୍ଷ୍ୟନେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ପରେ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ କରାଯାଉଥିବା ଯୋଜନାରେ ଅନ୍ୱେଷା ଛାତ୍ରବାସ ଅନ୍ୟ ଏକ ଉଦାହରଣ ପାଲଟିଛି। ଏଠାରେ ଛାତ୍ରୀଛାତ୍ରଙ୍କୁ ମାଗଣା ଖାଦ୍ୟ, ପୋଷାକ ଓ ପାଠ୍ୟ ଉପକରଣ ଯୋଗାଇ କୁନି କୁନି ପିଲାଙ୍କୁ ଉନ୍ନତମାନର ଶିକ୍ଷା ବିଭିନ୍ନ ବିଦ୍ୟାଳୟରେ ପ୍ରଦାନ କରାଯାଉଛି। ବାସ୍ତବ ଶିକ୍ଷା ଉପରେ ଅଭିଭାବକମାନେ ଗୁରୁତ୍ୱ ଦେବା ଅପରିହାର୍ଯ୍ୟ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଛାତ୍ରବାସ ସୁପରିଣ୍ଟେଣ୍ଡେଣ୍ଟ ଜୟରାମ ମୁଣ୍ଡା ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ମିଟିଂ ହଲ, ୩ଜଣ ଟ୍ୟୁସନ ଶିକ୍ଷକ, ଖେଳପଡ଼ିଆ, ଡାକ୍ତରୀ ଦଳ ଦ୍ୱାରା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଛାତ୍ରବାସ ପରିସରରେ ସିସି କ୍ୟାମେରା ଲଗାଇବା ଏବଂ ଅଗ୍ନିନିର୍ବାପକ ବ୍ୟବସ୍ଥା କରିବା ପାଇଁ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ ମଙ୍ଗଳ ଅଧିକାରୀ ପୂଜାରାଣୀ ପୃଷ୍ଟି ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ

ସୋର, ୨୨।୯(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରଫ କଳ ଛକ ନିକଟରୁ ଏକ ଗୋରୁ ଚମଡା ବୋଝେଇ ଟ୍ରକକୁ ଅଟକ ରଖି ଲୋକେ ପୋଲିସ ଜିମା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଚଣ୍ଡିଖୋଲରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଟ୍ରକକୁ ସୋର ଗୋରକ୍ଷକମାନେ କଲେଜ ଛକ ନିକଟରୁ ସନ୍ଦେହରେ ପିଛା କରି ବରଫକଳ ଛକ ନିକଟରେ ଅଟକାଇଥିଲେ। ଯାଞ୍ଚ ପରେ ଏଥିରେ ଗୋରୁ ଚମଡା ଚାଲାଣ ହେଉଥିବା ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡି ଡ୍ରାଇଭର,ହେଲପର ଏବଂ ମାଲିକଙ୍କୁ ଥାନାରେ ଅଟକ ରଖିବା ସହିତ ଚମଡା ବୋଝେଇ ଟ୍ରକକୁ ଜବତ କରି ଥାନା ପରିସରରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବେଆଇନ ପଥର ଉତ୍ତୋଳନ ବେଳେ ଶ୍ରମିକ ମୃତ

ଖଇରା, ୨୨।୯(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରେ ବେଆଇନ ପଥର ଉତ୍ତୋଳନ ବେଳେ ପଥର ତଳେ ଚାପି ହୋଇ ଲକ୍ଷ୍ମଣ ବେଦାନ୍ତ(୫୫) ନାମକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଗଡପୋଖରୀ ପଞ୍ଚାୟତ ଗାଭର ଗ୍ରାମରେ। ଲକ୍ଷ୍ମଣଙ୍କ ପରିବାରକୁ ସହାୟତା ପ୍ରଦାନ ସହ ବେଆଇନ ପଥରଚାଲାଣ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଜୁ ବେଦାନ୍ତ ନାମକ ବ୍ୟକ୍ତି ସବୁଦିନ ଗାଁରୁ ଶ୍ରମିକମାନଙ୍କୁ ଡାକି ପଥର ଉଠାଇବା କାର୍ଯ୍ୟରେ ଲଗାନ୍ତି। ଶୁକ୍ରବାର ଲକ୍ଷ୍ମଣ ୪୧ ନମ୍ବର ଖାଦାନ ଭିତରେ ଅନ୍ୟମାନଙ୍କ ସହ ପଥର ଉଠାଉଥିବା ବେଳେ ଏକ ବଡ ପଥର ତଳେ ଚାପି ହୋଇଯାଇଥିଲେ।

## 'ବନ୍ତରେ ବିକାଶ ଶୂନ'



ବନ୍ତ,୨୨।୯(ହରିନାରାୟଣ ମହାନ୍ତି)

୨୩ ବର୍ଷ ମଧ୍ୟରେ ବନ୍ତରେ ବିକାଶ ଶୂନ। ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଫାୟାର ଷ୍ଟେଶନ, ଟ୍ରେଜେରୀ ଆଦି ପ୍ରତିଷ୍ଠା ହୋଇପାରି ନାହିଁ। କଂଗ୍ରେସ ସମୟରେ ବନ୍ତ କଲେଜ ପ୍ରତିଷ୍ଠା ହୋଇଛି। ଜଳସେଚନ ବ୍ୟବସ୍ଥାରେ ରବି ଚାଷ ପାଇଁ ଚାଷୀମାନଙ୍କୁ ଜଳ ଯୋଗାଇ ଦିଆଯାଇପାରୁ ନାହିଁ। ବିଦ୍ୟାଳୟ ପୁରୁଣା ଗୃହରେ ରଙ୍ଗ ମରାଯାଉଛି ବୋଲି ଶୁକ୍ରବାର ଭଦ୍ରକ ଜିଲା ବନ୍ତ କେନାଲ ଛକଠାରେ ଜିଲୋ ପଞ୍ଚାୟତ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ପୂର୍ବତନ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଯୁବନେତା ଇଂ.ଲକି ମାଷ୍ଟର ସ୍ୱାଇଁ, ଜ୍ୟୋତି ରଞ୍ଜନ ନାୟକ, ଇଂ. ସୁଧାଂଶୁ ଶେଖର ନାୟକ, ପୂର୍ବତନ ସରପଞ୍ଚ ବାବୁଲି ମହାନ୍ତି, ସେକ୍ ମୁସ୍ତାକ୍ ଅଲ୍ଲୀ ଖାଁ, ସାଦ୍ଦ ସିଦ୍ଦିକ୍, ରମାକାନ୍ତ ପାଣିଗ୍ରାହୀ, ମଣିଭଦ୍ର ବିଶ୍ୱାଳ, ପର୍ଶୁରାମ ସାହୁ , ରଞ୍ଜନ ପୃଷ୍ଟି, ଉମେଶ ସାମଲ, ପ୍ରେମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ଗାଁରେ ଦିଆଯାଉ ଭତ୍ତା'



କୋର୍କରା ସରପଞ୍ଚଙ୍କ ପ୍ରତିନିଧି ସାଷ୍ଟାଙ୍ଗ ପ୍ରଣିପାତ କରି ବିଡିଓଙ୍କୁ ଗୁହାରି କରୁଛନ୍ତି।

ଭଦ୍ରକ, ୨୨।୯(ସନାତନ ରାଉତ)

ଭଦ୍ରକ ବ୍ଲକର କୋର୍କରା ପଞ୍ଚାୟତ କାର୍ଯ୍ୟାଳୟ ପରିବର୍ତ୍ତେ ଗାଁରେ ଭତ୍ତା ପ୍ରଦାନ ଦାବିରେ ସରପଞ୍ଚ ମୋନାଲିସା ପଣ୍ଡାଙ୍କ ନେତୃତ୍ୱରେ ହିତାଧିକାରୀମାନେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସରପଞ୍ଚ ପ୍ରତିନିଧି ଧବଳ ପଣ୍ଡା ସାଷ୍ଟାଙ୍ଗ ପ୍ରଣିପାତ କରି ବିଡିଓଙ୍କୁ ଗୁହାରି ଜଣାଇଥିଲେ। ପଞ୍ଚାୟତର ଟିହିଡ଼ି, ରାଜପୁର ଓ ବରଡ଼ାଡିହ ରାଜସ୍ୱ ଗ୍ରାମର ହିତାଧିକାରୀମାନେ ଭତ୍ତା ପାଇଁ ୧୦ କି.ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ୨ଶହରୁ ୩ଶହ ଟଙ୍କା ଖର୍ଚ୍ଚ ହୋଇଥାଏ। ସେମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପୂର୍ବରୁ ଟିହିଡ଼ି ଗ୍ରାମର କୀର୍ତ୍ତନ ମଣ୍ଡପଠାରେ ଭତ୍ତା ଦିଆଯାଉଥିଲା। ଏବେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ କାର୍ଯ୍ୟାଳୟରେ ଦିଆଯାଉଛି। ପୂର୍ବରୁ ଦିଆଯାଉଥିବା ସ୍ଥାନରେ ପୁନର୍ବାର ଭତ୍ତା ପ୍ରଦାନ ଦାବିରେ ହିତାଧିକାରୀ କମଳିନୀ ପାଢ଼ୀ, ଭିକାରୀ ସେଠୀ, ରଙ୍ଗଲତା ଜେନା, ଦାମୋଦର ଜେନା, କାଠି ପାଣି, ସୀତାରାମ ପରିଡ଼ା ପ୍ରମୁଖ ଧାରଣା ଦେଇଥିଲେ। ଦାବି ପୂରଣ ନେଇ ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୨ ମାସରେ ଧରିଲେଣି ୨୦୦ ସାପ

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ମୁସଲିମ ସାହିର ସାପ ଧରାଳି ଅବଦୁଲ ନାଦିର ଅନ୍‌ସାରୀ(୨୪)। ଅଞ୍ଚଳରେ ସାପ ମଣିଷ ଭାବେ ପରିଚୟ ଲାଭ କରିଥିବା ଏହି ଯୁବକ ଗତ ୨ ମାସ ମଧ୍ୟରେ ୨ ଶହରୁ ଊର୍ଦ୍ଧ୍ୱ ସାପ ଧରିଲେଣି। ଲୋକଙ୍କ ଘରବାଡ଼ିରେ ସାପ ବାହାରିଲେ ସର୍ବଦା ତାଙ୍କୁ ଖୋଜାପଡ଼େ। ବିଶେଷ କରି ବର୍ଷାଦିନେ ଜଙ୍ଗଲ ଘେରା କେନ୍ଦୁଝର ଜିଲାରେ ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟା ଅଧିକ ରହୁଛି। ଘଟଗାଁ ଅଞ୍ଚଳରେ ମଧ ପ୍ରାୟତଃ ସାପ କାମୁଡ଼ା ମାମଲା ଆସୁଛି। ଏ ନେଇ ଖବର ମିଳିବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ସାପ ଉଦ୍ଧାର କରିଥାନ୍ତି। ଏନେଇ କୌଣସି ପାରିଶ୍ରମିକ ମିଳୁ ନ ଥିଲେ ମଧ ନିଜର ଖୁସି ଓ ସେବା ମନୋବୃତ୍ତିରେ କରୁଥିବା ସେ କହିଛନ୍ତି।

ନାଦିର କହିଛନ୍ତି, ଅର୍ଥାଭାବରୁ ୬ଷ୍ଠରୁ ପାଠ ଛାଡ଼ି ଘରେ ରହିଥିଲେ। ୧୫ ବର୍ଷରୁ ସେ ସାପ ଧରିବା କୌଶଳ ଶିଖିଥିଲେ। ଏଥିପାଇଁ ଖଣ୍ଡଘର ଗ୍ରାମର ବବି ଭାଇ ସହାୟତା କରିଛନ୍ତି। ପ୍ରଥମେ ବିଷ ନ ଥିବା ସାପକୁ ଧରିବା କୌଶଳ ଶିଖିବା ପରେ ବିଷାକ୍ତ ସାପ ଧରିବା ଶିଖିଲେ। ସାପ କାହାର କ୍ଷତି କରେ ନାହିଁ। ନିଜର ପ୍ରତିରକ୍ଷା ପାଇଁ କାମୁଡ଼ିଦେଇଥାଏ। ଏଣୁ ସାପ ନ ମାରି ତାଙ୍କୁ ସୂଚିତ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଥାନ୍ତି। ଦିନରାତି ଯେ କୌଣସି ସମୟରେ ଖବର ମିଳିଲେ ଘଟଣାସ୍ଥଳରେ ପହଞ୍ଚି ସାପକୁ ଧରି ପାଖ ଜଙ୍ଗଲରେ ଛାଡ଼ି ଦିଅନ୍ତି। ପୂର୍ବରୁ ଅନେକ ସାପ ଧରିଥିବା ବେଳେ ଗତ ୨ ମାସରେ ଉକ୍ତ ଅଞ୍ଚଳରୁ ଗୋଖର, ଚିତି, ରଣା, ଡାଲୁଅ ନାଗ ଭଳି ବହୁ ବିଷାକ୍ତ ଓ ଅଜଗର, ଢମଣା ଭଳି ବିଷ ନ ଥିବା ୨ଶହରୁ ଊର୍ଦ୍ଧ୍ୱ ସାପ ଧରିଥିବା କୁହନ୍ତି। ସାପ ଧରିବା ସମୟରେ ସେ ବହୁ ଥର ସାପ କାମୁଡ଼ାର ଶିକାର ମଧ ହୋଇଥିବା କହିଛନ୍ତି। ଏଥିପାଇଁ ସେଭଳି କୌଣସି ପ୍ରଶାସନିକ ସ୍ତରରେ ସହାୟତା ଓ ସମ୍ମାନ ମିଳିନାହିଁ। ବେଳେ ବେଳେ କେତେଜଣ ଲୋକ ଖୁସିରେ କିଛି ଆର୍ଥିକ ସହାୟତା କରିଥାନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ବାର୍ତ୍ତା ଆସିବା ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଘରେ ବାପା ଏମ୍‌ଡି ତହୁର ଅନସାରୀ, ଭାଇ ଅବଦୁଲ କାଦିର ଅନସାରୀ ଥିବା ବେଳେ ୧୦ ବର୍ଷ ବୟସରେ ମା'ଙ୍କୁ ହରାଇଥିବା କୁହନ୍ତି। ଭାଇ ଫୁଟ୍‌ପାଥରେ କପଡ଼ା ଦୋକାନ କରି ପରିବାର ଚଳାନ୍ତି। ସେ ଲୋକଙ୍କ ସେବା କରିବା ସହ ଭାଇଙ୍କୁ ବ୍ୟବସାୟରେ ସହଯୋଗ କରନ୍ତି। ଏଥିସହ ଏକ ନ୍ୟୁଜ୍ ପୋର୍ଟାଲ ଚ୍ୟାନେଲରେ ଖବରଦାତା ଭାବେ କାର୍ଯ୍ୟ କରୁଥିବା କହିଛନ୍ତି। ପ୍ରଶାସନିକ ସ୍ତରରେ ଯୁବକଙ୍କୁ ସହାୟତା ଦେବା ଉଚିତ ବୋଲି ସାମାଜିକ କର୍ମୀ ତପନ କୁମାର ବେହେରା କହିଛନ୍ତି।



ଅବଦୁଲ ନାଦିର ଅନ୍‌ସାରୀ

### ସାପ ମଣିଷ ନାଦିର ଅନ୍‌ସାରୀ

## ଗହଣା ଦୋକାନରେ ଜିଏସ୍‌ଟି ଚଢ଼ାଉ

ଉଦଳା,(ସନ୍ତୋଷ କୁମାର ବାଛିନୀ): ଟିକସ ଫାଙ୍କି ଅଭିଯୋଗରେ ଉଦଳା ମହେନ୍ଦ୍ର ଜୁଏଲର୍ସରେ ସିଟି ଓ ଜିଏସ୍‌ଟି ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଉଭୟ ବିଭାଗ ମଧ୍ୟାହ୍ନରେ ଜୁଏଲର୍ସରେ ଥିବା ବିଭିନ୍ନ ସୁନାଗହଣାର ଆକଳନ କରିବା ସହିତ ଦସ୍ତାବିଜ ଯାଞ୍ଚ କରିଥିଲେ। ଯାଞ୍ଚ ପରେ କେତେ ଟଙ୍କାର ଟିକସ ଫାଙ୍କି ହୋଇଛି ତାହା ସ୍ପଷ୍ଟ ହେବ ବୋଲି ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀମାନେ କହିଛନ୍ତି।

## ସଂକ୍ଷେପରେ

### ଗଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୨।୯ (ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ଗମ୍ଭାରୀଆ ଗ୍ରାମ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ଗଛରେ ପିଟି ହୋଇ ଶୁକ୍ରବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରାଜସ୍ଥାନ ରାଜ୍ୟ ଚୁରୁ ଜିଲା ସଜନଗଡ ଅଞ୍ଚଳର ଏମ.ଡି. ଫିରୋଜ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୧୨/୨୩) ରୁଜୁ ହୋଇଛି।

### ରୋଟାରିୟାନ୍ ରାଜେନ୍ଦ୍ର ହେଲେ ଆସିଷ୍ଟାଣ୍ଟ ଗଭର୍ନର

କେନ୍ଦୁଝର,୨୨।୯(ଦୀପକ ମିଶ୍ର): ଶିକ୍ଷାବିତ୍, ସମାଜସେବୀ ରୋଟାରିୟାନ୍ ଡ଼ ରାଜେନ୍ଦ୍ର କୁମାର ପଲେଇ ରୋଟାରୀ ଇଣ୍ଟରନ୍ୟାସନାଲ ଆର୍‌ଆଇ ଡିଷ୍ଟ୍ରିକ୍ଟ ୩୨୬୨ର ଆସିଷ୍ଟାଣ୍ଟ ଗଭର୍ନର ଭାବେ ଦାୟିତ୍ୱ ନେଇଛନ୍ତି। ଡିଜିଇ ଯାଜ୍ଞସିସ୍ ମହାପାତ୍ର ତାଙ୍କ ଟିମ୍‌ରେ ପଲେଇଙ୍କୁ ଆସିଷ୍ଟାଣ୍ଟ ଗଭର୍ନର ରୂପେ ଗ୍ରହଣ କରିଥିବାରୁ ସେ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ପାଇଁ ସେବା କରିବାର ଆଉ ଏକ ସୁଯୋଗ ହୋଇଥିବାବେଳେ ସେ ୨୦୨୪ ଓ ୨୦୨୫ ପାଇଁ ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ରହିବେ। ଆଗରୁ ସେ ରୋଟାରୀର ସଭାପତି ଥିବା ସମୟରେ ଅନେକ ଜନହିତକର କାମ କରିବା ସହିତ ପରିବେଶର ସୁରକ୍ଷା ଏବଂ ପ୍ରଦୂଷଣମୁକ୍ତ କେନ୍ଦୁଝର ପାଇଁ ଅନେକ ଉଚିତ୍ ପଦକ୍ଷେପ ନେଇଥିଲେ। ଦରିଦ୍ର ଓ ଅନାଥ ଲୋକମାନଙ୍କୁ ମାଗଣାରେ ଖାଦ୍ୟ ମଧ୍ୟ ବଣ୍ଟନ କରି ବହୁ ପ୍ରଶଂସାର ପାତ୍ର ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଥିବାରୁ ଖୁସିର ଲହରୀ ଖେଳିଯାଇଛି ଓ ଚାରିଆଡୁ ଶୁଭେଚ୍ଛାର ବାର୍ତ୍ତାମାନ ଆସୁଛି। ଯାହାକି ତାଙ୍କ ପାଇଁ ହେବ ପ୍ରେରଣାର ଉତ୍ସ ବୋଲି କହିବା ସହ କେନ୍ଦୁଝର ରୋଟାରୀ କ୍ଲବ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସିଟିଜି ଫାଉଣ୍ଡେସନ ଏବଂ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଓ କେନ୍ଦୁଝର ଡିଗ୍ରୀ କମର୍ସ କଲେଜରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି।

### ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସଚିବଙ୍କ ମାତୃ ବିୟୋଗ

ତିହିଡି,୨୨।୯(ସଞ୍ଜିତ ବଳ)- ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତ ହଳଧରବିନ୍ଧା ଗ୍ରାମର ପଦ୍ମାବତୀ ନାୟକ(୮୨)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ପଦ୍ମାବତୀ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସଚିବ ବିଜୟ ନାୟକ ଏବଂ ପ୍ରମୁଖ ରାଜସ୍ୱ ସଚିବ କବି ଅଭୟ ନାୟକଙ୍କ ମା'। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ମରଶରୀର ଶୋଭାଯାତ୍ରାରେ ପରିବାରବର୍ଗ, ଆତ୍ମୀୟ ସ୍ୱଜନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଶହୀଦ ନବରତ୍ନଙ୍କୁ ସମୂହ ଶ୍ରଦ୍ଧାଞ୍ଜଳି

### ଲୁଣିଆ ଗୁଳିକାଣ୍ଡର ୮୧ତମ ପୂର୍ତ୍ତି

ଧାମନଗର, ୨୨।୯ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ଶହୀଦନଗରଠାରେ ଲୁଣିଆ ଗୁଳିକାଣ୍ଡର ୮୧ତମ ବର୍ଷ ପୂର୍ତ୍ତି ଶହୀଦ ଦିବସ ଶୁକ୍ରବାର ପାଳନ କରାଯାଇଛି। ସକାଳେ ଶହୀଦ ସ୍ମୃତିରକ୍ଷା କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ପ୍ରଭାତ ଫେରି ପରେ କବି ପୋଖରୀରେ ନବରତ୍ନ ଶହୀଦଙ୍କ ଉଦ୍ଦେଶ୍ୟରେ ସମୂହ ତିଳତର୍ପଣ କରାଯାଇଥିଲା। ଶହୀଦ ସ୍ମୃତିରକ୍ଷା କମିଟି ସଭାପତି ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଥିଲେ। ପଣ୍ଡିତ ନିରଞ୍ଜନ ସେନାପତି ପୂଜାର୍ଚ୍ଚନା କରିଥିଲେ। ସଂଗ୍ରାମୀ ରାମହରି ଗୋସ୍ୱାମୀ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଜିଲା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ଶ୍ୟାମସୁନ୍ଦର ବେହେରା,



ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ବୈଲୋଚନ ଜେନା, କମିଟି ସାଧାରଣ ସମ୍ପାଦକ ଗୟାଧର ନାୟକ, ସାଧାରଣ ସମ୍ପାଦିକା ପ୍ରିୟତମା ପାଣିଗ୍ରାହୀ, ଉପସଭାପତି ଖବରଦାତା ବୈକୁଣ୍ଠନାଥ ସାହୁ, ଦେବେନ୍ଦ୍ର ପୁହାଣ, ଚତୁର୍ଭୁଜ ନାୟକ, ଚିତ୍ରଶିଳ୍ପୀ ଜୟନ୍ତ ନାୟକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଦେବାଶିଷ ନାୟକ, ବୁଦ୍ଧଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ।

ବିଜେଡି ପକ୍ଷରୁ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ସାରଦା ପ୍ରସନ୍ନ ସାହୁ, ରଘୁନାଥ ଲେଙ୍କା, ଅନୁସୂୟା ସାହୁ, ଉମେଶ ମହାନ୍ତି, ପ୍ରଦୀପ ମଲ୍ଲିକ, ଶରତ ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସର ଜିଲା ସଭାପତି ଅଶୋକ ଦାସ, ଅଭିଷେକ ରାଉତ, ନାରାୟଣ ପାଢ଼ୀ, ଡାକ୍ତର ବିଦ୍ୟାଧର ଜେନା, ହୃଦାନନ୍ଦ ସେଠି, ପ୍ରାକ୍ତନ ଏମ୍‌ପି ମୁରଲୀଧର ଜେନା ପ୍ରମୁଖ ଶହୀଦ ପୀଠରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସିପିଆଇଏମ୍ ପକ୍ଷରୁ ଚନ୍ଦ୍ରଶେଖର ନାୟକ, ରମେଶ ସାହୁ, ରମାକାନ୍ତ ମହାଲିକ ଏବଂ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପକ୍ଷରୁ ଅନ୍ତେବାସୀଙ୍କ ସହ ଅଶୋକ ଦାସ, ଅଜୟ ନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱତନ୍ତ୍ର ଭାବେ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ବେଳେ ତାଙ୍କ ଦାୟାଦ ନାରାୟଣ ପଣ୍ଡା ସାମିଲ ହୋଇଥିଲେ।






@ତପନ



@ପୁରନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଟିପିଏନଓଡିଏଲ୍‌କୁ ୧୫ ପୁରସ୍କାର



ଟିପିଏନ୍‌ଓଡ଼ିଏଲ୍‌ର ଅଧିକାରୀଙ୍କ ସହ ସମ୍ମାନିତ କର୍ମଚାରୀ।

ବାଲେଶ୍ୱର, ୨୨।୯(ମାନସ ବିଶ୍ୱାଳ)

ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନଓଡିଏଲ୍), ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ କ୍ୱାଲିଟି ସର୍କଲ ଫୋରମ ଅଫ ଇଣ୍ଡିଆ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ 'କ୍ୱାଲିଟି କନସେପ୍ଟ ୨୦୨୩ର ୫ମ ଅଧ୍ୟାୟ ସମ୍ମିଳନୀ'ରେ ୧୫ଟି ପୁରସ୍କାରରେ ସମ୍ମାନିତ ହୋଇଛି।

କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଏକ ଉତ୍ତମ ଭବିଷ୍ୟତ ପାଇଁ ଗୁଣାତ୍ମକ ଧାରଣା ପ୍ରତିପୋଷଣ'। ଚଳିତବର୍ଷ ବାଲ୍‌କୋ, ନାଲକୋ, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ଜିନ୍ଦଲ ଷ୍ଟିଲ ଲିମିଟେଡ୍, ଉତ୍କଳ ଆଲୁମିନା, ଟାଟା ଷ୍ଟିଲ ମାଇନିଂ, ଓଏମ୍‌ସି, ଭେଦାନ୍ତ ଆଲୁମିନା ଲିମିଟେଡ ଭଳି ଅନୁଷ୍ଠାନର ୧୮୪ଟି ଦଳ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଟିପିଏନ୍‌ଓଡ଼ିଏଲ ୧୫ଟି କ୍ୱାଲିଟି ସର୍କଲ ଦଳକୁ ମନୋନୀତ କରିଥିଲା ଏବଂ ସେଥିମଧ୍ୟରୁ ୧୦ଟି ଦଳ 'ସ୍ୱର୍ଣ୍ଣ' ପୁରସ୍କାର ଏବଂ ୫ଟି ଦଳ 'ସିଲଭର' ପୁରସ୍କାର ପ୍ରାପ୍ତ କରିଛନ୍ତି। ବିଭିନ୍ନ ପ୍ରକଳ୍ପ/ପାଇଲଟ୍ ପ୍ରୋଜେକ୍ଟ, ଟ୍ରେନିଂ ଏବଂ ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ଟିପିଏନଓଡିଏଲ କ୍ରମାଗତ ଉନ୍ନତି, ନୂତନତ୍ୱକୁ ଉତ୍ସାହିତ ଏବଂ ପ୍ରୋତ୍ସାହିତ କରିଆସୁଛି। ଏହି ପ୍ଲାଟଫର୍ମଗୁଡ଼ିକ କର୍ମଚାରୀମାନଙ୍କୁ ଉଲ୍ଲେଖନୀୟ ଶିକ୍ଷଣୀୟ ଅଭିଜ୍ଞତା ପ୍ରଦାନ କରିଛି ଏବଂ କର୍ମଜୀବୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀ ମନୋଭାବର ଭାବନା ସୃଷ୍ଟି କରିଥିବା ଟିପିଏନ୍‌ଓଡିଏଲ୍ ସିଇଓ ଭାସ୍କର ସରକାର ସୂଚନା ଦେଇଛନ୍ତି।

## ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାହାନଗା, ୨୨।୯(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମରୁ ୧୫୦ଗ୍ରାମ୍ ବ୍ରାଉନସୁଗାର ଅବକାରୀ ଥାନା ପୋଲିସ୍ ଜବତ କରିଛି । ଏଥିରେ ସମ୍ପୃକ୍ତ ଶଶୀକାନ୍ତ ମହାଲିକ(୪୫)ଙ୍କୁ ଗିରଫ କରାଯାଇଛି।

ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ନୂଆପୁରରେ ଚଢ଼ାଉ କରିଥିଲା। ଶଶୀକାନ୍ତ ଗୋପାଳପୁର ଓ ଏହାର ଆଖପାଖ ଅଞ୍ଚଳକୁ ବ୍ରାଉନସୁଗାର ଯୋଗାଇ ଆସୁଥିବା ସୂଚନା ମିଳିଛି। ଏନେଇ ଗୋପାଳପୁର ଅବକାରୀ ଥାନାରେ ମାମଲା(ନଂ. ୧୮୧/୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଜିଲା ଅବକାରୀ ଇନ୍ସପେକ୍ଟର ଗାଲୁରାମ ସୋରେନ୍, ଏସ୍‌ଆଇ ଭକ୍ତଚରଣ ସ୍ୱାଇଁ, ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ୟସୁନ୍ଦର ମଲ୍ଲିକ, ଏଏସ୍‌ଆଇ ମଙ୍ଗଳକୁମାର ସିଂ, ସୃଷ୍ଟିଧର ଦେହୁରୀ, ମୀନତି ପରିଡା, ବିଦ୍ୟାଧର ବିନ୍ଧାଣୀ ଓ ସୋନାରାମ ସୁରେନ୍ ପ୍ରମୁଖ ଚଢ଼ାଉରେ ସହଯୋଗ କରିଥିଲେ।

# ଗାଁ ମୁହଁରେ ଆଣ୍ଠୁଏ କାଦୁଅ

### ଆମ୍ବୁଲାନ୍ସ ଯାଇପାରୁନି, ରାସ୍ତା ନିର୍ମାଣ ଦାବି

ଢେଙ୍କିକୋଟ,୨୨।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଢେଙ୍କିକୋଟ ଗ୍ରାମର ଦଳେଇସାହିସ୍ଥିତ ହାଇସ୍କୁଲ ପୋଖରୀହୁଡ଼ା ସାହି ଏବଂ ଢେଙ୍କିକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବା ରାସ୍ତାରେ ଆଣ୍ଠୁଏ କାଦୁଅ ହୋଇଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଯାତାୟାତ ସମ୍ଭବ ହେଉନାହିଁ। ଯଦି ଗ୍ରାମରେ କେହି ରୋଗାଗ୍ରସ୍ତ ହୁଅନ୍ତି, ଆମ୍ବୁଲାନ୍ସ ମଧ୍ୟ ଆସିପାରେନାହିଁ। ପ୍ରାଥମିକ ସ୍କୁଲକୁ ଯାଉଥିବା କୁନିକୁନି ପିଲା କାଦୁଅରେ ପଶି ଯାତାୟାତ କରୁଛନ୍ତି। ରାସ୍ତା ପ୍ରତି ଘଟଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେବାକୁ ଢେଙ୍କିକୋଟ ବିକାଶମଞ୍ଚ ଦାବି କରିଛି। ଢେଙ୍କିକୋଟ୍ ସରପଞ୍ଚ ଖଇର ନାଏକ କହିଛନ୍ତି, ବର୍ଷା ଦିନ ପରେ ରାସ୍ତା କଂକ୍ରିଟ୍ କରାଯିବ।



ଗାଁ ମୁହଁରେ କାଦୁଅ ଜମିଛି।

# ୧୫ ଦିନ ଧରି ଜଳବନ୍ଦୀ ୭୦ ପରିବାର



ଘର ଦୁଆରମୁହଁରେ ଜମିଥିବା ବର୍ଷାପାଣିରେ ବାସନ ଧୋଉଛନ୍ତି ଜଣେ ମହିଳା।

ଚାନ୍ଦବାଲି,୨୨।୯(କିଶାନ ପାତ୍ର)

ଲଗାଣ ବର୍ଷାରେ ରାସ୍ତା ଜଳାର୍ଣ୍ଣବ ହୋଇଥିବାରୁ ଚାନ୍ଦବାଲି ବ୍ଲକ ନଳଗୋହିରା ପଞ୍ଚାୟତ ୮ନଂ. ୱାର୍ଡର ୭୦ ପରିବାର ଏବେ ଜଳବନ୍ଦୀ। ରାସ୍ତା ସମସ୍ୟା ସାଙ୍ଗକୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ। ପ୍ରତିବର୍ଷ ବର୍ଷାଦିନେ ଏମାନେ ଜଳବନ୍ଦୀ ହୋଇରହୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଶାସନଠାରୁ ଆରମ୍ଭ କରି ବିଧାୟକ ଓ ଜନପ୍ରତିନିଧିମାନଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଆଗାମୀ ଦୁଇଦିନ ମଧ୍ୟରେ ପାଣି ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ଦେବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ହାସ୍ୟ ଅଭିନେତା ଉମାକାନ୍ତ ଗିରଫ

ସିମୁଳିଆ, ୨୨।୯(ସନ୍ତୋଷ ନାୟକ)

ହାସ୍ୟ ଅଭିନେତା ଉମାକାନ୍ତ ପାଣିଗ୍ରାହୀ (୩୦)ଙ୍କୁ ପୋଲିସ ଗୁରୁବାର ବିଳମ୍ବିତ ରାତ୍ରୀରେ ତାଙ୍କ ନିଜ ଘରୁ ଗିରଫ କରିଛି। ତାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବରି ଅଞ୍ଚଳରେ। ସିମୁଳିଆ ବ୍ଲକ ଅବଝୁଣା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ବଳଙ୍କ ବିରୋଧରେ ବିଭିନ୍ନ ଭିଡ଼ିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ମାମଲା(ନଂ. ୨୮୬/୨୩) ରୁଜୁ କରିଛି। ସେହିପରି ଉମାକାନ୍ତ ୟୁଟ୍ୟୁବରେ ଅସୌଜନ୍ୟ ଭିଡ଼ିଓ ଭାଇରାଲ କରୁଥିବା ନାରୀନେତ୍ରୀ ତଥା ମାର୍କୋଣା ପଞ୍ଚାୟତର ୱାର୍ଡ଼ସଭ୍ୟା ମୀନାକ୍ଷୀ ନାୟକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ମାମଲା(ନଂ.୨୮୫/୨୩) ରୁଜୁ କରିଥିବା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

ସୂଚନା ଯେ, ହାସ୍ୟ ଅଭିନେତା ଉମାକାନ୍ତ ବିଭିନ୍ନ ଟିଭିରେ ମନୋରଞ୍ଜନ କାର୍ଯ୍ୟକ୍ରମ କରିବା ସହିତ ନିଜେ ଗୀତ ଲେଖିବା ଓ ଗାଇବା ସହିତ ନିଜର ୟୁଟ୍ୟୁବ ଚ୍ୟାନେଲରେ ବିଭିନ୍ନ ଖବର ଓ ମନୋରଞ୍ଜନ କରନ୍ତି। ତେବେ ଗତବର୍ଷ ସେ ବିଭିନ୍ନ ଜିଲାର ଯୁବତୀଙ୍କ ଉପରେ ଗୀତ ଲେଖିବା ଓ ଏହାକୁ ଗାଇ ଭାଇରାଲ କରିବାକୁ କେନ୍ଦ୍ର କରି ଆକ୍ରୋଶର ଶିକାର ହୋଇଥିଲେ। ବିଭିନ୍ନ ମହିଳା ସଙ୍ଗଠନ ଓଡିଶାର ବିଭିନ୍ନ ଥାନାରେ ମାମଲା ରୁଜୁ କରିଥିଲେ। ପରେ ଏହି ଗୀତ ବନ୍ଦ ହେବା ସହିତ ସେ କ୍ଷମା ପ୍ରାର୍ଥନା କରିଥିଲେ। ଏ ସମ୍ପର୍କରେ ଗିରଫ ଉମାକାନ୍ତଙ୍କୁ ପଚାରିବାରୁ ଓଡ଼ିଶାରେ ବିଭିନ୍ନ ଗୀତ ଓ ଖବର ପ୍ରକାଶ ପାଉଥିବା ବେଳେ ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇଛି ବୋଲି ସେ କହିଥିଲେ। ଉମାକାନ୍ତ ବିଭିନ୍ନ ଅସୌଜନ୍ୟ ଖବର ପ୍ରସାରଣ କରୁଥିବା ନାରୀନେତ୍ରୀ ମୀନାକ୍ଷୀ ନାୟକ କହିଛନ୍ତି। ସେହିପରି ଉମାକାନ୍ତ ଟଙ୍କା ମାଗିବା, ଧମକ ଦେବା ସହିତ ପଞ୍ଚାୟତର ବିଭିନ୍ନ ଘଟଣାକୁ ଯୋଡି ଭଡ଼ିଓ ପୋଷ୍ଟ କରିବା ସମ୍ପର୍କରେ ସରପଞ୍ଚ କମଳାକାନ୍ତ କହିଛନ୍ତି। ସିମୁଳିଆ ମେଡିକାଲରେ ଉମାକାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶୁକ୍ରବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି।



ସିମୁଳିଆ ମେଡିକାଲରେ ଉମାକାନ୍ତ ପାଣିଗ୍ରାହୀ।

## ଗଣେଶ ପୂଜା: ଜମୁଛି ମନୋରଞ୍ଜନ କାର୍ଯ୍ୟକ୍ରମ

ପାଟଣା,୨୨।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡେଣୁଆଁ ଗ୍ରାମ ଗଣେଶ ପୂଜା କମିଟି ଦ୍ୱାରା ୨୪ତମ ଗଣେଶ ପୂଜା ଉତ୍ସବ ପାଳିତ ହେଉଛି। ଗୁରୁବାର ସୋନୁ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପ୍ରଦର୍ଶିତ ନୃତ୍ୟଗୀତ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ମିଡିଆ ସେଲ ଉପାଧ୍ୟକ୍ଷ ଇଂ. ବିନୋଦ ବିହାରୀ ନାଏକ, ଭାଜପା ନେତା ସତ୍ୟବ୍ରତ ନାଏକ, ସମ୍ମାନିତ ଅତିଥିଭାବେ ଜିଲା କଂଗ୍ରେସର ଉପସଭାପତି କୈଳାସ ଚନ୍ଦ୍ର ବାରିକ, ଡମ୍ବରୁଧର ମହାନ୍ତ, ଉମାକାନ୍ତ ମହାନ୍ତ, କପିଳ ମହାନ୍ତ, ଗୌରହରି ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂଜା କମିଟି ରଜତ ସାହୁ ସଭା ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଧୀରେନ ମହାନ୍ତ ସଂଯୋଜନା କରିଥିଲେ।

## କ୍ରେନ୍‌କୁ ଧକ୍କା ଦେଇ ରାସ୍ତା କଡ଼କୁ ଖସିଗଲା ଟ୍ରେଲର

ଯୋଡ଼ା,୨୨।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ଦେଇ ଯାଇଥିବା ୫୨୦ ନଂ. ଜାତୀୟ ରାଜପଥର କଳାପାହାଡ଼ ଗଡ଼ାଣି ରାସ୍ତାରେ ଶୁକ୍ରବାର ଏକ ଖଣିଜ ବୋଝେଇ ଟ୍ରେଲର ଏକ କ୍ରେନକୁ ଧକ୍କା ଦେଇ ରାସ୍ତା କଡ଼କୁ ଖସିପଡ଼ିଛି। ଗାଡ଼ି ଦ୍ୱୟର ଡ୍ରାଇଭର, ହେଲପର ସୁରକ୍ଷିତ ରହିଛନ୍ତି। କ୍ରେନ୍‌ଟି ରାସ୍ତା ମଝିରେ ଓଲଟି ପଡ଼ିବାରୁ ୨ ଘଣ୍ଟା ରାସ୍ତା ଜାମ ହୋଇ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଲମ୍ବା ଲାଇନ୍‌ରେ ଗାଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଗୋଟିଏ ଦିନ ପୂର୍ବରୁ ସମ୍ପୃକ୍ତ ସ୍ଥାନରେ ଏକ ଅଜଣା ଗାଡ଼ି ଧକ୍କାରେ ଯୋଡ଼ା ବନେଇକଳା ଅଞ୍ଚଳର ବେଲମଣୀ ମୁଣ୍ଡା ନାମକ ଏକ ମହିଳା ଗୁରୁତର ହୋଇ ଟାଟା ଷ୍ଟିଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବେପରୁଆ ଗାଡ଼ି ଚଳାଚଳ ପ୍ରତି ପ୍ରଶାସନ ଅଙ୍କୁଶ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସର୍ବାଙ୍ଗୀନ ଉନ୍ନତି ଦାବିରେ ଆମରଣ ଅନଶନ




ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନଶନ।

### ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବାଲିଆପାଳ, ୨୨।୯(ଅମୂଲ୍ୟ ଦାସ/ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ଦାବିରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ମଞ୍ଚ ପକ୍ଷରୁ ୪ ଦଫା ଦାବିରେ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆମରଣ ଅନଶନ ଆରମ୍ଭ ହୋଇଛି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ପଦବୀରେ ବିଶେଷଜ୍ଞ ଡାକ୍ତରଙ୍କୁ ତୁରନ୍ତ ନିଯୁକ୍ତି କରାଯିବା, ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟିରେ ସାମିଲ କରାଯିବା ସହିତ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ଉପକରଣ ଯୋଗାଇ ଦେବା ଏବଂ ନିଃଶୁଳ୍କ ପରୀକ୍ଷା ନିରୀକ୍ଷାର ବ୍ୟାପକ ବନ୍ଦୋବସ୍ତ କରାଯିବା, ମହାପ୍ରୟାଣ ଯୋଜନାରେ ସାମିଲ କରାଯାଇ ନିଃଶୁଳ୍କ ଶବ ପରିବହନ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ଯାଏ ଆମରଣ ଅନଶନ ଜାରି ରହିବ ବୋଲି ମଞ୍ଚର ଆବାହକ ମହାନ୍ତି କହିଛନ୍ତି। ଏହି ଆମରଣ ଅନଶନରେ ଗୋବିନ୍ଦ ଦେବାଶିଷ ପାତ୍ର, ବିକ୍ରମ କେଶରୀ ଦେ, ପ୍ରଦୀପ ଜେନା, ରାଧାକୃଷ୍ଣ ଦାସ ମହାପାତ୍ର, ଜୟକୃଷ୍ଣ ଗଙ୍ଗାଇ, ଗୌତମ ପରିଡ଼ା ଅନଶନରେ ବସିଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ପ୍ରାସାଦ ସାହୁ, ସନ୍ନ୍ୟାସୀ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମୋବାଇଲ ଚୋରି ଅଭିଯୋଗରେ ମହିଳା ଗିରଫ

ଗୋପବନ୍ଧୁନଗର,୨୨।୯(ଶାନ୍ତନୁ କୁମାର ମଲୁଆଳ)– ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ଅଧୀନ ରାଣୀବନ୍ଧ ପଞ୍ଚାୟତ ଅମାଡି ଗ୍ରାମର କୁଶ ମାରାଣ୍ଡିଙ୍କ ଘରୁ ଦୁଇଟି ମୋବାଇଲ ଚୋରି ହୋଇଥିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ଜଣେ ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତ ମହିଳା ଜଣକ ହେଲେ ସୁମିତ୍ରା ସୋରେନ (୨୫)। ଏ ନେଇ ଥାନାରେ ଏକ ମାମଲା(ନଂ.୨୬୪/୨୩) ରୁଜୁହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ୩ ଦିନରେ ୫.୪ ଲକ୍ଷ କୋଟି ହରାଇଲେ ନିବେଶକ

ନୂଆଦିଲ୍ଲୀ,୨୨।୯ (ଅଭୟ ଦାଶ)

ଗତ ୨ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଫଳରେ ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କାରେ କାରବାର କରୁଛନ୍ତି। ଏପରିକି କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟୁଛି। ବିଶେଷକରି ସେନସେକ୍ସର କାରବାର ଲଗାତର ଭାବେ ହ୍ରାସ ପାଉଛି। ସୋମବାର ୨୪୨ ପଏଣ୍ଟ, ବୁଧବାର ୭୯୬ ପଏଣ୍ଟ ଏବଂ ଗୁରୁବାର ୫୦୦ରୁ ଅଧିକ ପଏଣ୍ଟ ହ୍ରାସ ଘଟିଥିଲାବେଳେ ଶୁକ୍ରବାର ସେନସେକ୍ସ ୨୨୧ ପଏଣ୍ଟ ସହ ପ୍ରାୟ ୪ଟି କାର୍ଯ୍ୟଦିବସରେ ୧୮୦୦ରୁ ଅଧିକ ପଏଣ୍ଟ ହ୍ରାସ ହୋଇଥିବାରୁ ନିବେଶକମାନେ ୫.୪ ଲକ୍ଷ କୋଟିରୁ ଅଧିକ ନିବେଶ ହରାଇଛନ୍ତି। ଅପରପକ୍ଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଚଳିତ ସପ୍ତାହର ବଜାର କାରବାର ଶେଷ ସୁଦ୍ଧା ମୋଟ ବଜାର ପୁଞ୍ଜି (ମାର୍କେଟ୍ କ୍ୟାପିଟାଲାଇଜେଶନ) ୩୧୮ ଲକ୍ଷ କୋଟି ଟଙ୍କାରୁ କମ୍ ହୋଇଛି ବୋଲି ବିଏସଇ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ମାସରେ ସେନସେକ୍ସ କ୍ରମାଗତ ଭାବେ ୧୧ ଦିନ ପର୍ଯ୍ୟନ୍ତ କାରବାର ବୃଦ୍ଧି ସହ ଏକ ଐତିହାସିକ ବା ୧୭ବର୍ଷ ତଳର ରେକର୍ଡ ଭଙ୍ଗ ହୋଇଥିଲା। ସେହିଭଳି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ମହଙ୍ଗା ହେବା ସହିତ ଡଲାର ତୁଳନାରେ ଟଙ୍କା ପରିମାଣ ଦୁର୍ବଳ ସ୍ଥିତି ଏବଂ କାନାଡା ସହିତ ଭାରତର କୂଟନୈତିକ ଉତ୍ତେଜନା ବଜାର କାରବାରରେ ପ୍ରଭାବ ପକାଇବା ସହ ନିବେଶକମାନଙ୍କ ମନୋବଳକୁ ଦୁର୍ବଳ କରିଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।




## ଖସିଲା ଶେୟାର ବଜାର କାରବାର

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସରେ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୨୨୧ (୨୨୧.୦୯) ପଏଣ୍ଟ ଖସି ୬୬,୦୦୯ (୬୬,୦୦୯.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ୬୮ (୬୮.୧୦) ପଏଣ୍ଟ ହ୍ରାସ ଘଟି ୧୯,୬୭୪ (୧୯,୬୭୪.୨୫) ଅଙ୍କରେରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ଆମେରିକା ଫେଡେରାଲ ରିଜର୍ଭଙ୍କ ନିଷ୍ପତ୍ତି ପରେ ଘରୋଇ ବଜାରର କାରବାରରେ ଏକ ପ୍ରକାର ଆଶଙ୍କା ଦେଖାଦେଇଛି।

# ଅରୁନ୍ଧତୀର ୬ଷ୍ଠ ବାର୍ଷିକ ମହୋତ୍ସବ

ଭୁବନେଶ୍ୱର,୨୨।୯




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଆଉଟ୍‌ଲେଟ୍ (ଶୋ'ରୁମ୍)ର ୬ଷ୍ଠ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ୬ଷ୍ଠ ବାର୍ଷିକ ସଫଳ ଯାତ୍ରାରେ ସାମିଲ ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସହ ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସ ଯୋଗୁ ଅରୁନ୍ଧତୀକୁ ରାଜ୍ୟର ସର୍ବବୃହତ୍ ଓ ସର୍ବ ଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରାଇପାରିଛି। ସେଥିପାଇଁ ସମସ୍ତ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ପରିବାର ପକ୍ଷରୁ ହୃଦୟର ଅନ୍ତରରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛୁ। ବିଶେଷକରି ଏହି ଷଷ୍ଠ ବାର୍ଷିକ ମହୋତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ପ୍ରଥମ ଥର ନିମନ୍ତେ ଓଡ଼ିଶାର ସର୍ବୋତ୍ତମ ଆନିଭର୍ସରି ଅଫର ସହ ସୁନ୍ଦର କାରୁକାର୍ଯ୍ୟଭରା ଟେମ୍ପଲ,ଆଣ୍ଟିକ ଓ ତୁର୍କି ଗହଣା ସମେତ ହାଇ ଆଣ୍ଡ ଫ୍ୟାନ୍ସି ବିବାହ ଗହଣା ଉପରେ ଫ୍ଲାଟ୍ ୫୯୯ ଟଙ୍କାର ମେକିଂ ଚାର୍ଜ ଅଫର ପ୍ରଦାନ କରାଯାଉଛି। ଏହି ଅଫର ମାତ୍ର ୧୦୦ ଘଣ୍ଟା ପାଇଁ ଉପଲବ୍ଧ। ଏପରିକି ହୀରା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ଏବଂ ରୁପା ଗହଣାର ମେକିଂ ଚାର୍ଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି ସହ ଆନିଭର୍ସରି ସ୍ପେଶାଲ ଆକର୍ଷଣୀୟ ଉପହାର ମଧ୍ୟ ଗ୍ରାହକମାନେ ପାଇପାରିବେ। ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମସ୍ତ ଗ୍ରାହକବନ୍ଧୁଙ୍କୁ ସାଦର ନିମନ୍ତ୍ରଣ କରାଯାଉଛି।

# ଆଇଡିବିଆଇର ପାର୍ବଣ ଅଫର

ଭୁବନେଶ୍ୱର,୨୨।୯

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ବର୍ଷର ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ଲୋକପ୍ରିୟ ଯୋଜନା 'ଅମୃତ ମହୋତ୍ସବ ଏଫ୍‌ଡି' ସ୍କିମ୍ ଉପରେ ଉକ୍ତ ଅଫର ପ୍ରଦାନ କରାଯାଉଛି। ଏହି ଅଫର ୨୦୨୩ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଉପଲବ୍ଧ। ଏପରିକି ଏହି ସୀମିତ ଅବଧି ମଧ୍ୟରେ ଗ୍ରାହକ ଅଫରର ଲାଭ ଉଠାନ୍ତୁ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ୪୪୪ ଦିନର ବିଜ୍ଞପ୍ତ ବାର୍ଷିକ ୭.୭୫%ର ଲାଭଜନକ ସର୍ବୋଚ୍ଚ ହାର ପ୍ରଦାନ କରୁଛି। ଏହା ବ୍ୟତୀତ ୩୭୫ ଦିନର ବିଜ୍ଞପ୍ତ ବାର୍ଷିକ ୭.୬୦% ହାର ପ୍ରଦାନ କରୁଛି। ଅପରପକ୍ଷରେ ୨୭୧ ଦିନରୁ ଅଧିକ ୧ ବର୍ଷରୁ କମ୍ ମାଚ୍ୟୁରିଟି ସ୍ଲାବ୍ ଉପରେ ୫୦ବେସିସ୍ ପଏଣ୍ଟ (ବିପିଏସ୍)ରେ ବ୍ୟାଙ୍କ ସୁଧ ହାରକୁ ଆକର୍ଷଣୀୟ ସହ ବାର୍ଷିକ ୬.୭୫%ର ଏକ ସର୍ବୋଚ୍ଚ ସୁଧ ହାର ପ୍ରଦାନ କରୁଛି।

# ଏଲ୍‌ଜିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୨।୯

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ ନିକଟରେ ସର୍ବସାଧାରଣରେ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଏଲ୍‌ଜିର ୱାଇଫାଇ କନ୍‌ଭର୍ଟିବୁଲ ସାଇଡ୍ ବାଇ ସାଇଡ୍ ରେଫ୍ରିଜେଟରକୁ ବଜାର ପ୍ରବେଶ କରାଇଛି। ଉକ୍ତ ରେଫ୍ରିଜେଟରରେ ଅନେକ ପ୍ରକାର ନୂତନ ଫିଚର ସହ ଆଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି। ସେହିଭଳି ଏଲ୍‌ଜିର ୱାଇଫାଇ କନ୍‌ଭର୍ଟିବୁଲ ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟର ୯ଟି ମଡେଲରେ ଉପଲବ୍ଧ। ଏପରିକି ୬୫୦ ଲିଟର କ୍ଷମତା ବିଶିଷ୍ଟ ଉକ୍ତ ରେଫ୍ରିଜେଟରରେ ଏକ ସ୍ୱତନ୍ତ୍ର ଆପ୍ ରହିଛି। ଏ ସମ୍ପର୍କରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସର ନିର୍ଦ୍ଦେଶକ ( ହୋମ୍ ଆପ୍ଲାଏନ୍ସ ଆଣ୍ଡ ଏୟାର କଣ୍ଡିସନର) ହ୍ୟାଙ୍ଗ ସବ୍କି କହିଛନ୍ତି, ଆମେ ଆଜି ଏଲ୍‌ଜିର ୱାଇଫାଇ କନ୍‌ଭର୍ଟିବୁଲ ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟରକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଉକ୍ତ ରେଫ୍ରିଜରେଟରରେ ଅନେକ ଅତ୍ୟାଧୁନିକ ଓ ପ୍ରଥମ ଧରଣର ଟେକ୍ନୋଲୋଜିକୁ ଅନ୍ତର୍ଭୁକ୍ତ କରାଇଛୁ। ସେହିଭଳି ନୂତନ ଉତ୍ପାଦର ଆବିଷ୍କାର ସହ ଗ୍ରାହକଙ୍କ ଚାହିଦା ପୂରଣକୁ ଗୁରୁତ୍ୱ ଦେଇଥାଉ।

# ୩ ଦିନିଆ ପର୍ଯ୍ୟଟନ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୯

ବ୍ଲୁ ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏକ ୩ଦିନିଆ 'ପର୍ଯ୍ୟଟନ ମେଳା' ଭୁବନେଶ୍ୱରସ୍ଥିତ ହୋଟେଲ ପାଲ୍‌ହାଇଟ୍ସରେ ଉଦ୍‌ଘାଟିତ ହୋଇଯାଇଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ମହସବିର୍ ହୁସେନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଭାରତ ପର୍ଯ୍ୟଟନ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କୀ, ରାଜସ୍ଥାନ ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପୱନ ଜୈନ୍, ସହକାରୀ ନିର୍ଦ୍ଦେଶକ ଟେସେନା ଯାଦବ, ହିମାଚଳ ପର୍ଯ୍ୟଟନ ବିଭାଗର ସଞ୍ଜୀବ କୁମାର, ଗୁଜରାଟ ପର୍ଯ୍ୟଟନ ବିଭାଗର ସୁରଭୀ ଶର୍ମା, ମଧ୍ୟପ୍ରଦେଶ ପର୍ଯ୍ୟଟନ ବିଭାଗର ସୌରଭ ପାଣ୍ଡେ, ସ୍ୱାଣ୍ଟ ପେ ବ୍ଲୁ ଟୁର୍ ଏବଂ ଟ୍ରାଭେଲ୍‌ର ପରିଚାଳନା ନିର୍ଦ୍ଦେଶକ ଆଲୋକ ମହାରଣା ଏବଂ ବ୍ଲୁ ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସୁବ୍ରତ ଭୌମିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଏଜିଇଏଲ୍ ସହ ଟୋଟାଲ ଏନର୍ଜିସ୍‌ର ସମ୍ପ୍ରସାରଣ ସହଭାଗିତା

ଭୁବନେଶ୍ୱର,୨୨।୯

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦାନୀ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ (ଏଜିଇଏଲ୍) ଏବଂ ଟୋଟାଲ ଏନର୍ଜିସ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ ନେଇ ବୁଝାମଣା ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ଉଭୟ କମ୍ପାନୀର ଅଂଶଧନ ସମାନ ରହିବ। ଉଲ୍ଲେଖଯୋଗ୍ୟ, ୧୦୫୦ ମେଗାୱାଟ୍ ପୋର୍ଟଫୋଲିଓଯୁକ୍ତ ସୌର ଓ ପବନ ଶକ୍ତି ଉଦ୍ୟୋଗରେ ବର୍ତ୍ତମାନ ସୁଦ୍ଧା ୩୦୦ ମେଗାୱାଟ୍ କାର୍ଯ୍ୟକ୍ଷମ ହୋଇଛି, ଯାହାକି ପୂର୍ବରୁ




ନିର୍ମିତ ହୋଇଥିଲା। ସେହିଭଳି ୫୦୦ ମେଗାୱାଟ ନିର୍ମାଣାଧୀନ ଅବସ୍ଥାରେ ରହିଥିବାବେଳେ ୨୫୦ ମେଗାୱାଟ ଅଣ୍ଡର ଡେଭଲପମେଣ୍ଟ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ଆଦାନୀ ଗ୍ରୁପ୍‌ର ଚେୟାରମ୍ୟାନ ଗୌତମ ଆଦାନୀ କହିଛନ୍ତି, ଟୋଟାଲ ଏନର୍ଜିସ୍ ସହ ଆମେ ଦୀର୍ଘତମ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଜିଇଏଲ୍ ସହ ଟୋଟାଲ ଏନର୍ଜିସ୍‌ର ସମ୍ପ୍ରସାରଣ ସହଭାଗିତା ଆଗାମୀ ଦିନରେ ଏକ ବୈପ୍ଳବିକ ପରିବର୍ତ୍ତନ ଶିଳ୍ପରେ ଆଣିବ ବୋଲି ଆଶା କରାଯାଉଛି। ୨୦୩୦ ସୁଦ୍ଧା ଆମେ ୪୫ ଜିଡବ୍ଲ୍ୟୁ ରିନ୍ୟୁଏବୁଲ ଏନର୍ଜି ଉତ୍ପାଦନ କରିବୁ ବୋଲି ଆକଳନ କରିଛୁ। ସେହିଭଳି ଟୋଟାଲ ଏନର୍ଜିସ୍‌ର ଚେୟାରମ୍ୟାନ ଏବଂ ସିଇଓ ପାଟ୍ରିକ୍ ପୋୟାନେ କହିଛନ୍ତି, ଆମେ ଏଜିଇଏଲ୍ ସହ ସହଭାଗିତା କରି ବେଶ୍ ଆନନ୍ଦିତ ରହିଥିବାବେଳେ ଆଗାମୀ ଦିନରେ ଅକ୍ଷୟ ଶକ୍ତି ଶିଳ୍ପରେ ଉଲ୍ଲେଖନୀୟ ସଫଳତା ନେଇ ଆଶା ବାନ୍ଧିଛୁ।


**Odisha Lift Irrigation Corporation Ltd.**
(A Govt.of Odisha Undertaking)

**OFFICE OF THE EXECUTIVE ENGINEER**
**L.I. DIVISION,BARGARH**

E-Procurement Notice - 08 / 2023-24
E-mail - eeolicbgh@gmail.com, Phone - 06646-246126
No.CAD-2131: No.2256/Dated: 18.09.2023

1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the work : Power supply, installation and energisation of 04 Nos. Revival CLIPs in different blocks of Bargarh District.
3. No. of Packages : 04 Nos.
4. Tender Amount : Varies from 10.97 Lakhs to 16.40 Lakhs
5. Date and time of availability of bid documents in the portal for online biding from 10.00 hrs dated 25.09.2023 to 17.00hrs dated 03.10.2023.
6. Last date and time of receipt of bids in the portal up to 17.00hrs. Dated- 03.10.2023.
7. Last date and time of clarification upto 16.00hrs Dated-03.10.2023.
8. Date of opening of tender bid (cover-1 & 2) at 11.00 hrs. Dated-04.10.2023.
9. Further details can be seen from the e-procurement portal of Govt. of Odisha i.e. www.tendersodisha.gov.in.
10. Subsequent corrigendum / addendum if required shall be available in the above portal.

**Sd./- Executive Engineer, LI Division, Bargarh**
OIPR-32509/11/0005/2324



**OFFICE OF THE PANCHAYAT SAMITI, BHANJANAGAR (GANJAM)**
E-Mail: ori-bhanjanagar@nic.in, Ph:06821-241085
**TENDER CALL NOTICE NO.01/2023-24 Dated.18.09.2023**
No.i-392: **INVITATION FOR COMPETITIVE BIDDING**

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper set (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drain Work at Sub-Divisional Hospital, Bhanjanagar | Rs.26,41,298/- | Rs.26,413/- | 03 (Three) Calendar Months | Class "C" & "B" | Rs.6000/- (Rupees Six Thousand) + Rs.300/- (5%) GST (SGST+CGST) Non-refundable |

1. Registered Contractor of class "C & B" can download the tender documents from www.ganjam.nic.in and send to the office of the undersigned along with A/C payee D.D towards cost of the Tender Paper (Non-refundable) drawn in favour of Block Development Officer, Bhanjanagar through speed post / registered post or drop in the tender box of this office during the office hours from 20.09.2023 to 04.10.2023 excluding all Govt Declared holidays.
2. The tender papers will be accepted up to 04.10.2023 up to 5.00 P.M. and will be opened in office of the Block Development Office, Bhanajnagar on 05.10.2023 at 11.00 A.M. in presence of the tenderer or their authorized representative. If dt.05.10.2023 would be declared as Govt. holiday, then the next working day shall be considered for opening of the tender respectively.
3. For more details and terms & conditions, please visit www.ganjam.nic.in.

**Sd./- Block Development Officer, Bhanjanagar**
OIPR-19099/11/0001/2324



GOVERNMENT OF ODISHA
**OFFICE OF SPECIAL RELIEF COMMISSIONER**
No. 5115/R&DM(DM) Date: 21 Sept. 2023
RDM-RLF-ACCT-0009-2022

**QUOTATION CALL NOTICE**

No. F-133: Sealed quotation/tenders are invited from interested reputed Travel Agencies/Tour Operations/Private Individuals for providing one 1 (One) No. of AC Petrol/Diesel Driven Vehicles of Zest/Tigor/Swift Dzire/Xcent/Etios having sitting capacity of 5 (Five) including driver, which shall conform to the Terms and Conditions (Annexure - I) for official use in this Department/Office on monthly rent basis:

1. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Pollution Certificate, Contract Carriage Permit, Proof of uptodate Tax Payment, etc. which are mandatory for plying of vehicle.
2. The Driver of the vehicle must have a valid Driving Licence for driving light transport/passenger vehicle and should be sufficiently experienced in driving transport/passenger vehicle.
3. The driver should be well behaved, gentle and obedient in nature.
4. A sum of **Rs.5000/-** shall be deposited by the intending bidders in shape of account payee Bank Draft drawn in favour of the Special Relief Commissioner, Odisha payable at Bhubaneswar and submitted along with the tender as **Security Deposit**. After completion of tender process, the amount will be refunded to unsuccessful bidders.
5. The monthly rate of hire charge (exclusive of all taxes GSTIN) be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 17 Kms. per litre with maximum hiring charges of Rs.26,000 for Zest/Tigor/Swift Dzire/Xcent/Etios (Petrol) etc.
7. The details of the make and year of manufacture of the vehilce, registration number, mileage (Kms covered per litre) and name of Driver with Driving Licence Number and period of validity should be specifically provided in the general bid information to be furnished with the Quotation/Tender (Annexure - II).
8. The quotation completed in all should reach the Office of the Special Relief Commissioner, Revenue & Disaster Management Department, Rajiv Bhawan, Bhubaneswar, Odisha - 751001 on or before **10.10.2023 by 5.00 P.M.** and shall be opened on **11.10.2023 at 12.00 P.M.** in the presence of the bidders or their authorized representatives.
9. The application form of quotation containing General Bid Information & Terms and Conditions for Hiring of Vehicles etc. will be available with Office of the Special Relief Commissioner, Revenue & Disaster Management Department, Rajiv Bhawan, Bhubaneswar, Odisha - 751001 on payment of **Rs.1000/- from 21.09.2023 to 10.10.2023 by 5.00 P.M.** or can be downloaded from Government website **www.odisha.gov.in (link- https://odisha.gov.in/all-tenders-quotation) & https://srcodisha.nic.in (link- https://srcodisha.nic.in/tender.php) from 22.09.2023 to 10.10.2023 by 5.00 P.M.** In case application form in downloaded from Government website, the applicant shall furnish a **Demand Draft** for an amount **Rs.1000/-** (Rupees One Thousand) only towards the cost of application along with the application.
10. The undersigned the reserves the right to cancel the notice & all quotations without assigning any reason thereof.
11. The agreement will be executed as per the Government of Odisha in Finance Department Office Memorandum No. 22924/F Dt.14.08.2023.

**Sd./- Joint Special Relief Commissioner**
OIPR-24003/11/0006/2324



GOVERNMENT OF ODISHA No.B-925
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**
Phone:06842-254004, E-mail:sernphulbani@gmail.com

**INVITATION FOR BIDS (IFB)**
Bid Identification No.CCE_R and B_PLB_12 of 2023_24
No.1890, Dated 16.09.2023

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road, Bridge & Building Works as detailed in the table below from eligible contractors. | | |
| 2 | Nature of Work | : | Road, Bridge & Building Works |
| 3 | No. of tenders | : | Eight Nos. |
| 4 | Tender Cost | : | Rs.10,000/- (through online) only. |
| 5 | Class of Contractor | : | B, A & Special Class |
| 6 | Date & Time of Sale & Receipt of bids | : | 10.00 A.M. of 12.10.2023 to 5.00 PM of 26.10.2023 |
| 7 | Date of Opening of Bid | : | 11.00 A.M. of 27.10.2023 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Chief Construction Engineer**
**Phulbani (R&B) Circle, Phulbani**
OIPR-34129/11/0013/2324



**ODISHA STATE CO-OPERATIVE MARKETING FEDERATION Ltd.**
**MARKFED-ODISHA**
Old Station Road, Bhubaneswar-751006
E-mail- odishamarkfed@gmail.com

**"e" Procurement Notice**
**Bid Identification No. MARKFED/11/2023-24**
No.CAD-2137: Civil/324/18-19 (part-II)
No.3660, Date:21.09.2023

1. Name of the work : Repair of godowns, Construction of boundary wall & Office building and construction of CC approach road of MARKFED at different locations in Odisha.
2. No. of works : 6 (Six)
3. Estimated cost : Rs. 13.50 lakh to Rs. 104.46 lakh
4. Period of completion : Varies from 6(six) Calendar months to 9 (nine) calendar months.
5. Date & time of availability of Bid document in the portal : From 10.00 AM of 22.09.2023 to 5.30 PM on 06.10.2023.
6. Last date/time of receipt of Bids in the portal : 5.30 PM on 06.10.2023
7. Date of opening of Bid from portal : 12.00 hours on 07.10.2023
8. Name & address of the Officer inviting Bid : Managing Director, MARKFED-Odisha, old station road, Bhubaneswar-751006.
9. The Bidders have to participate in ONLINE bidding only. Further details can be seen from the website "e-Procurement portal www.tendersodisha.gov.in." &. Any addendum, corrigendum, cancelation of tender can also be seen in the said website.

**Sd./- Managing Director**
**MARKFED-ODISHA**
OIPR-39017/11/0015/2324



**OFFICE OF THE DIVISIONAL FOREST OFFICER, DEOGARH DIVISION**
Phone No. 06641-291002 (Office), Email: dfo.deogarh@odisha.gov.in
Office Order No. 179/1F(Acct.) Dated: 18 September, 2023

**2nd CORRIGENDUM TO BID IDENTIFICATION No. DFO (T) 01/2023-24 Dated: 09.09.2023**

No. MM-176: The work for construction of Four (04) Nos. of Forest Guard Quarters, One (01) No. of Protection Camp, Two (02) Nos. of Watch Towers, Two (02) Nos. of Staff Barracks, Two (02) Nos. of CC Check Dams, Four (04) Nos. of Waterbodies in Deogarh Forest Division" invited vide Bid Identification No. DFO(T) 01/2023-24 vide Office Order No. 177 Dated: 09.09.2023 is hereby cancelled.

**Sd./- Divisional Forest Officer, Deogarh Forest Division**
OIPR-08041/11/0007/2324



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NABARANGPUR**
NATIONAL VECTOR BORNE DISEASE CONTROL PROGRAMME
ଜାତୀୟ ମଶାବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ
Ph.No.06858-222057, E-mail:cdmongp@@nic.com
Letter No.7434/VII-NHM-NVBDCP-15/2023-24 Date:21 September 2023

**TENDER CALL NOTICE**

**No.E-428:** Sealed tenders are invited from interested manufacturers/Distributors/authorised dealers having valid PAN & GSTIN for supply of Motorcycle/Motorbike under GFATM of NVBDCP Nabarangpur. The details terms & conditions may be downloaded from the website: www.nabarangpur.nic.in. The tender should reach to the Office of the undersigned on or before 05.10.2023 upto 5PM only through Regd.Post/ Speed Post/ Courier services only. The undersigned reserves the right to reject any or all the quotation without assigning any reason thereof.

**Sd./- Dr. K.P. BEHERA**
**Chief District Medical & Public Health Officer, Nabarangpur**
OIPR-10164/11/0009/2324



GOVERNMENT OF ODISHA No.A-569:
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, SAMBALPUR**
Phone No.(0663)-2412791(Off) E-mail :-eemisbp@yahoo.co.in
No. 1814/Date,14.09.2023
**e-PROCUREMENT NOTICE**
**BID REF No: SE,MID,SBP/03/2023-24**

Name of work : Civil Construction Works
No. of works : 16 (Sixteen)Nos
Estimated cost: : Varies from approximately Rs. 8.50 lakh to Rs 49.00 lakh for 16 Nos. of works (Rs. 546.10 Lakh)
Tender paper cost : Referred to DTCN.
Period of completion : Referred to DTCN.
Availability of bid through online : From dt.07.10.2023 at 10.00AM to dt. 19.10.2023 up to 05.30 PM in website (www.tendersorissa.gov.in)
Period of receipt of bid through online : From dt.07.10.2023 at 10.00 AM to dt. 19.10.2023 up to 05.30 PM through online.
Date of opening of bid documents : On dt. 20.10.2023 at 11.00 AM. onwards.
Digital signature certificate of Bidder : The bidder must possess compatible digital signature certificat (DSC) of Class-II or Class-III.

**The detail tender call notice can also be seen in the DOWR website- http://dowrori5sa.gov.in**

Name & Address of the OIT : Superintending Engineer,M.I.Division, Sambalpur,At-Motijharan,PO-B.S.S.Nagar, Dist:-Sambalpur PIN-768001, Ph-0663-2412791, E-mail ID-eemisbp@yahoo.co.in
Further details can be seen from the e-Procurement market place. : **http://tendersorissa.gov.in**

**Sd/-14.09.2023**
**Superintending Engineer M.I.Division,Sambalpur**
OIPR-32036/11/0003/2324



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-2135:

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022**
Tender Call Notice No. H.O./P&C/EST-E-2225/01/2023/29695
Dated: 16.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Construction of proposed intake well and allied facilities near river Baitarani, Dhamnagar, Bhadrak, Odisha | Rs.8.66 Crores | 09 (Nine) Calendar Months |

**1. Other details:**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid Id No.P&C/EST/E-124/2023-24 | 17.00 Hours of Dt.25.09.2023 | 17.00 Hours of Dt.09.10.2023 |

Further details can be seen from the e-Procurement Portal www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.

**Sd./- Chief General Manager (P&C)**
**IDCO, Bhubaneswar**
OIPR-14003/11/0218/2324



**OFFICE OF THE EXECUTIVE ENGINEER**
**L.I. DIVISION,CUTTACK**
e-mail: eeolic_ctc@yahoo.in

**e-Procurement Notice**
**Bid Identification No.07/OLIC (CTC)/Dt.18.09.2023**

**No.CAD-2136:** The Executive Engineer, L.I. Division, Cuttack, At: Pratap Nagari, Po: Telengapitha, Dist: Cuttack, PIN - 754001 invites Percentage Rate bids in online mode for "Revival of Lift Irrigation Projects" along with energisation on Turnkey basis from reputed contractors/firms having valid PWD license of required class and valid HT license issued by E.L.B.O., Odisha. Contractors can also participate in the e-Tender with Registered Joint venture. Proof of registrations, experience from appropriate authorities are to be uploaded along with the bid/bids. The GST @18 % on tender paper will be paid by GST No. 21AAACO5986G1ZF on reverse charge basis.

| | | |
|---|---|---|
| 1. | Numbers of Package | 18 Nos. |
| 2. | Estimated Cost | As per DTCN |
| 3. | Cost of Tender Paper | Rs.6000/-/Rs.4000 (in online mode)+ 18% GST as reverse charge basis vide challan GST No.21AAACO5986G1ZF of OLIC |
| 4. | Date & Time of Publication | Dt.22.09.2023 from 10.00 A.M. |
| 5. | Date & Time of Closing | Dt.27.09.2023 at 5.00 P.M. |
| 6. | Date & Time of Opening of Bid | Dt.28.09.2023 at 10.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any, can be seen in the said website.

OIPR-32238/11/0008/2324 **Sd./- Executive Engineer**

**ଜନ୍ମଦିନର ଶୁଭେଚ୍ଛା**
ନାମ: ...............................
ବୟସ:...............................
ଜନ୍ମ ତାରିଖ: ..........................

ରାନୀ
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟାଇଟଲ ବିଜୟରେ ଅଷ୍ଟ୍ରେଲିଆର ହ୍ୟାଟ୍ରିକ

ଆଇସିସି କ୍ରିକେଟ ବିଶ୍ୱକପର ୯ମ ସଂସ୍କରଣ ୱେଷ୍ଟଇଣ୍ଡିଜରେ ୨୦୦୭ ମାର୍ଚ୍ଚ ୧୩ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୫୧ଟି ମ୍ୟାଚ ଖେଳାଯାଇଥିଲା। ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏହାକୁ ମିଶାଇ ଅଷ୍ଟ୍ରେଲିଆ କ୍ରମାଗତ ୩ ଥର ଚାମ୍ପିୟନ ହୋଇ ଟାଇଟଲ ବିଜୟରେ ହ୍ୟାଟ୍ରିକ କରିଥିଲା। ଓଭରଅଲ୍ ଏହାଥିଲା ଅଷ୍ଟ୍ରେଲିଆର ୪ର୍ଥ ଟାଇଟଲ। ୧୬ ଅଂଶଗ୍ରହଣକାରୀ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ୮୧ ରନରେ ହରାଇ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକାକୁ ୭ ଉଇକେଟରେ ପରାସ୍ତକରି ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା। ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ଶ୍ରୀଲଙ୍କାକୁ ୫୩ ରନରେ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ବର୍ଷା ଯୋଗୁ ଖେଳ ଆରମ୍ଭରେ ବିଳମ୍ବ ହେବାରୁ ମ୍ୟାଚକୁ ୩୮ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୨୮୧ ରନ କରିଥିଲା। ଏହାପରେ ପୁଣି ବର୍ଷା ଯୋଗୁ ଖେଳରେ ବାଧା ପହଞ୍ଚିବାରୁ ଶ୍ରୀଲଙ୍କା ସମ୍ମୁଖରେ ୩୬ ଓଭରରେ ୨୬୯ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଶ୍ରୀଲଙ୍କା ୮ ଉଇକେଟ ହରାଇ ୨୧୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୪୯ ରନର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଆଡାମ ଗିଲକ୍ରିଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଏହି ଦଳର ଗ୍ଲେନ ମ୍ୟାକଗ୍ରା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏହି ସଂସ୍କରଣରେ ଭାରତର ପ୍ରଦର୍ଶନ ଅତି ଦୟନୀୟ ରହିଥିଲା। ଗ୍ରୁପ୍ 'ବି'ରେ ଦଳ ନିଜର ପ୍ରଥମ ମ୍ୟାଚରେ ବାଂଲାଦେଶଠାରୁ ପରାସ୍ତ ହୋଇ ବିପର୍ଯ୍ୟୟକୁ ଡାକି ଆଣିଥିଲା। ପରବର୍ତ୍ତୀ ମ୍ୟାଚରେ ବର୍ମୁଡାକୁ ୨୫୭ ରନରେ ହରାଇଥିଲେ ହେଁ ତୃତୀୟ ତଥା ଅନ୍ତିମ ଗ୍ରୁପ ମ୍ୟାଚରେ ଶ୍ରୀଲଙ୍କାଠାରୁ ୬୯ ରନରେ ହାରି ବିଦାୟ ନେଇଥିଲା। ପାକିସ୍ତାନ ନକ୍‌ଆଉଟ ହେବାପରେ ଏହାର କୋଚ୍ ବବ୍ ଉଲମରଙ୍କ ସନ୍ଦେହଜନକ ମୃତ୍ୟୁ ଚର୍ଚ୍ଚାରେ ରହିଥିଲା।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୨ ଦିନ**

# ବଚନଙ୍କ ସ୍ୱର୍ଣ୍ଣରୁ ଆରମ୍ଭ ହୋଇଥିଲା ଓଡ଼ିଶାର ପଦକ ଅଭିଯାନ

**ଏସିଆନ ଗେମ୍ସ**

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ଚାଇନାର ଗୁଆଙ୍ଗଝୋଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆନ ଗେମ୍ସ। ରେକର୍ଡ ଅନୁସାରେ ଏସିଆନ ଗେମ୍ସରେ ଓଡ଼ିଶାର ପଦକ ଅଭିଯାନ ଆରମ୍ଭ ହୋଇଥିଲା ସେକ୍ ଅବଦୁଲ ମଜିଦ ବଚନଙ୍କଠାରୁ। ୧୯୫୧ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଆଥ୍‌ଲେଟିକ୍ସରେ କିନ୍ତୁ ପ୍ରଥମ ପଦକ ଜିତିଥିଲେ ପ୍ରଣତି ମିଶ୍ର। ଓଡ଼ିଶାର ପ୍ରଥମ ମହିଳାଭାବେ ସେ ଏସିଆଡ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ଗୋଟିଏ ସଂସ୍କରଣରେ ୨ଟି ପଦକ ଜିତିବା ରେକର୍ଡ କିନ୍ତୁ ଦୂତୀଚାନ୍ଦଙ୍କ ନାମରେ ରହିଛି। ଓଡ଼ିଶାର ପଦକ ବିଜେତାଙ୍କୁ ନେଇ ଏହି ଉପସ୍ଥାପନା...

## ସ୍ୱର୍ଣ୍ଣ ପଦକ

**୧୯୫୧: ସେକ୍ ଅବଦୁଲ ମଜିଦ ବଚନ (ପୁରୁଷ ଫୁଟବଲ)**
ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଗେମ୍ସର ପ୍ରଥମ ସଂସ୍କରଣରେ ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ କଟକର ସେକ୍ ମଜିଦ ଓରଫ ଏ.ଏମ.ବଚନ। ଫାଇନାଲର ୩୪ତମ ମିନିଟରେ ମେୱାଲାଲଙ୍କ ଏକମାତ୍ର ଗୋଲ ବଳରେ ଭାରତ ୧-୦ ଗୋଲରେ ଇରାନକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା।

**୧୯୯୮: ଦିଲୀପ ତିର୍କୀ, ଲାଜରୁସ ବାର୍ଲା (ପୁରୁଷ ହକି)**
ଫାଇନାଲରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା।

**୨୦୧୪: ବୀରେନ୍ଦ୍ର ଲାକ୍ରା (ପୁରୁଷ ହକି)**
ଫାଇନାଲରେ ଭାରତ ଶୁଟ୍‌ଆଉଟ୍ ୪-୨ ଗୋଲରେ ପାକିସ୍ତାନକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା।

## ରୌପ୍ୟ ପଦକ

**୧୯୯୦: ପ୍ରଣତି ମିଶ୍ର (ମହିଳା ରିଲେ ଦଳର ସଦସ୍ୟା)**
ବେଜିଂରେ ଅନୁଷ୍ଠିତ ଏହି ଏସିଆନ ଗେମ୍ସରେ ପ୍ରଣତି ମିଶ୍ର ପ୍ରଥମ ଓଡ଼ିଆ ମହିଳାଭାବେ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଥିଲେ।

**୧୯୯୮: ଜ୍ୟୋତି ସୁନୀତା କୁଲୁ (ମହିଳା ହକି)**
ଫାଇନାଲରେ ଭାରତ ୧-୨ ଗୋଲରେ ଦକ୍ଷିଣ କୋରିଆଠାରୁ ହାରିଯାଇଥିଲା।

**୨୦୦୨: ଦିଲୀପ ତିର୍କୀ, ଇଗ୍ନେସ ତିର୍କୀ (ପୁରୁଷ ହକି)**
ଫାଇନାଲରେ ଭାରତ ୩-୪ ଗୋଲରେ ଦକ୍ଷିଣ କୋରିଆଠାରୁ ହାରିଥିଲା।

**୨୦୧୮: ଦୂତୀ ଚାନ୍ଦ (ମହିଳା ୧୦୦ ମି.)**
ଇଣ୍ଡୋନେସିଆର ଜାକର୍ତ୍ତା/ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆଡ୍‌ର ମହିଳା ୧୦୦ ମିଟରରେ ୧୧.୩୨ ସେକେଣ୍ଡ ସମୟ ନେଇ ଦୂତୀ ରୌପ୍ୟ ପଦକ ପାଇଲେ।

**୨୦୧୮: ଦୂତୀ ଚାନ୍ଦ (ମହିଳା ୨୦୦ ମି.)**
ଇଣ୍ଡୋନେସିଆର ଜାକର୍ତ୍ତା/ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆଡ୍‌ର ମହିଳା ୨୦୦ ମିଟରରେ ୨୩.୨୦ ସେକେଣ୍ଡ ସମୟ ନେଇ ଦୂତୀ ରୌପ୍ୟ ପଦକ ପାଇଲେ।

**୨୦୧୮: ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ସୁନୀତା ଲାକ୍ରା, ଲିଲିମା ମିଞ୍ଜ (ମହିଳା ହକି)**
ଫାଇନାଲରେ ଭାରତ ୧-୨ ଗୋଲରେ ଜାପାନଠାରୁ ହାରିଥିଲା।

## ବ୍ରୋଞ୍ଜ ପଦକ

**୧୯୮୬: ସନତ ମିଶ୍ର (ପୁରୁଷ ବ୍ୟାଡ୍‌ମିଣ୍ଟନ)**
ଓଡ଼ିଶା ପ୍ରତିଯୋଗୀ ପଦକ ଜିତିବାର ୩୫ ବର୍ଷ ପରେ ଓଡ଼ିଶାକୁ ମିଳିଥିଲା ଦ୍ୱିତୀୟ ପଦକ। ୧୯୮୬ ସିଓଲ ଏସିଆଡ୍‌ରେ ସନତ ମିଶ୍ର ଦଳଗତ ବ୍ରୋଞ୍ଜ ପଦକ ଜିତିଥିଲେ। ଲେରୟ ଡି'ସୁଜା, ବିମଲ କୁମାର, ସନତ ମିଶ୍ର, ରବି କୁନ୍ତେ, ସୟଦ ମୋଦି, ପ୍ରକାଶ ପାଦୁକୋନେ, ଉଦୟ ପାୱାରଙ୍କୁ ନେଇ ଗଠିତ ଭାରତୀୟ ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା।

**୧୯୯୮: ରଚିତା ପଣ୍ଡା ମିସ୍ତ୍ରୀ (୧୦୦ ମି.)**
ବ୍ୟାଙ୍କକ୍ ଏସିଆଡ୍‌ରେ ମହିଳା ୧୦୦ ମିଟରରେ ୧୧.୪୧ ସେକେଣ୍ଡ ସମୟ ନେଇ ରଚିତା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

**୨୦୦୬: ଜ୍ୟୋତି ସୁନୀତା କୁଲୁ, ବିନିତା ଖେସ୍, ବିନିତା ଟପ୍ପୋ, ସୁଭଦ୍ରା ପ୍ରଧାନ(ମହିଳା ହକି)**
ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା।

**୨୦୧୦: ପ୍ରବୋଧ ତିର୍କୀ (ପୁରୁଷ ହକି)**
ପ୍ଲେ-ଅଫ୍‌ରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଦେଇଥିଲା।

**୨୦୧୦: ପ୍ରତିମା ପୁହାଣ, ପ୍ରମିଳାପ୍ରଭା ମିଞ୍ଜ(ରୋଇଂ)**
ଗୁଆଙ୍ଗଝୋଉ ଏସିଆଡ୍‌ର କକ୍ସଲେସ ପେୟାର ଇଭେଣ୍ଟରେ ପ୍ରତିମା ଓ ପ୍ରମିଳା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

**୨୦୧୪: ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ସୁନୀତା ଲାକ୍ରା, ଲିଲିମା ମିଞ୍ଜ(ମହିଳା ହକି)**
ପ୍ଲେ-ଅଫ୍‌ରେ ଭାରତ ୨-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା।

**୨୦୧୮: ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ(ପୁରୁଷ ହକି)**
ପ୍ଲେ-ଅଫ୍‌ରେ ଭାରତ ୨-୧ ଗୋଲରେ ପାକିସ୍ତାନକୁ ହରାଇଥିଲା।

## ଏଥର ଓଡ଼ିଶାର ଆଶା

ଏଥର ଏସିଆନ ଗେମ୍ସର ବିଭିନ୍ନ ଇଭେଣ୍ଟରେ ଓଡ଼ିଶା ପକ୍ଷରୁ ମୋଟ ୧୪ ଆଥ୍‌ଲେଟ୍ ପ୍ରତିନିଧିତ୍ୱ କରିବେ। ଏମାନେ ହେଲେ କିଶୋର କୁମାର ଜେନା (ଆଥ୍‌ଲେଟିକ୍ସ), ଦୀନେଶ କୁମାର (ସାଇକ୍ଲିଂ), ଆଂଶିକା ଭାରତୀ, ରିତୁ କୌଡ଼ି ଓ ସୋନାଲି ସ୍ୱାଇଁ (ରୋଇଂ), ଅନୁପମା ସ୍ୱାଇଁ (ଜୁ-ଜିତ୍‌ସୁ), ନେହା ଦେବୀ ଲେଇଚୋନଡାମ (କାୟାକିଂ ଆଣ୍ଡ କାନୋଇଂ), ପ୍ୟାରୀ ଖାଖା (ଫୁଟବଲ), ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ (ହକି) ଏବଂ ଡୁମୁନି ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ହୁପି ମାଝି (ମହିଳା ରଗ୍‌ବୀ ୭ଏସ୍ )।



କିଶୋର ଜେନା

# ଇଣ୍ଡିଆନ ସୁପର ଲିଗ୍: କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସିର ଅଭିଯାନ ଶନିବାର ଆରମ୍ଭ ହେବ। ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଏହି ଦଳ ଚେନ୍ନାଇନ୍ ଏଫ୍‌ସିକୁ ଭେଟିବ। ଗତ ସିଜନରେ ଓଡ଼ିଶା ଏଫ୍‌ସି ଚମତ୍କାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଚେନ୍ନାଇନ୍ ୮ମ ସ୍ଥାନରେ ରହିଥିଲା। ୩୦୩ ଦିନ ପରେ କଳିଙ୍ଗରେ ଉଭୟ ଦଳ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। କଳିଙ୍ଗରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ଚେନ୍ନାଇନ୍‌କୁ ପରାସ୍ତ କରିଥିଲା। ନନ୍ଦକୁମାର ସେକରଙ୍କ ଶେଷ ମିନିଟ ଗୋଲ ଓଡ଼ିଶା ଏଫ୍‌ସିକୁ ବିଜୟ ସ୍ୱାଦ ଚଖାଇଥିଲା। ଏଥର ସର୍ଗିଓ ଲୋବେରା ଓଡ଼ିଶା ଏଫ୍‌ସି ଏବଂ ଓଏନ କୋଏଲ ଚେନ୍ନାଇନ୍ ଏଫ୍‌ସିର କୋଚ୍ ଅଛନ୍ତି। ଏମାନଙ୍କ ରଣନୀତିରେ ପଡ଼ିଆକୁ ଓହ୍ଲାଇବେ ଦୁଇ ଦଳ। ପୂର୍ବ ରେକର୍ଡ ଦେଖିଲେ ଚେନ୍ନାଇନ୍ ବିପକ୍ଷରେ ଓଡ଼ିଶା ଏଫ୍‌ସିର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ମୋଟ ୧୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଓଡ଼ିଶା ଏଫ୍‌ସି ୭ଟିରେ ବିଜୟୀ ହୋଇଥିବାବେଳେ ଚେନ୍ନାଇ ୩ ମ୍ୟାଚ ଜିତିଛି। ଅବଶିଷ୍ଟ ୮ଟି ମ୍ୟାଚ ଡ୍ର ରହିଛି।

ଚଳିତ ସିଜନରେ ଓଡ଼ିଶା ଏଫ୍‌ସି କେତେକ ନୂଆ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ସେମାନଙ୍କ ମଧ୍ୟରେ ଅଛନ୍ତି ଅଭିଜ୍ଞ ଅହମ୍ମଦ ଜାହୋଉ, ମୌର୍ତାଦା ଫଲ୍, ରୟ କ୍ରିଷ୍ଣା ଏବଂ ପ୍ରତିଭା ସମ୍ପନ୍ନ ଗିବସନ ସିଂ ଓ ଲାଲିଆନସାଙ୍ଗା। ତେବେ ବ୍ରାଜିଲିଆନ ଫରୱାର୍ଡ ଡିଏଗୋ ମୌରିସିଓ ନଜରରେ ରହିବେ। ଗତ ସିଜନରେ ସେ ୧୨ଟି ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ରହିଥିଲେ। ସେହିପରି ରାଫାଲ କ୍ରିଭେଲାରୋଙ୍କ ପ୍ରତ୍ୟାବର୍ତ୍ତନରେ ଚେନ୍ନାଇନ୍ ଫ୍ରଣ୍ଟଲାଇନ୍ ଦୃଢ଼ ହୋଇଛି।

**ମ୍ୟାଚ ଆରମ୍ଭ: ଅପରାହ୍ନ ୫ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

"ଏହାକୁ ମିଶାଇ ମୁଁ ୫ ବର୍ଷ ଧରି ଆଇଏସ୍ଏଲ୍ ସହିତ ସମ୍ପୃକ୍ତ ରହିଛି। ଅଭିଜ୍ଞତା ଅନୁସାରେ ଏତିକି କହିବି ଯେ ଏଥରର ଆଇଏସ୍ଏଲ୍ ସବୁଠାରୁ ସଂଘର୍ଷପୂର୍ଣ୍ଣ ହେବ। ପ୍ରାୟତଃ ପ୍ରତି ଦଳ ଶକ୍ତିଶାଳୀ। ଆମେ ଏକ ଦୃଢ଼ ଦଳ ବିପକ୍ଷରେ ସିଜନ ଆରମ୍ଭ କରିବାକୁ ଯାଉଛୁ। ମାତ୍ର ଉତ୍ସାହିତ ମଧ୍ୟ ଅଛୁ। ଏଏଫ୍‌ସି କପ୍‌ରେ ଆମେ ମୋହନ ବାଗାନ ସୁପର ଜାଏଣ୍ଟଠାରୁ ପରାଜୟରୁ ଅନେକ କିଛି ଶିଖିଛୁ। ଆଗାମୀ ଦିନରେ ମିଳିବାକୁଥିବା ଚ୍ୟାଲେଞ୍ଜ ପାଇଁ ଆମେ ପ୍ରସ୍ତୁତ" ବୋଲି ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚେନ୍ନାଇନ୍ କୋଚ୍ କୋଏଲ କହିଛନ୍ତି ଯେ, "ଓଡ଼ିଶା ଏଫ୍‌ସି ଏକ ଶକ୍ତିଶାଳୀ ଦଳ। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ। ତେବେ ଆମେ ଏହି ମ୍ୟାଚକୁ ଆଗ୍ରହର ସହ ଅପେକ୍ଷା କରିଛୁ। ପ୍ରତି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ମୁଖ୍ୟ ଲକ୍ଷ୍ୟ ରହିବ"।



ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଏବଂ ଓଏନ କୋଏଲ। (ଫଟୋ: ବିକାଶ ନାୟକ)

**ଆଇସିସି ଦିନିକିଆ ବିଶ୍ୱକପ୍**

## ବିଜେତାଙ୍କୁ ୪ ନିୟୁତ, ରନରଅପ୍‌କୁ ୨ ନିୟୁତ ଡଲାର

**ଦୁବାଇ, ୨୨।୯ (ପି.ଟି.):** ଆଗାମୀ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ବିଜେତାଙ୍କୁ ମିଳିବ ୪ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୩୩ କୋଟି ଟଙ୍କା) ଏବଂ ରନରଅପ୍ ପାଇବ ୨ ନିୟୁତ ଡଲାର (ପ୍ରାୟ ୧୬ କୋଟି ଟଙ୍କା)। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶୁକ୍ରବାର ଆସନ୍ତାମାସରେ ଆରମ୍ଭ ହେବାକୁଥିବା ଟୁର୍ନାମେଣ୍ଟରେ ଖେଳାଯିବାକୁଥିବା ସମସ୍ତ ୪୮ଟି ମ୍ୟାଚ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। ତଦନୁସାରେ ଦୁଇ ପରାଜିତ ସେମିଫାଇନାଲିଷ୍ଟ ପ୍ରତ୍ୟେକେ ୮୦୦,୦୦୦ ଆମେରିକୀୟ ଡଲାର (ପ୍ରାୟ ୬ କୋଟି ଟଙ୍କା) ଲେଖାଏ ପାଇବେ। ଅନ୍ୟ ଯେଉଁ ୬ଟି ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବେ ନାହିଁ ସେମାନେ ପ୍ରତ୍ୟେକ ୧୦୦,୦୦୦ ଡଲାର (ପ୍ରାୟ ୮୨ ଲକ୍ଷ ଟଙ୍କା), ପ୍ରତ୍ୟେକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚର ବିଜେତା ପ୍ରୋତ୍ସାହନମୂଳକ ୪୦,୦୦୦ ଡଲାର (୩୩ ଲକ୍ଷ ଟଙ୍କା) ଲେଖାଏଁ ପାଇବେ। ଟୁର୍ନାମେଣ୍ଟ ସାରା ସମସ୍ତ ବିଜେତା ଦଳକୁ ଆଇସିସି ମୋଟ ୧୦ ନିୟୁତ ଡଲାର ବାଣ୍ଟିବ।

## ରେଡ୍‌ଫର୍ନ ପ୍ରଥମ ମହିଳା ଅମ୍ପାୟର

**ଲଣ୍ଡନ, ୨୨।୯ (ଏପି):** ଆସନ୍ତା ସପ୍ତାହରେ ଇଂଲଣ୍ଡ-ୱେଲ୍ସରେ ଖେଳାଯିବାକୁଥିବା ଏକ ପୁରୁଷ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚରେ ସୁଏ ରେଡଫର୍ନପ୍ରଥମ ମହିଳା ଭାବେ ଅମ୍ପାୟର ଦାୟିତ୍ୱ ତୁଲାଇବେ। ରେଡଫର୍ନ ୧୯୯୫-୯୯ରେ ଇଂଲଣ୍ଡ ତରଫରୁ ୨୧ ଥର ଖେଳିଛନ୍ତି। କାଉଣ୍ଟି ଚାମ୍ପିୟନଶିପ୍ କାର୍ଯ୍ୟସୂଚୀରେ ମଙ୍ଗଳବାରଠାରୁ ଗ୍ଲାମେରଗାନ୍ ଓ ଡର୍ବିଶାୟାର ମଧ୍ୟରେ ଆରମ୍ଭ ହେବାକୁ ଥିବା ମ୍ୟାଚ ପାଇଁ ତାଙ୍କୁ ନିଯୁକ୍ତି ମିଳିଛି। ଦୁଇ ବର୍ଷ ପୂର୍ବେ ସେ ପ୍ରଥମ ମହିଳା ଭାବେ ଏକ ଘରୋଇ ଇଂଲଣ୍ଡ ପୁରୁଷ ମ୍ୟାଚ ପରିଚାଳନା କରିଥିଲେ। ଏହାଛଡ଼ା ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ସେ ଚତୁର୍ଥ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଟି୨୦ ବ୍ଲାଷ୍ଟ ଟୁର୍ନାମେଣ୍ଟରେ ମଧ୍ୟ ସେ ପ୍ରଥମ ମହିଳା ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି।

CLASSIFIED DISPLAY
MORE SPACE ' SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
**0674-2580101, 2549949**


REAL ESTATE
SALE

ଭୁବନେଶ୍ୱର ହଂସପାଳ Astha College ପାଖରେ ଏବଂ ରଙ୍ଗବଜାର ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-75219


ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FOR RENT

S/2/23, Niladri Vihar, Chandrasekharpur, Bhubaneswar: Double-storied, South- facing corner house of plot area 3100 sqft. built up area of 2828 sqft. garage and out house available. Company offices/ guest houses, OYO hotels preferred. Contact: 9849986373. D-1376

1455 sqft. Commercial space on 1st floor at Vivekanand marg road, near Mausima Temple, Bhubaneswar suitable for Banks, Corporate office / Retail outlet, present occupants are ICICI Bank, Ramco Cements, Stock holding Corporation, Medplus, Green trends, call 8598923231/ 9437023231. D-1378

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


Healthcare

**Newly open SPA positively health benefits with expert therapist. 9938843929.** D-75149

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Relax, Refresh your body, Mind at Saikrupa Spa with best therapies. 8984068077.** D-1358


astrology

AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**
ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ଦଣ୍ଡପାଟି ଦମୟନ୍ତୀ
ମାଲକାନଗିରି
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
ଆପଣଙ୍କ ଶୋକସନ୍ତପ୍ତ ପରିବାର
ଦଣ୍ଡପାଟି ଜଗନ୍ନାଥ ରାଓ, ଦଣ୍ଡପାଟି ବାଲା ରାଓ, ଦଣ୍ଡପାଟି ସରୋଜିନୀ ରାଓ, ଦଣ୍ଡପାଟି ଭାସ୍କର ରାଓ, ଦଣ୍ଡପାଟି ହିମାଂଶୁ ରାଓ
ଧ-୧୩୭୭

# "ଯହିଁରେ ଲେଖକ ସର୍ବଜ୍ଞ, ପାଠକ ଅଜ୍ଞ-ସେ ବହି ମୁଁ ଲେଖେ ନାହିଁ"


**-ଗୀତା ମେହେଟା**

ଗୀତା ମେହେଟାଙ୍କ ଜନ୍ମ ଦିଲ୍ଲୀରେ, ୧୯୪୩ରେ। ରାଷ୍ଟ୍ରନେତା ବିଜୁ ପଟ୍ଟନାୟକଙ୍କ ଏକମାତ୍ର କନ୍ୟା ଭାରତ ଓ କେମ୍ବ୍ରିଜ୍‌ର ଗିର୍‌ଟନ୍ କଲେଜରେ ଶିକ୍ଷା ସମାପ୍ତି ପରେ ସାମ୍ବାଦିକତା ଓ ସାହିତ୍ୟସୃଷ୍ଟିକୁ ନିଜ ଜୀବନର ବ୍ରତ କରିଥିଲେ। କେମ୍ବ୍ରିଜ୍‌ରେ ଅଧ୍ୟୟନ କାଳରେ ସହପାଠୀ ସୋନି ମେହେଟାଙ୍କ ସହ ଘନିଷ୍ଠ ହୋଇଥିଲେ ଓ ଏହି ଘନିଷ୍ଠତା ବିବାହରେ ପରିଣତ ହୋଇଥିଲା। ବ୍ରିଟିଶ୍, ୟୁରୋପୀୟ ଓ ଆମେରିକୀୟ ଗଣମାଧ୍ୟମ ପାଇଁ ନିଜ ନିର୍ଦ୍ଦେଶନାରେ ସେ ପ୍ରସ୍ତୁତ କରିଥିଲେ ଏକାଧିକ ପ୍ରାମାଣିକ ଚଳଚ୍ଚିତ୍ର, ଯାହା ତାଙ୍କୁ ଦେଶ ବିଦେଶରେ ଲୋକପ୍ରିୟ କରିଥିଲା। ୧୯୭୦-୭୧ରେ ସେ ଥିଲେ ଆମେରିକୀୟ ଦୂରଦର୍ଶନ ଏନ୍‌ବିସିର ଯୁଦ୍ଧ-ଖବରଦାତା। ବାଂଲାଦେଶ ମୁକ୍ତି ସଂଗ୍ରାମର ଯୁଦ୍ଧ-ଖବର ସରବରାହ ସାଙ୍ଗକୁ ସେ ପ୍ରସ୍ତୁତ କରିଥିଲେ ଏକ ଚଳଚ୍ଚିତ୍ର 'ଡେଟ୍‌ଲାଇନ୍ ବାଂଲାଦେଶ'। ତାଙ୍କ ରଚିତ ପୁସ୍ତକ- 'କର୍ମକୋଲା' (୧୯୭୯), 'ରାଜ୍' (୧୯୮୯), 'ଏ ରିଭର ସୂତ୍ର' (୧୯୯୩), 'ସ୍ନେକ୍ସ ଆଣ୍ଡ୍ ଲାଡର୍‌ସ' (୧୯୯୭) ଓ 'ଇଟରନାଲ୍ ଗଣେଶ' (୨୦୦୬)। ୨୦୧୯ରେ ଭାରତ ସରକାର ଗୀତାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ଭୂଷିତ କରିଥିଲେ ବି ସାଧାରଣ ନିର୍ବାଚନ ଆସନ୍ନ ହେତୁ ଏହା ସରକାର ଓ ତାଙ୍କ ପାଇଁ ଅସ୍ୱସ୍ତିକର ହେବା ସହିତ ଭୁଲ୍ ତର୍ଜମାକୁ ଅବକାଶ ଦେବା ଆଶଙ୍କା କରି ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲେ। ୧୬ ସେପ୍ଟେମ୍ବର ୨୦୨୩ରେ ଏହି ଲେଖିକାଙ୍କର ଦେହାବସାନ ସହିତ ସ୍ମୃତି ହୋଇଯାଇଛି ବିଜୁ-ବୁନିୟାଦ୍‌ର ଏକ ବାଙ୍ମୟ ଅଧ୍ୟାୟ...



ଗୀତା ମେହେଟାଙ୍କୁ ଯେତେବେଳେ ୩୬ବର୍ଷ ବୟସ, ସେତେବେଳେ ପ୍ରକାଶପାଏ ତାଙ୍କର ପ୍ରଥମ ପୁସ୍ତକ 'କର୍ମକୋଲା: ମାର୍କେଟିଙ୍ଗ୍ ଦ ମିଷ୍ଟିକ୍ ଇଷ୍ଟ' ୧୯୭୯ରେ। ଅଣଭାରତୀୟଙ୍କ ପାଇଁ ଭାରତୀୟ ରହସ୍ୟବାଦୀ ଜୀବନବୋଧର ପ୍ରଥମ ଝଲକ ବହନ କରେ ଏ ବହି। ଶ୍ଳେଷ ଓ ରହସ୍ୟର ସମନ୍ୱୟରେ ଗଢ଼ା ବହିଟିର ପ୍ରତ୍ୟେକ ଧାଡ଼ି, ଖାଲି ନିଜର ନୁହେଁ; ଅନେକ ଆଖିରେ ଦେଖା ଭାରତବର୍ଷର ଅମୂର୍ତ୍ତ ଛବି। 'ରାଜ୍' (୧୯୮୯) ଦଶବର୍ଷ ବ୍ୟବଧାନରେ ପ୍ରକାଶ ପାଇଥିବା ଗୀତାଙ୍କର ଦ୍ୱିତୀୟ ପୁସ୍ତକ, ଯହିଁରେ ଜଣେ ଅଭିଜାତ ଭାରତୀୟ ମହିଳା ଜୟା ସିଂହଙ୍କ ମୁହଁରେ ବିବୃତ ହୋଇଛି ଉପନିବେଶାଧୀନ ଭାରତୀୟ ଜୀବନ। ପରବର୍ତ୍ତୀ ଉପନ୍ୟାସ 'ଏ ରିଭର ସୂତ୍ର' (୧୯୯୩) ହେଉଛି ଗୀତାଙ୍କର ସବୁଠୁଁ ଚର୍ଚ୍ଚିତ ଓ ବହୁପଠିତ ଗ୍ରନ୍ଥ, ଯାହା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ଖ୍ୟାତି ଆଣିଦେଲା। ପ୍ରଖ୍ୟାତ ଲେଖକ ସି.ଜେ. ୱାଲିଆ ଏ ବହି ସମ୍ପର୍କରେ ନିଜର ମତଦେଇ ଲେଖିଲେ: ''This is one of the very best novels I've ever read. To me it's an exquisite expression of secular-humanist philosophy.''

'ରିଭର ସୂତ୍ର'- ଭାରତର ପବିତ୍ରତମ ନଦୀ, ଧାରେ ଧାରେ ଯାହାର ଅଗଣନ ଦେବତୀର୍ଥ, ଶୈବପୀଠ- ତା'ରି ଇତିବୃତ୍ତ। ପଢ଼ିଲେ ଲାଗେ ଯେମିତି ଏଥିରେ ଜେନ୍ ବୁଦ୍ଧିଜିମ୍ ପ୍ରସ୍ତେ ପ୍ରସ୍ତେ ଉଦ୍ଦୀପିତ। ଗୀତା ବି ଏଥିରେ ଅସହମତ ନୁହନ୍ତି। କହନ୍ତି: ''ଜେନ୍‌ର ଉତ୍ପତ୍ତି ତ ଭାରତୀୟ 'ଧ୍ୟାନ' ଶବ୍ଦରୁ। 'ଜେନ୍' ହେଉଛି ଧ୍ୟାନର ଅପଭ୍ରଂଶ ରୂପ, ଯାହାର ଅର୍ଥ 'ସଚେତନତା' (awareness)। 'ରିଭର ସୂତ୍ର'



ଏପରି ଏକ ବହି, ଯାହା ସ୍ୱତଃ ଲିଖିତ ବୋଲି ମୁଁ ମନେକରେ।''

ପ୍ରକୃତରେ 'ରିଭର ସୂତ୍ର' ଏକ ଦୈବୀ ଶ୍ରୁତଲିଖନ- ଏପରି ମନେହୁଏ ବହିଟି ପଢ଼ିଲେ। ପୁରାଣର ସମୟ, ଇତିହାସର ସମୟ, ଚଳନ୍ତି ସମୟ ଓ ଆଖ୍ୟାନସମୂହର ସମୟ ଏଠି ଏକାକାର ଓ ଅଭିନ୍ନ। ସଂସ୍କୃତ ନାଟକର ସୂତ୍ରଧର ପରି ଲେଖିକା ଏଠାରେ ନାନା ଘଟଣା, ନାନା ସମୟ ଓ ନାନା ଚରିତ୍ରର ବିଶ୍ୱସ୍ତ ସୂତ୍ରଧର।

'ରିଭର ସୂତ୍ର' ପଛକୁ ଆସେ 'ସ୍ନେକ୍‌ସ ଆଣ୍ଡ୍ ଲାଡର୍ସ'। ଏଥିରେ ଗୀତା ଲେଖିଛନ୍ତି ଯେ ଦୂର ସମ୍ପର୍କୀୟ ତାଙ୍କର ଜଣେ ଦାଦା ମାତ୍ର ୧୪ ବର୍ଷ ବୟସରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା 'କଳାପାଣି' ପାର୍ ହୋଇଥିଲେ। 'କିଏ ସେ ଦାଦା?' ଖୋଜ୍ ନେଉ ନେଉ ମିଳେ ତା'ର ସୁରାକ। ଗୀତାଙ୍କର ଜେଜେମା' ଥିଲେ ବଙ୍ଗାଳୀ ଓ ପ୍ରଖ୍ୟାତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ସମ୍ପର୍କୀୟା। ଆନନ୍ଦ ପ୍ରସାଦ ଗୁପ୍ତା ହିସାବରେ ଗୀତାଙ୍କର ସାନଦାଦା ଓ ଦେବ ପ୍ରସାଦ ଗୁପ୍ତା ବଡ଼ଦାଦା। ଚିଟାଗଙ୍ଗ ଥାନା ଅବରୋଧ ମାମଲା (୧୮ ଏପ୍ରିଲ ୧୯୩୦)ରେ ଆନନ୍ଦଙ୍କୁ ୨୫ ମେ ୧୯୩୩ରେ 'କଳାପାଣି' ପାର୍ କରାଯାଇଥିଲା ଓ ଦେବଙ୍କୁ ଥାନା-ଅସ୍ତ୍ରାଗାର ସମ୍ମୁଖରେ ଘଟଣା ଦିନ ଗୁଳିକରି ମାରି ଦିଆଯାଇଥିଲା। ଏମାନେ ଥିଲେ ପ୍ରଖ୍ୟାତ ବିପ୍ଳବୀ ସୂର୍ଯ୍ୟ ସେନ୍‌ଙ୍କ ସହଯୋଗୀ।

ତଥ୍ୟାଶ୍ରିତ ଲେଖାଠୁଁ କଳ୍ପନାଶ୍ରିତ ଲେଖାକୁ ଅଧିକ ଶ୍ରେୟ ଦେଇ ୨୦୦୨ରେ ନିଜ ପ୍ରକାଶକଙ୍କ ଦ୍ୱାରା ଉତ୍ଥିତ ଏକ ପ୍ରଶ୍ନର ଉତ୍ତରରେ ଗୀତା କହିଥିଲେ- ଫରାସୀ ଲେଖକ ବାଲ୍‌ଜାକ୍‌ଙ୍କ ମତ ସହ ମୁଁ ଏକମତ ଯେ 'ତଥ୍ୟ ସୀମାବଦ୍ଧ ଓ ଆବେଗ ଅସୀମ'। ତେଣୁ ପ୍ରବନ୍ଧଠାରୁ ଗଳ୍ପ-ଉପନ୍ୟାସରେ ଲେଖକର ସ୍ୱାଧୀନତା ସ୍ୱତଃ ଅଧିକ। ଜଣେ ଲେଖକ ପାଇଁ ଏକ ଭୌଗୋଳିକ ପୃଷ୍ଠଭୂମି ଅପରିହାର୍ଯ୍ୟ ବୋଲି ଗୀତା ସବୁବେଳେ ମନେକରନ୍ତି ଓ ବାରାନ୍ତରେ କହନ୍ତି: ''ପାଦ ରଖିବାକୁ ଜଣେ ଲେଖକର ଲୋଡ଼ା ଏକ ଭୂଗୋଳ-ଭୂମି। ଯଦି ବି କେହି ଅତିମାନବ ବିଷୟରେ ଲେଖୁଥାଏ, ତେବେ ସେ ପାଇଁ ମଧ୍ୟ ତାକୁ ନିର୍ମାଣ କରିବାକୁ ହୁଏ ଏକ ଅଲଗା ଗ୍ରହ, ଯେଉଁଠୁ ଅବତରି ଆସିବ ସେହି କଳ୍ପିତ ଅତି-ମାନବ। ଶୂନ୍ୟ-ବିହାରୀ ହୋଇ କେହି ଲେଖିପାରିବ ନାହିଁ।''

ଗୀତାଙ୍କର ଥିଲା ତିନି ଜାଗାରେ ଘର। କେତେବେଳେ ସେ ଲଣ୍ଡନରେ, କେତେବେଳେ ନ୍ୟୁୟର୍କରେ ତ କେତେବେଳେ ଭାରତରେ ବିତୁଥିଲା ତାଙ୍କ ସମୟ। ବର୍ଷରେ ଥରେ ଅନ୍ତତଃ ତିନିମାସ ପାଇଁ ସେ ଭାରତ ଆସୁଥିଲେ। ଜଣେ ଭାରତୀୟ ଭାବରେ ସେ କେବଳ ନିଜ ଜନ୍ମିତ ଦେଶକୁ ଭଲ ପାଉ ନ ଥିଲେ, ଦରଦୀ ହୃଦୟ ନେଇ ସବୁ ମଣିଷଙ୍କୁ ଭଲ ପାଉଥିଲେ। ୧୯୯୦ରେ ଏକ ବନ୍ଧୁମିଳନରେ ପ୍ରଖ୍ୟାତ ଡିଜାଇନର୍ ଲୈଲା ତ୍ୟାବ୍‌ଜୀଙ୍କଠୁଁ ସେ ଶୁଣିଲେ ଯେ, ବିହାରର ବୁଣାକାର ମହିଳାମାନେ ସୁଧଖୋର୍ ମହାଜନଙ୍କ ରଣଯନ୍ତାରେ ପଡ଼ି ଛଟପଟ ହେଉଛନ୍ତି ଓ ତାଙ୍କ ଜୀବନ ଦୁର୍ବିଷହ। ସଙ୍ଗେ ସଙ୍ଗେ ଗୀତା ପଚାରିଲେ- ''ସେଇ ମହିଳାମାନଙ୍କୁ ରଣମୁକ୍ତ କରିବାକୁ ହେଲେ କେତେ ଟଙ୍କା ଦରକାର?'' ଲୈଲା ଶହେ ଜଣ ମହିଳାଙ୍କୁ ରଣମୁକ୍ତ କରିବା ପାଇଁ ଆବଶ୍ୟକ ଟଙ୍କାର ଏକ ହିସାବ ଦେଲେ। ଗୀତା କହିଲେ: ''ଠିକ୍ ଅଛି। ମୁଁ ବର୍ତ୍ତମାନ ମୋର ଆଉ ଗୋଟିଏ ବହି ଲେଖୁଛି- 'A River Sutra'. ଏ ବହି ପ୍ରକାଶ ପାଇଲେ ତା'ର ରାଜଭାଗ ଅର୍ଥ ତମକୁ ଦେଇଦେବି, ତମେ ତହିଁରେ ରଣଗ୍ରସ୍ତ ମହିଳାମାନଙ୍କୁ ରଣମୁକ୍ତ କରିପାରିବ। ୧୯୯୩ରେ 'ରିଭର ସୂତ୍ର' ପ୍ରକାଶ ପାଇବା ପରେ ଗୀତା ତାଙ୍କର ରାଜଭାଗ ଅର୍ଥକୁ ଲୈଲାଙ୍କୁ ଏକ ଚେକ୍‌ରେ ଦେଇଦେଲେ। ସେହି ଅର୍ଥରେ ବିହାରର ରଣବାଧିତ ମହିଳାମାନେ କେବଳ ରଣମୁକ୍ତ ହେଲେ ନାହିଁ, ବଳକା ଅର୍ଥରେ ସେମାନଙ୍କ ପାଇଁ ଏକ 'ବୁଣାକାର-ଯୋଜନା' ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେଲା।

'Snake and Ladders' ଗୀତାଙ୍କର ଏକ ଅଣ-କାଳ୍ପନିକ ନିବନ୍ଧଗ୍ରନ୍ଥ, ଯହିଁରେ ଭାରତ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ସମ୍ବନ୍ଧିତ ବିଷୟ ଅନ୍ତର୍ଭୁକ୍ତ। ଗୀତା ଲେଖିଛନ୍ତି: ''ଭାରତ ଏପରି ଏକ ଦେଶ, ଯେଉଁଠି ପୃଥିବୀ ଓ ସମୟର ସଂଘାତ ଅତି ବ୍ୟାପକ। ଆମେ ମହାକାଶକୁ ଉପଗ୍ରହ ପଠାଉଛେଁ ଓ ଆମର ଅଛି ବଳଦଗାଡ଼ି। ପ୍ରଚୁର ସମ୍ଭ୍ରାନ୍ତ୍ୟ ସାଙ୍ଗକୁ ଅଛି ପ୍ରାକ୍-ମଧ୍ୟଯୁଗୀୟ ଜୀବନଧାରା। ଦୁଇ ବିରୋଧାଭାସର ଏହି ସଂଘର୍ଷକୁ କିଛି ଦୃଷ୍ଟାନ୍ତ ମାଧ୍ୟମରେ ମୁଁ ବ୍ୟକ୍ତ କରିବାକୁ ଚାହିଁଛି। ମୁଁ ଜଣେ ଭାରତୀୟ ସତ, ଏହାର ଅର୍ଥ ନୁହେଁ ଯେ ମୁଁ ଭାରତକୁ ଜାଣିଛି। ମୁଁ ସେପରି ବହି ଲେଖିବାକୁ ଚାହେଁ ନାହିଁ; ଯେଉଁଥିରେ ମୁଁ ଜଣେ ସର୍ବଜ୍ଞ ଓ ମୋର ପାଠକମାନେ ଅଜ୍ଞ, ଅଧସ୍ତନ। ମୋର ସବୁ ବହିରେ ମୁଁ ଏପରି ମନୋବୃତ୍ତିର ବିରୋଧୀ।''

୨୦୦୬ରେ ପ୍ରକାଶ ପାଏ ଗୀତାଙ୍କର ଶେଷ ବହି 'Eternal Ganesha', ଯହିଁରେ ଭାରତୀୟ ପ୍ରତୀକ ଭାବେ ଗଣେଶଙ୍କର ସାଂସ୍କୃତିକ ସର୍ବଗାମିତା ବିବୃତ। ଲେଖକ ଓ ଅନୁବାଦକ କଲ୍ୟାଣ ରମଣ କହନ୍ତି: ''ସୁକୁମାର ଅନୁଭବ, ତୁଳନାହୀନ ମୌଳିକତା ଓ ମହାବୈଶ୍ୱିକ କଳ୍ପନାଶକ୍ତିର ଅସାମାନ୍ୟ ଅଧିକାରିଣୀ ଗୀତା ମେହେଟା। ବହୁପ୍ରସୂ ନ ହୋଇ ସମଗ୍ର ଜୀବଦ୍ଦଶାରେ ମାତ୍ର ପାଞ୍ଚଖଣ୍ଡ ପୁସ୍ତକ ସେ ଛପାଇଛନ୍ତି। ଯଦି ସେ ଅଧିକ ବହି ଲେଖିଥା'ନ୍ତେ, ତେବେ ଅନେକଙ୍କ ପାଇଁ ହୋଇପାରିଥା'ନ୍ତେ ଆହୁରି ଅଧିକ ପ୍ରେରଣାପ୍ରଦ।'' ଗୀତା ରକ୍ତମାଂସର ମଣିଷ ଥିଲେ ଓ ମଣିଷକୁ ତା'ର ସମସ୍ତ ସ୍ଖଳନ ଓ ଉତ୍ତରଣ ଦେଇ ଚିହ୍ନିବାକୁ ଚେଷ୍ଟାକରିଥିଲେ। କାମନା ନ ଥିବା ଜୀବନ ଜୀବନ ନୁହେଁ- ଏହା ସ୍ୱୀକାର କରିବାର ସ୍ପର୍ଦ୍ଧା କାହାର ଥାଏ, ଯଦି ସେ ନୁହନ୍ତି ଗୀତା ମେହେଟା!

ପ୍ରଦକ୍ଷିଣ

**ପ୍ରସ୍ତୁତି: ଡକ୍ଟର ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

ଗଳ୍ପ ସମଗ୍ର


### ପ୍ରଭାତ ସମ୍ଭାର



**ଲେଖକ:** ପ୍ରଭାତ ମହାପାତ୍ର
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦୦/-

ଦୀର୍ଘ ୪୦ ବର୍ଷର ଲେଖକ ଜୀବନରେ ପ୍ରକାଶ ପାଇଥିବା ୯ଟି ଗଳ୍ପ ପୁସ୍ତକକୁ ଏକାଠି କରି 'ପ୍ରଭାତ ସମ୍ଭାର' ଶୀର୍ଷକରେ ପ୍ରକାଶ ପାଇଛି ପ୍ରଭାତ ମହାପାତ୍ରଙ୍କର ଗଳ୍ପ ସମଗ୍ର। ଯେଉଁ ବହିଗୁଡ଼ିକୁ ଏହି ସଂକଳନଭୁକ୍ତ କରାଯାଇଛି, ସେଗୁଡ଼ିକ ହେଲା ୧. ଅନେକ ଅକ୍ଷାଂଶ (୧୯୮୧), ୨. ଚିଠି ନିଜ ଠିକଣାରେ (୧୯୮୧), ୩. ମାର୍ଫତ୍ ନିରବଧି କାଳ (୧୯୯୪), ୪. ଅତଡ଼ା ଦାଢ଼ରୁ ଗୀତ (୨୦୨୧), ୫. କଥା ଅଳ୍ପ ଇଙ୍ଗିତ ଅନେକ (୨୦୨୧), ୬. ନଥାରେ ନଥାରେ କଥା (୨୦୨୧), ୭. ସମ୍ପୂର୍ଣ୍ଣ ପାରିବାରିକ (୨୦୨୧), ୮. ଶେଷକଥାଟି (୨୦୨୧) ଓ ୯. ଠାରରେ ବ୍ରହ୍ମାଣ୍ଡ (୨୦୨୧)। ୯ଟି ଯାକ ବହିରେ ଥିବା ଗଳ୍ପ ସଂଖ୍ୟା ୧୪୭। ପ୍ରଭାତଙ୍କ ଗଳ୍ପରେ ତାଙ୍କ ଚାରିପାଖର ଅଙ୍ଗେନିଭା ଅନୁଭୂତି ରୂପ ପାଆନ୍ତି। ଭାଷାଟି ଏପରି ଯେ ଆଖି ଆଗରେ ଘଟଣା ଘଟିଗଲା ପରି ଲାଗେ। ବିଷୟ ଯେତେ ଗମ୍ଭୀର ହେଉ ବା ହେଉ ହାଲୁକା, ସବୁଥିରେ ସେ ମନଲଗା। ଗାଁ କଜିଆଟିଏ ମଧ୍ୟ ତାଙ୍କ ପାଇଁ ହେୟ ନୁହେଁ; ସବୁ କଥା ଖୁଣ୍ଟିନାଣ୍ଟି ବର୍ଣ୍ଣନା କରନ୍ତି। ଭାଷାରେ ଥାଏ ଆବେଗର ଝଲକ। ଯଥା: ''କାଳିଜାଇର ମେଘପରି ସେଭେନ୍ ଡାଉନ୍ ଗର୍ଜି ଗର୍ଜି ଚାଲିଗଲା ଆପଣା ବାଟେ।'' (ପ୍ରଥମ କଦମ୍ବ ଫୁଲ, ପୃ: ୧୨୭), ''ମଶାଣିରେ ପାପରା ଚିରାକନା ଖଣ୍ଡେ ପରି ଆକାଶ ସେଠି ଝାଉଁଗଛ ଅଗରେ ଲାଗିଥିଲା।'' (ଝାଉଁବଣରେ ବାଘ- ପୃ: ୨୮୯)। ପ୍ରଭାତଙ୍କ ଗଳ୍ପ ନାନା କିସମର ଚରିତ୍ରମାନଙ୍କର ଏକ ମନୋରମ ଚିତ୍ରଶାଳା। ଦହିବରାବାଲାଠୁଁ ଆରମ୍ଭ କରି ବନ୍ଦୁ ମାଷ୍ଟ୍ରେଙ୍କ ଯାଏ- ପ୍ରତ୍ୟେକଟି ଚରିତ୍ରର ସେ ଯତ୍ନ ନିଅନ୍ତି ତାଙ୍କ ଗଳ୍ପରେ। ଗାଁର ଲୋକକଥା, ଲୋକଗୀତକୁ ନେଇ ହୃଦୟ ଦୁହିଁ ହେଇଗଲା ପରି ଗଳ୍ପ ପ୍ରଭାତ ହିଁ କେବଳ ଲେଖିପାରନ୍ତି, ଯେପରି ତାଙ୍କ 'ମାମୁଁ' ଗଳ୍ପ। ୧୦୫୬ ପୃଷ୍ଠାର ଏ ବହିଟିରେ ଚିହ୍ନରା ପାଠକେ ଲାଖି ରହିବେ ବୋଲି ଆଶା।

### ଅନ୍ଧ ରାଇଜରେ ଆଇନା




**ଲେଖକ:** କେଶବ ଚନ୍ଦ୍ର ରାଉତରାୟ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ଗଳ୍ପ ଗ୍ରନ୍ଥରେ ସ୍ଥାନିତ ମୋଟ ୩୮ଟି ଗଳ୍ପ। ପ୍ରକାଶକୀୟରେ କୁହାଯାଇଛି: ''ମାନବୀୟ ସମ୍ପର୍କର ଅବଧାରିତ ଶୃଙ୍ଖଳା ସହ ସମାଜତାତ୍ତ୍ୱିକ ବାସ୍ତବତାର ଚିତ୍ର ଆଙ୍କିବାରେ ସେ ସିଦ୍ଧହସ୍ତ x x ତାଙ୍କ ଗଳ୍ପରଚନା ଶୈଳୀ ସୁନିୟନ୍ତ୍ରିତ, ଛନ୍ଦମୟ; ଅଥଚ ସଂକ୍ରାମକ ମଧ୍ୟ। x x ଅତୀତ ପ୍ରବଣତା ତାଙ୍କ ଗଳ୍ପର ଅନ୍ୟତମ ବିଭବ।'' ଏ ଗୌରଚନ୍ଦ୍ରିକା ବାହାରେ ଯଦି ଗଳ୍ପଗୁଡ଼ିକୁ ପାଠକରାଯାଏ, ତେବେ ଗାଳ୍ପିକ ରାଉତରାୟଙ୍କୁ ଜଣେ ନିଚ୍ଛକ ଜୀବନବାଦୀ ଗାଳ୍ପିକ ଭାବେ ଆବିଷ୍କାର କରାଯାଇପାରେ। 'ପ୍ରାଚୀର ଭୁଶୁଡ଼ିଲା', 'ବୋଉ', 'ଢୋଲିଆରୁ ଢାଲ', 'ପାଳଭୂତ', 'ବିପତ୍ତିର ଝୋ ଝୋ ବର୍ଷା', 'ମଣିଷପଣିଆ ଜିନ୍ଦାବାଦ୍', 'ଅନ୍ଧ ରାଇଜରେ ଆଇନା', 'ଛକାପଞ୍ଝାର ପଞ୍ଚତନ୍ତ୍ର', 'ଷଣ୍ଢ ଉବାଚ', 'ଚାନ୍ଦଗାଧୁଆ ହସ' ଓ 'ନୂଆ ସକାଳ' ଭଳି ଗଳ୍ପରେ ଗାଳ୍ପିକଙ୍କର ସମାଜଦୃଷ୍ଟି, ଚରିତ୍ର ଚୟନ ଓ ଭାଷାୟନର ସ୍ୱାତନ୍ତ୍ର୍ୟକୁ ଦେଖିଲେ ପାଠକେ ଅବଶ୍ୟ ପ୍ରଭାବିତ ହେବେ। 'ଅନ୍ଧ ରାଇଜରେ ଆଇନା' ଗଳ୍ପର ଏହି ଉଦ୍ଧୃତାଂଶଟିକୁ ଦେଖନ୍ତୁ- ''ସକାଳର ସୂର୍ଯ୍ୟ ଆମପାଇଁ ଦୁଇଟି ରାସ୍ତା ଦେଖାଏ। ଗୋଟିଏ ହେଉଛି ଶୋଇରହି ସ୍ୱପ୍ନ ଦେଖିବା। ଆନନ୍ଦ, ଉଦ୍ଦୀପନା, ଉଲ୍ଲାସର ସ୍ୱପ୍ନ। ଅନ୍ୟଟି ହେଉଛି ସ୍ୱପ୍ନକୁ ସାକାର କରିବା ପାଇଁ ଘର୍ମାକ୍ତ ସଂଘର୍ଷ କରିବା। ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଅକ୍ଳାନ୍ତ, ନିରବଚ୍ଛିନ୍ନ ଉଦ୍ୟମ ଆବଶ୍ୟକ। ଉଦ୍ୟମ ହିଁ ଗଡ଼ ଜିତେ।'' ମାନବୀୟ ଆଦର୍ଶର ବାର୍ତ୍ତାକୁ କାହାଣୀ ମାଧ୍ୟମରେ ନିକ କରି ପାଠକଙ୍କ ଠାରେ ପହଞ୍ଚାଇବାର ଲକ୍ଷ୍ୟରେ ଗାଳ୍ପିକ ତାଙ୍କ ଗଳ୍ପଗୁଡ଼ିକ ପ୍ରସ୍ତୁତ କରିଥା'ନ୍ତି। ଶୈଳୀରେ ଅଯଥା ଆଡ଼ମ୍ବରିତା କୁତ୍ରାପି ଦେଖାଯାଏ ନାହିଁ। ସାଦା କଥାକୁ ସାଦା ଭାଷାରେ ତୋଳି ଧରିବାର ସାମର୍ଥ୍ୟ ବହିରେଥିବା ଗଳ୍ପଗୁଡ଼ିକର ଥିବାରୁ ଏହା ପାଠକୀୟ ଆଦୃତି ପାଇବ ବୋଲି ଆଶା।

## କାଳକାଳକୁ

**''ଯଦି ଆମେ ଯୁଦ୍ଧ ନ ସାରନ୍ତି, ଯୁଦ୍ଧ ଆମକୁ ସାରିଦେବ।''**
**-ଏଚ୍.ଜି. ୱେଲ୍‌ସ**



**ଏଚ୍.ଜି. ୱେଲ୍‌ସଙ୍କ** ଜନ୍ମ ୨୧ ସେପ୍ଟେମ୍ବର ୧୮୬୬ରେ ଇଂଲଣ୍ଡର ବ୍ରୋମ୍‌ଲେରେ ଓ ପରଲୋକ ୧୩ ଅଗଷ୍ଟ ୧୯୪୬ରେ, ୭୯ ବର୍ଷ ବୟସରେ। ୫୦ଟି ଉପନ୍ୟାସ, ଶତାଧିକ ଗଳ୍ପ ରଚନା ସାଙ୍ଗକୁ ୱେଲ୍‌ସ ଲେଖିଛନ୍ତି ବ୍ୟଙ୍ଗ, ଲୋକପ୍ରିୟ ବିଜ୍ଞାନ, ଜୀବନୀ ଓ ଆତ୍ମଜୀବନୀ। ତାଙ୍କ ରଚିତ ବୈଜ୍ଞାନିକ ଉପନ୍ୟାସଗୁଡ଼ିକ ଏତେ ଜନାଦୃତ ଯେ ଲୋକେ ତାଙ୍କୁ 'ବୈଜ୍ଞାନିକ ଉପନ୍ୟାସ'ର ଜନକ ବୋଲି କହନ୍ତି। ତାଙ୍କର ପ୍ରମୁଖଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି- 'ଦ ୱାର୍ଲଡ୍ ସେଟ୍ ଫ୍ରି', 'ଦ କଣ୍ଟ୍ରି ଅଫ୍ ଦ ବ୍ଲାଇଣ୍ଡ୍', 'ଦ ଟାଇମ୍ ମେସିନ୍', 'ଦ ଇନ୍‌ଭିଜିବଲ୍ ମ୍ୟାନ୍', 'ଦ ଫାଷ୍ଟ ମ୍ୟାନ୍ ଇନ୍ ଦ ମୁନ୍' ଇତ୍ୟାଦି। ସେ କହନ୍ତି: ''ଜଣେ ଯୁବକ ସାଇକେଲରେ ଯାଉଥିବା ମୁଁ ପ୍ରତିଥର ଦେଖେ। ଏଣୁ ମାନବଜାତିର ଭବିଷ୍ୟତ ପାଇଁ ହତାଶ ହୁଏ ନାହିଁ।''

କବିତା

## ସ୍ୱପ୍ନର ଫେରନ୍ତା ବାଟ

**ସୁଶାନ୍ତ କୁମାର ନାୟକ**

ଘାଟକୁ ଅପେକ୍ଷା କରି
ସେ ବସିଚି
ଅଥଚ କେଉଁଠି ବି
ଦେଖାଯାଉନି ଘାଟ।

ସରିଆସୁଚି ଦିନ
ପାଖେଇ ଆସୁଚି ରାତି
ନିରବତାର ଛାଇରେ
ବସିଚି ସମୟ।

ରାତିର ଶୀତଳ ହାତରୁ
ଉଷ୍ମତା ନେଇ
ଘରକୁ ଫେରୁଚି
ଶବ୍ଦର ମଣିଷ।

ନିଜ ନିଜ ପାଇଟିରେ
ସଭିଏଁ ବ୍ୟସ୍ତ ବିବ୍ରତ
ଯେମିତି ସଞ୍ଜ ପରେ ସକାଳ।

ଶୁଖୁ ନ ଥିବା
ପୁରୁଣା ଘାଆର ଯନ୍ତ୍ରଣାରେ
ଛଟପଟ ହେଉଛି ମୃତ୍ୟୁ।

ଛାଇ ଆଲୁଅର
ସିଆର କାଟି
ଆଗକୁ ବଢ଼ୁଚି
ଜୀବନର ଅନ୍ତିମ କ୍ଷଣ।
ରାତିର କାନ୍ଧରେ
ଘରମୁହାଁ ହେଉଚି
ସ୍ୱପ୍ନର ଫେରନ୍ତା ବାଟ।

ମୋ: ୭୬୦୮୦୨୫୬୧୬

## ମେଘ ଓ ତୁମେ

**ତେଜସ୍ୱିନୀ ପଣ୍ଡା**

ମେଘର ପହିଲି ବିନ୍ଦୁ
ଆକାଶକୁ ଘୋଟି ଘାସରେ
ଭେଦିଯାଏ,
ଅସନ୍ତୁଷ୍ଟ ପ୍ରେମିକର ତାଜାପଣ
କାନରେ ଚୁପିଚୁପି
କିଛି କହିଯାଏ...!

କି ସୁନ୍ଦର ଏ ଋତୁ!
ମୋ' ମନର ଆକାଶେ
ତୁମେ ଅଛ ଆଜି ବି ମେଘ ସାଜି,
କେବେ ବର୍ଷିଯାଅ,
କେବେ ଭିଜେଇ ଦିଅ,
ଆଉ କେବେ ଆଖିରେ
ଲୁହ ଭରିଦିଅ..!

ବର୍ଷାର ପହିଲି ସ୍ପର୍ଶ
ଠିକ୍ ତୁମ ଭଳି..
ଖୁବ୍ କୋମଳ,
ବରଫ ଆଚ୍ଛାଦିତ
ଶୀତଳ ଶରୀର,
ଢେଉ ଭଳି ରାଗି ଯାଇ
ପୁଣି ଭାଙ୍ଗିଯାଏ।

ମୋ: ୯୬୯୨୩୬୧୪୦୪

## ଚନ୍ଦ୍ରମାର କି ଯାଏ

**ମଧୁସ୍ମିତା ମହାପାତ୍ର**

ଚନ୍ଦ୍ରମାର କି ଯାଏ
ନୀଳ କଇଁ ସିନା ଝୁରି ମରେ
କଥା ଥିଲା ପରା
ନୀଳିମାରେ ଦିଆନିଆ
ଏ ସାରା ଜୀବନ ପାଇଁ।
ସେ କି ବୁଝେ ଗୋ
ସେ ଯେ ସୁର ତା' ଛନ୍ଦର
ଆଖି ତରାଟି ଚାହିଁବା ହିଁ ସାର ହୁଏ
କହିପାରିବ କି
ତା' ବୀଣାରେ ସୁର କାହିଁ ଭରେ ସେ
ଭଲପାଇବା ପାଇଁ
ନା ଜାଳି ମାରିବା ପାଇଁ।

ମୋ: ୭୯୭୮୫୯୧୫୮୨

ଅନୁବାଦ କବିତା

## ପରଭୃତ

**ମୂଳ ରଚନା: ରବର୍ଟ ବ୍ରିଜ୍**
**ମର୍ମାନୁବାଦ: ଡ. ସୂଚନା ପାଢ଼ୀ**

ଏତେ ସୁମଧୁର ତୁମ କଣ୍ଠସ୍ୱର
କେଉଁ ଦେଶେ ତୁମ ଘର?
ବନ ଫଳ ଫୁଲ ସୁବାସ କି ତା'ର
ଝରଣା ଜଳ ମଧୁର?

ଆମ ବାସଭୂମି
ବସନ୍ତ ନାହିଁ, ମଳୟ ନାହିଁ
ଧୂମାଳ ଶୀତ ରାଜୁତି
ସଂଚାରେ ଅକୁହା ଭୀତି।

ପ୍ରଭାତ...
କାକଳି ମୁଖରିତ ପରାହତ ଆମ ପ୍ରାଣ
ଅରୁଣ ଢାଳେ କିରଣ।
ଢଳିଲେ ତପନ ଫେରି ବାସସ୍ଥାନ
ଦେଖୁ ପାହାନ୍ତି ସପନ।

ସୁରଧ୍ୱନି ବିଷାଦର ମୂର୍ଚ୍ଛନା ମଧୁରତର
ସ୍ୱାଗତ କରୁନା ସୂର୍ଯ୍ୟ ସାଥୀ ଆମ ଅନ୍ଧକାର
''ଆବରଣ ଆଉ ଅଭ୍ୟନ୍ତର!
ଦୂର...ଅନେକ ଦୂର।''

ମୋ: ୯୪୩୮୬୦୪୮୬୫

## ଛୋଟା

**ମୂଳ ହିନ୍ଦୀ: ପବନ ଶର୍ମା**
**ଅନୁବାଦ: ମନୋଜ କୁମାର ବେହେରା**

ଅନୁବାଦ ଗଳ୍ପ

ନିର୍ଜନ ରାତିରେ ଚାରିଆଡ଼େ ପୂରା ଶୁନ୍‌ଶାନ୍। ଏମିତି ପରିବେଶରେ ଦୂରରୁ କାଁଭାଁ କେମିତି କେଉଁଠି କୁକୁର ଭୁକିବାର ଶବ୍ଦ ଭଙ୍ଗ କରୁଥିଲା ରାତିର ନିସ୍ତବ୍ଧତାକୁ। ଠାଏଠାଏ ରାସ୍ତାକଡ଼ରେ ଥିବା ବିଜୁଳିଖୁଣ୍ଟରୁ ଆଲୋକର କ'ଣ ସବୁ ବିଚ୍ଛୁରିତ ହେଉଥିଲେ ସେଇଠି। ଆଉ ବାକି ଅନ୍ୟଆଡ଼େ ବ୍ୟାପ୍ତ ଥିଲା ଅନ୍ଧକାର, କେବଳ ଅନ୍ଧକାର। ନୀରବି ଯାଇଥିବା ପରିବେଶରେ ତା'ର ଆଶାବାଡ଼ି ସୃଷ୍ଟି କରୁଥିଲା କିଛିଟା କୋଳାହଳ। ସେହି ନିସ୍ତବ୍ଧତାକୁ ଚିରି ସେ ନିଜ ଆଶାବାଡ଼ିର ସାହାଯ୍ୟ ନେଇ ଝୁଲିଝୁଲି ବଢ଼ିଚାଲିଥିଲା ଆଗକୁ। ସେ ଥିଲା ପିଲାଟିଏ, ଯାହାର ବୟସ ଏଗାର କି ବାର ବର୍ଷ ହେବ।

ସାମ୍ନାରେ ଥିବା ବିଜୁଳିଖୁଣ୍ଟର ପ୍ରକାଶରେ ସେ ଦେଖିଲା କେହି ଜଣେ ଛିଡ଼ା ହୋଇଛି ଆଗରେ। ମନେମନେ ସେ ଶିହରିଗଲା ଟିକିଏ। କିନ୍ତୁ ମନର ଭୟକୁ ଛାତି ତଳେ ଚାପି ଦେଇ ଆଶାବାଡ଼ି ସାହାଯ୍ୟରେ ସେ ଆଗକୁ ବଢ଼ିଲା। ପାଖକୁ ଯାଇ ଦେଖିଲାବେଳକୁ ତା' ବୟସର ପିଲାଟିଏ ଚିରା-ଫଟା ମଇଳା ଲୁଗା ପିନ୍ଧି ଛିଡ଼ା ହୋଇଛି। ମନ ତା'ର ଶାନ୍ତ ହେଲା ଟିକିଏ।

'କେଉଁଠୁ ଆସୁଛୁ'? ପାଖାପାଖି ହେଲାବେଳେ ସେହି ପିଲାଟି ପଚାରିଲା ତାକୁ।

'ଷ୍ଟେସନ୍‌ରୁ'।

'କ'ଣ କରୁଥିଲୁ ସେଠି ଏପର୍ଯ୍ୟନ୍ତ'? ପିଲାଟି ପୁଣି ଥରେ ପଚାରିଲା।

କ୍ୟାଣ୍ଟିନ୍‌ରେ କପ୍-ପ୍ଲେଟ୍ ଧୋଉଥିଲି। ନିଶ୍ଚିନ୍ତ ହୋଇ ସେ ଉତ୍ତର ଦେଇ ଆଗକୁ ବଢ଼ିଲା। ସେ ପିଲାଟି ମଧ୍ୟ ତା' ସହିତ ଆଗକୁ ବଢ଼ିଲା ଆଉ ଅନ୍ଧାର ଭିତରେ ପଚାରିଲା, କେତେ ରୋଜଗାର କଲୁ?

ଷାଠିଏ ଟଙ୍କା... ସକାଳୁ ଏଯାଏଁ କାମ ପୂରା ନେଲା ମାଲିକ ମୋଠୁ। ଦୟନୀୟ ହୋଇଗଲା ତା' ଚେହେରା।

''ମିଛ କହୁଛୁ ତୁ। ସକାଳୁ ଏଯାଏଁ ଅତିକମ୍‌ରେ ତୋ' ପାଖରେ ଶହେ ଟଙ୍କା ହେବା କଥା।'' ସାମ୍ନାରେ ବିଜୁଳିବତି ଖୁଣ୍ଟରୁ ଆଲୋକ ପଡ଼ିଲା ଦୁହିଁଙ୍କ ଉପରେ। ସେମାନଙ୍କ ଛାଇ ବହୁତ ବଡ଼ ଦେଖାଯାଉଥିଲା।

ସତରେ... ଷାଠିଏ ଟଙ୍କା ଦେଲା ସେହି କ୍ୟାଣ୍ଟିନ୍‌ବାଲା। ଆଉ ଅତି ସହଜ ଭାବରେ ସେ ନିଜ ପ୍ୟାଣ୍ଟ ପକେଟ୍‌ରୁ ଗୁଡ଼େଇ ହୋଇ ରହିଥିବା ଦଶ-ଦଶ ଟଙ୍କାର ଛଅଟା ନୋଟ୍ ବାହାର କଲା ଆଉ ସେହି ପିଲାକୁ ଦେଖେଇ କହିଲା, ମା'ର ଦେହ ଭଲ ନାହିଁ। ସେ ଅସୁସ୍ଥ ଅଛି। ସେଥିପାଇଁ ଆଜି ମୋତେ କାମ କରିବାକୁ ପଡ଼ିଲା।

ବିଜୁଳିଖୁଣ୍ଟ ପାଖରେ ପହଞ୍ଚି ପିଲାଟି କହିଲା, ଦେଖେଇଲୁ... ଗଣିକି ଦେଖେ। ଶଳେ କାମ ପୂରା କରେଇବେ, ଗଧ ଭଳି ଖଟେଇବେ ଅଥଚ ଟଙ୍କା ପୂରା ଦେବେନି। ପୂରା ଷାଠିଏ ଟଙ୍କା ଅଛି, ଏତିକି କହି ସେ ଧରେଇଦେଲା ଟଙ୍କାକୁ ସେହି ପିଲା ହାତକୁ।



ପିଲାଟି ଟଙ୍କା ଗଣିବାକୁ ଲାଗିଲା। 'ଏକ' ଆଉ ଗୋଟିଏ ନୋଟ୍ ତାକୁ ଧରେଇ ଦେଲା, 'ଦୁଇ' ଆଉ ତା'ପରେ ନୋଟ୍‌ଟି ତାକୁ ଧରେଇଦେଲା। 'ତିନି' ପୁଣି ଗୋଟିଏ ନୋଟ୍ ତାକୁ ଧରେଇଦେଲା। 'ଚାର୍' ସେ ହାତ ଆଗକୁ ନୋଟ୍ ନେବା ପାଇଁ ହାତ ବଢ଼େଇଲା ବେଳକୁ ସେ ପିଲାଟି ନୋଟ୍ ଧରି ଦଉଡ଼ି ପଳେଇଲା। ସେ ଚମକି ପଡ଼ିଲା। ଏ... ଏ... ମୋର ଟଙ୍କା ତ ଦେଇକି ଯା! ଆଶାବାଡ଼ି ସାହାଯ୍ୟରେ ସେ ଆଗକୁ ବଢ଼ିଲା, ହେଲେ ସେତେବେଳକୁ ପିଲାଟି ଅଦୃଶ୍ୟ ହୋଇ ସାରିଥିଲା ଅନ୍ଧାରରେ।

ଅସହାୟତାର ଆଖିରେ ଲୁହ ସବୁ ବୋହିବାକୁ ଲାଗିଲେ ଝରଝର ହୋଇ। ତା'ପରେ ଅଚାନକ କ୍ରୋଧରେ ତା' ଚେହେରା ଲାଲ୍ ହୋଇଗଲା, ଆଉ ସେ ଚିତ୍କାର କରି କହିଲା, ଶଳା... ଛୋଟା... ଶଳା... ଦୁଇଗୋଡ଼ିଆ ଛୋଟା... ଶଳା...।

ମୋ: ୭୯୭୮୮୩୦୬୧୧

# ପରିଣୀତିଙ୍କ ହାତ ଧରିବେ ରାଘବ



ମୁମ୍ବାଇ

ଆସନ୍ତା ୨୪ ତାରିଖରେ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ଆପ୍‌ର ଲିଡର ରାଘବ ଚଢ଼ାଙ୍କ ବିବାହ ଉତ୍ସବ ରାଜସ୍ଥାନର ଉଦୟପୁରଠାରେ ହେବ। ଏଥିପାଇଁ ଗତ ୧୭ ତାରିଖରୁ ବିବାହ ମହୋତ୍ସବ ଆରମ୍ଭ ହୋଇଯାଇଛି। ଉଦୟପୁରର ପିଛୋଲା ହ୍ରଦ ପାଖରେ ନିର୍ମିତ ହୋଟେଲ ଦି ଲୀଲା ପ୍ୟାଲେସ୍‌ରେ ପଞ୍ଜାବୀ ରୀତିନୀତି ଅନୁସାରେ ଦୁହିଁଙ୍କ ହାତଗଣ୍ଠି ପଡ଼ିବ। ହୋଟେଲ ତାଜ୍ ଲେକ୍ ପ୍ୟାଲେସ୍‌ରୁ ରାଘବଙ୍କ ବରଯାତ୍ରୀଗଣ ଡଙ୍ଗା ଯୋଗେ ଲୀଲା ପ୍ୟାଲେସ୍‌ରେ ପହଞ୍ଚିବେ। ଅପରାହ୍ନ ୩ଟା ସମୟରେ ବରକନ୍ୟା ବାହାବେଦି ପ୍ରଦକ୍ଷିଣ କରିବେ। ଏହି ଅବସରରେ ପରିଣୀତି ଡିଜାଇନର ମନିଶ ମଲହୋତ୍ରାଙ୍କ ପ୍ରସ୍ତୁତ ଲେହେଙ୍ଗା ଏବଂ ରାଘବ ଡିଜାଇନର ପାୱନ ସଚଦେବାଙ୍କ ପ୍ରସ୍ତୁତ ସେରୱାନି ପିନ୍ଧିବେ। ଶୁକ୍ରବାର ମେହେନ୍ଦି ସେଲିବ୍ରେସନ ହେବ। ଏନେଇ ବର ଓ କନ୍ୟା ସେମାନଙ୍କ ପରିବାର ଦିଲ୍ଲୀରୁ ବିମାନ ଯୋଗେ ଉଦୟପୁରରେ ପହଞ୍ଚିଛନ୍ତି। ଶନିବାର ସଙ୍ଗୀତ କାର୍ଯ୍ୟକ୍ରମ ଥିବାବେଳେ ସେଥିରେ ଯୋଗଦେବାକୁ ପରିଣୀତିଙ୍କ ଭଉଣୀ ପ୍ରିୟଙ୍କା ଚୋପ୍ରା ତାଙ୍କ ଝିଅ ମାଲ୍‌ତୀ ମାରିଙ୍କ ସହ ଆମେରିକାରୁ ଶୁକ୍ରବାର ସନ୍ଧ୍ୟାରେ ବାହାରି ସାରିଛନ୍ତି। ସଙ୍ଗୀତ ପାଇଁ ପ୍ରାୟ ୨୦୦ ଅତିଥିଙ୍କ ପାଇଁ ହୋଟେଲ ଲୀଲା ପ୍ୟାଲେସରେ ରହଣିର ବ୍ୟବସ୍ଥା କରାଯାଇଛି। ବରଯାତ୍ରୀଙ୍କୁ ରାଜସ୍ଥାନୀ ସଂସ୍କୃତି ଓ ପରମ୍ପରାରେ ସ୍ୱାଗତ କରାଯିବ। ବିବାହ ମଣ୍ଡପକୁ ସଜାଇବା

## ଉଦୟପୁର ଉତ୍ସବମୁଖର

ଲାଗି କଲିକତା ଓ ଦିଲ୍ଲୀରୁ ସ୍ୱତନ୍ତ୍ର ଧରଣର ଧଳା ରଙ୍ଗର ଫୁଲ ମଗାଯାଇଛି। ପ୍ରୀତି ଭୋଜନରେ ବିଭିନ୍ନ ପ୍ରକାରର ପଞ୍ଜାବୀ ଓ ରାଜସ୍ଥାନୀ ବ୍ୟଞ୍ଜନ ପରଷାଯିବ। ବିବାହରେ କଡ଼ା ସୁରକ୍ଷା ପାଇଁ ୧୦୦ ପ୍ରାଇଭେଟ୍ ସିକ୍ୟୁରିଟି ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଏଥିସହ ପିଛୋଲା ହ୍ରଦରେ ୪/୫ଟି ବୋଟ୍‌ରେ ସିକ୍ୟୁରିଟିର ବ୍ୟବସ୍ଥା ମଧ୍ୟ କରାଯାଇଛି। ବିବାହରେ ପରିବାର ସଦସ୍ୟଙ୍କ ବ୍ୟତୀତ ଅନେକ ସାଙ୍ଗସାଥୀ ସେଲିବ୍ରିଟି ସାମିଲ ହେବେ। ସେଲିବ୍ରିଟିଙ୍କ ମଧ୍ୟରେ କିଆରା ଆଡଭାନୀ, କରୀନା କପୁର, ଅର୍ଜୁନ କପୁର, ଆୟୁଷ୍ମାନ ଖୁରାନା, ଅକ୍ଷୟ କୁମାରଙ୍କ ସମେତ ଅନେକ ବିବାହରେ ସାମିଲ ହେବେ। ଏଥିସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ମାନ୍, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ମଧ୍ୟ ସାମିଲ ହେବେ।

# ଅଧା ବୟସର ପାକିସ୍ତାନୀଙ୍କୁ ବାହାହେଲେ କାନାଡ଼ା ମହିଳା



**ଇସ୍‌ଲାମାବାଦ୍:** ସୀମାପାର୍ ପ୍ରେମ କାହାଣୀ ବେଳକୁ ବେଳ ବଢ଼ିବାକୁ ଲାଗିଛି। ପ୍ରେମ ପାଇଁ ପାକିସ୍ତାନର ସୀମା ହାଇଦର ଭାରତ ଆସିବା, ଭାରତର ସଞ୍ଜୁ ପାକିସ୍ତାନ ଯିବା ଘଟଣା ଦେଖିବାକୁ ମିଳିଛି। ନିକଟରେ ଏପରି ସୀମାପାର୍ ପ୍ରେମ କାହାଣୀ ପୁଣି ସାମ୍ନାକୁ ଆସିଛି। ଏଥିରେ ଖାସ୍ କଥା ହେଉଛି, ପ୍ରେମୀଙ୍କ ମଧ୍ୟରେ ଥିବା ବୟସ ତାରତମ୍ୟକୁ ସେମାନେ ଅଣଦେଖା କରିଛନ୍ତି। ଜଣେ ୩୫ ବର୍ଷୀୟ ପାକିସ୍ତାନୀ ଯୁବକ କାନାଡାର ୭୦ ବର୍ଷୀୟା ମହିଳାଙ୍କୁ ବିବାହ କରିଛନ୍ତି। ରିପୋର୍ଟ ମୁତାବକ, ଯୁବକଙ୍କ ନାମ ନଇମ୍ ଶେହେଜାଦ୍। ସେ ମହିଳାଙ୍କୁ ବିବାହ କରିଥିବା ନେଇ ଅନେକ ଲୋକ ଏହାକୁ ଉଦ୍ଦେଶ୍ୟମୂଳକ ବୋଲି କହୁଛନ୍ତି। ନିକଟରେ ନଇମ୍ ଏନେଇ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଏକ ଦଶକ ପୂର୍ବରୁ ଦୁହିଁଙ୍କ ମଧ୍ୟରେ ଫେସବୁକ୍‌ରେ ବନ୍ଧୁତା ହୋଇଥିଲା। ଉଭୟ ୨୦୧୭ରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନଇମ୍‌ଙ୍କୁ ବିବାହ ପାଇଁ ମହିଳା ଜଣକ ପାକିସ୍ତାନ ଆସିଥିଲେ। ନଇମ୍ ତାଙ୍କ ସ୍ତ୍ରୀଙ୍କ ସହିତ କାନାଡା ଯିବାର ଯୋଜନା ରଖିଛନ୍ତି।












# ସଞ୍ଜୟଙ୍କ ପୁଅ ଭୂମିକାରେ ଟାଇଗର



ମୁମ୍ବାଇ

'ହେରା ଫେରି', 'ଆୱାରା ପାଗଲ ଦିୱାନା', 'ୱେଲକମ ଫ୍ରାଞ୍ଚାଇଜ' ଭଳି ହିଟ୍ ଫିଲ୍ମ ନିର୍ମାତା ଫିରୋଜ ଏ ନାଡ଼ିଆଡୱାଲା ପୁଣି ଦର୍ଶକଙ୍କ ମନୋରଞ୍ଜନର ଯୋଜନା କରୁଛନ୍ତି। ସେ ଏନେଇ ବଡ଼ ଘୋଷଣା କରିଛନ୍ତି। ବଲିଉଡ୍‌ର ୨ ଭିନ୍ନ ପିଢ଼ିର ଆକ୍ସନ ହିରୋଙ୍କୁ ଏକାଠି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫିରୋଜ ଆଗାମୀ ଫିଲ୍ମ 'ମାଷ୍ଟର ବ୍ଲାଷ୍ଟର'ରେ ହିନ୍ଦୀ ସିନେମାର ଖଳନାୟକ ସଞ୍ଜୟ ଦତ୍ତ ଏବଂ ଟାଇଗର ଶ୍ରଫଙ୍କୁ ଆଗକୁ ଲିଡ୍ ଏକାଠି ଦେଖିବାକୁ ମିଳିବ। ସିନେମାର କମେଡିରେ ଲୋକେ ତାଙ୍କ ହସ ଅଟକାଇ ପାରିବେନି। ଏଥିସହ ଉଭୟଙ୍କ ଦମ୍‌ଦାର ଆକ୍ସନ ଦେଖିବାକୁ ମିଳିବ। ସୂଚନା ମୁତାବକ, ଫିଲ୍ମ ଶୁଟିଂ ହଂକଂ, ମକାଉ ଏବଂ ଚାଇନାରେ ହେବ। ସିନେମାରେ ଇତିହାସରେ ପ୍ରଥମ ଥର ପାଇଁ ନୂଆ ଟେକ୍ନୋଲୋଜି ବ୍ୟବହୃତ କରାଯିବ। ସଞ୍ଜୟ ଏବଂ ଟାଇଗରଙ୍କ ଏହା ପ୍ରଥମ ଫିଲ୍ମ ହେବ। ତେବେ ଟାଇଗର ୨୦୧୪ରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ।











See Career Appointment on every Wednesday & Saturday

























**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବାସ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳର ବିସ୍ଥାପିତ ପରିବାରମାନଙ୍କ ପାଇଁ କେତୋଟି ବିଶେଷ ସୂଚନା, ଜାଣିବା କଥା**

ଏତଦ୍ୱାରା ସମସ୍ତ ବିସ୍ଥାପିତ ପରିବାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନୂତନ ଗ୍ରାମରେ ପୁନର୍ବସତି ହୋଇ ରହୁଥିବା ବିସ୍ଥାପିତ ପରିବାରଙ୍କ ''ବିସ୍ଥାପିତ ପରିଚୟ ପତ୍ର'' ମୁଦ୍ରଣ କରାଯାଇଅଛି।

ତେଣୁ, ନିମ୍ନଲିଖିତ ବିସ୍ଥାପିତ ପରିବାରକୁ ଅନୁରୋଧ କରାଯାଉଛି ଯେ, ସେମାନେ ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବାସ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ, ଜିଲ୍ଲା ନୂଆପଡ଼ାକୁ ଆସି ନିଜ ନିଜର ବିସ୍ଥାପିତ ପରିଚୟ ପତ୍ର ଗ୍ରହଣ କରିବା ହେବେ।

Sd./- କାଳୁ ମାଝୀ, ଓ.ପ୍ର.ସେ.
ସ୍ୱତନ୍ତ୍ର ଭୂ-ଅର୍ଜନ ଏବଂ ପୁନର୍ବାସ ଥଇଥାନ ଅଧିକାରୀ,
ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ

**ନବାନ୍ନ ଉପଲକ୍ଷେ ଶୁଭେଚ୍ଛା ଏବଂ ହାର୍ଦ୍ଦିକ ଅଭିନନ୍ଦନ**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।


ଡା. ସୋନିଆ ଜୈନ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍
ଶ୍ରୀଯୁକ୍ତ କମଳାସନ ରଥ (ଓ.ଆର୍.ଏସ୍), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ୍

**ନବାନ୍ନ ଉପଲକ୍ଷେ ଶୁଭେଚ୍ଛା ଏବଂ ଅଭିନନ୍ଦନ**

ICAR

ଭାଦ୍ରବ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ, ନୂଆଧାନ ନେଇ ଆସିଥିବା ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନବାନ୍ନ ବା ନୂଆଁଖାଇରେ କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ତଥା ଜିଲ୍ଲାବାସୀଙ୍କ ପାଇଁ ଏକ ଉତ୍ତମ ସ୍ୱାସ୍ଥ୍ୟ ତଥା ସମୃଦ୍ଧି କାମନା କରିବା ସହିତ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି।

ବରିଷ୍ଠ ବୈଜ୍ଞାନିକା ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡ଼ା
Website: www.kvknuapada.org



# ପିଜି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ସରିଲା

**ଭୁବନେଶ୍ୱର, ୨୨।୯(ଅସମାପିକା ସାହୁ):** ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ନିମନ୍ତେ ଶୁକ୍ରବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ୨୮ତାରିଖ ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ଅକ୍ଟୋବର ୩ ତାରିଖ ସକାଳ ୧୦ଟାରୁ ୫ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ୧୦ତାରିଖ ଅପରାହ୍ନ ୨ଟାରେ ବଳକା ସିଟ୍ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ତାରିଖ ଦିନ ନାମ ଲେଖାଇବେ। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୨୧ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସିଟ୍ ପୂରଣ ନ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ନିଷ୍ପତ୍ତି ହୋଇଥିଲା।


**୨୮ରେ ମେଧା ତାଲିକା**


ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ତଥା ସାହାଜପାଣି ପଞ୍ଚାୟତର ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଉପେନ୍ଦ୍ର କୁମାର ଭୋଇ
ସମିତି ସଭ୍ୟ, ସାହାଜପାଣି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ଅଞ୍ଚଳର ସମସ୍ତ ଭାଇ ଓ ଭଉଣୀଙ୍କୁ ନୂଆଁଖାଇ ଜୁହାର।
ସୂର୍ଯ୍ୟଭାନୁ ମେହେର
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ଆଉ ଚଙ୍ଗରିଆ ପଞ୍ଚାୟତର ସମକୁ ନୂଆଁଖାଇ ଜୁହାର।
ସୁଶିଲ କୁମାର ଗୁରୁ
ସରପଞ୍ଚ, ଚଙ୍ଗରିଆ ତଥା କେଏମଏମ ଆବାହକ

ନୂଆଁଖାଇ ଜୁହାର

ରେଙ୍ଗାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଉମାକାନ୍ତ ମେହେର
ସରପଞ୍ଚ, ରେଙ୍ଗାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଘୁନସରର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଅନୁସୟା ସାହୁ
ସରପଞ୍ଚ, ଘୁନସର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବାହୁବଳେନ୍ଦ୍ର ପୁରୋହିତ
କାର୍ଯ୍ୟନିର୍ବାହୀ ଅଧିକାରୀ, ଟଙ୍କପାଣି ପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବିଶ୍ୱମ୍ଭର ଭୋଇ
କାର୍ଯ୍ୟନିର୍ବାହୀ ଅଧିକାରୀ, ମଟିଆଭଟା ଗ୍ରା.ପ.

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ନୂଆଁଖାଇ ଜୁହାର।
ଦିଲିପ ରାଉତ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର

ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଅରବିନ୍ଦ ଧରୁଆ
ବନପାଳ, ଧଣ୍ଡାମୁଣ୍ଡା

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବଳଭଦ୍ର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ମାଁ ପାଟଣେଶ୍ୱରୀ ସୁଖ, ଶାନ୍ତି, ସମୃଦ୍ଧି ଆଣି ଦିଅନ୍ତୁ। ନୂଆଁଖାଇ ଜୁହାର।
ବ୍ରଜବନ୍ଧୁ ଠାକୁର
ବରିଷ୍ଠ ସେକ୍ସନ ଅଫିସର, ଖପ୍ରାଖୋଲ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଚାଷୀ ଭାଇଙ୍କୁ ନୂଆଁଖାଇ ଜୁହାର। ମାଁ ସମଲେଇ ଓ ପାଟଣେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଦିଅନ୍ତୁ।
କନ୍ଦର୍ପ ସୁଆର
ସଭାପତି, ଲୁହାସିଂହା ପେକ୍ସ

ନୂଆଁଖାଇ ଜୁହାର

ଧଣ୍ଡାମୁଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଅଭିନନ୍ଦନ।
ବୈଦ୍ୟନାଥ ମିଶ୍ର
ସରପଞ୍ଚ, ଧଣ୍ଡାମୁଣ୍ଡା ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣ,ଶ୍ରମିକ,କୃଷକ, ଯୁବକମାନଙ୍କୁ ମୋର ନୂଆଁଖାଇ ଜୁହାର।
ବିଜୟ କୁମାର ହୋତା
ବିଡିଓ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର

ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି। ନୂଆଁଖାଇ ଜୁହାର।
ଚିନ୍ମୟ ପ୍ରଧାନ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ,ଖପ୍ରାଖୋଲ

ନୂଆଁଖାଇ ଜୁହାର

ମହରାପଦର,ନାନ୍ଦୁପଲା ଓ ତେଲେନପାଲି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
କ୍ଷୀରଧର ବରିହା
କାର୍ଯ୍ୟନିର୍ବାହୀ ଅଧିକାରୀ

ନୂଆଁଖାଇ ଜୁହାର

ଭାନପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ରୀନା ଜାଲ
ସରପଞ୍ଚ, ଭାନପୁର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ନୂଆଁଖାଇ ଜୁହାର।
ରାଜକିଶୋର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ନୂଆଁଖାଇ ଜୁହାର।
ନିରୁପମା ପଟେଲ
ଅଧ୍ୟକ୍ଷା, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର

ଭାନପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ମଦନ ବେହେରା
କାର୍ଯ୍ୟନିର୍ବାହୀଅଧିକାରୀ, ଭାନପୁର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ତେଲେନପାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଶକୁନ୍ତଳା ବେହେରା
ସରପଞ୍ଚ, ତେଲେନପାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ସନ୍ଧ୍ୟାରାଣୀ ସେଠ
ବନପାଳ, ହରିଶଙ୍କର

ନୂଆଁଖାଇ ଜୁହାର

ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇର ଜୁହାର।
ସତ୍ୟାନନ୍ଦ ସେନ୍ଦ୍ରିଆ
ଭାଜପା ସାଧାରଣ ସମ୍ପାଦକ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର

ଓଡ଼ିଆପାଲି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ତଥା ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର।
ଶାନ୍ତି ଛୁରା
ସରପଞ୍ଚ, ଓଡ଼ିଆପାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇର ଜୁହାର।
ସୁଧୀର କୁମାର ଜେନା
ବନପାଳ, ଖପ୍ରାଖୋଲ

ନୂଆଁଖାଇ ଜୁହାର

ଡିହାର ଭିତରେ ଡିହାର, ନୂଆଁଖାଇ ଡିହାର। ଜୁହାର ଭିତରେ ଜୁହାର, ନୂଆଁଖାଇର ଜୁହାର। ସମସ୍ତଙ୍କୁ ନୂଆଁଖାଇ ଜୁହାର।
ସୀମାଞ୍ଚଳ ପୁରୋହିତ
ସରପଞ୍ଚ,ଲୁହାସିଂହା ତଥା ବ୍ଲକ ସରପଞ୍ଚ ସଂଘ ସଭାପତି,ଖପ୍ରାଖୋଲ

ନୂଆଁଖାଇ ଜୁହାର

ମହରାପଦର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ଓ ଅଭିନନ୍ଦନ।
ସୁମତି ପଧାନ
ସରପଞ୍ଚ, ମହରାପଦର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର

ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ସୁନିଲ କୁମାର ମିଶ୍ର
ବନାଞ୍ଚଳ ଅଧିକାରୀ, ହରିଶଙ୍କର, ଖପ୍ରାଖୋଲ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୩/୨୦୨୩ Bhubaneswar, Saturday, September 23/ 2023

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ମୋହାଲି, ୨୨।୯

ମହମ୍ମଦ ଶାମିଙ୍କ ୫ ଉଇକେଟ ଏବଂ ୪ ବ୍ୟାଟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଦେଇଛି। ଅଷ୍ଟ୍ରେଲିଆ ୫୦ ଓଭରରେ ୨୭୬ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ଭାରତ ୪୮.୪ ଓଭରରେ ୫ ଉଇକେଟ ହରାଇ ୨୮୧ ରନ ସଂଗ୍ରହ କରି ନେଇଥିଲା। ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଓପନିଂ ଯୋଡ଼ିରେ ୧୩୦ ବଲ୍‌ରୁ ୧୪୨ ରନ ଯୋଗକରି ଶୁବମନ ଗିଲ୍ ଓ ଋତୁରାଜ ଗାଏକ୍ୱାଡ୍ ଭାରତ ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଉଭୟ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ଗାଏକ୍ୱାଡ ୭୧ (୧୦ ଚୌକା) ଓ ଗିଲ୍ (୭୪ (୬ ଚୌକା, ୨ ଛକା) ରନ କରିଥିଲେ। ଶ୍ରେୟସ ଆୟାର ୩ ଓ ଇଶାନ କିଶନ ୧୮ ରନକରି ଆଉଟ ହେବାରୁ ଭାରତ ସ୍କୋର ୧୮୫/୪ ହୋଇ ଯାଇଥିଲା। ତେବେ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବ ୫ମ ଉଇକେଟରେ ୮୦ ରନ ଯୋଗକରି ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ସୂର୍ଯ୍ୟ ୫୦ (୫ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ରାହୁଲ ୫୮ (୪ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ମହମ୍ମଦ ଶାମିଙ୍କୁ ଯଶପ୍ରୀତ୍ ବୁମ୍‌ରା ବଧେଇ ଜଣାଉଛନ୍ତି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଶୀଘ୍ର ମିଚେଲ ମାର୍ଶଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଇନିଂସ ସମ୍ଭାଳି ନେଇଥିବା ଡେଭିଡ ୱାର୍ନରଙ୍କ ଅର୍ଦ୍ଧଶତକ ଏବଂ ମିଡିଲ ଅର୍ଡର ବ୍ୟାଟରଙ୍କ ଉପଯୋଗୀ ଅବଦାନ ଯୋଗୁ ସମ୍ମାନଜନକ ସ୍କୋର କରିଥିଲା। ୩୫.୪ ଓଭରରେ ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୧୬୬ ରନ କରିଥିବାବେଳେ ବର୍ଷା ଯୋଗୁ କିଛିସମୟ ଖେଳ ବନ୍ଦ ରହିଥିଲା। ମାତ୍ର ଏଥିପାଇଁ କୌଣସି ଓଭର କମାଯାଇ ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ୱାର୍ନର ସର୍ବାଧିକ ୫୨, ଜୋଶ୍ ଇନ୍‌ଗ୍ଲିସ ୪୫, ଷ୍ଟିଭେନ ସ୍ମିଥ ୪୧, ମାର୍ନସ ଲାବୁସେନ ୩୯, କାମେରନ ଗ୍ରୀନ୍ ୩୧ ଓ ମାର୍କସ ଷ୍ଟୋଇନିସ ୨୯ ରନ କରିଥିଲେ। ଶେଷ ଭାଗରେ ଅଧିନାୟକ ପ୍ୟାଟ୍ କମିନ୍ସ ୯ ବଲ୍‌ରୁ ଦ୍ରୁତ ୨୧ (୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ମହମ୍ମଦ ଶାମି ୫ ଉଇକେଟ ସଫଳତା ପାଇଥିବାବେଳେ ଯଶପ୍ରୀତ୍ ବୁମ୍‌ରା, ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୨୭୬/ଅଲ୍‌ଆଉଟ (ଡେଭିଡ ୱାର୍ନର-୫୨, ଜୋଶ୍ ଇନ୍‌ଗ୍ଲିସ-୪୫, ଷ୍ଟିଭେନ ସ୍ମିଥ-୪୧, ମାର୍ନସ ଲାବୁସେନ-୩୯, କାମେରନ ଗ୍ରୀନ୍-୩୧, ମାର୍କସ ଷ୍ଟୋଇନିସ-୨୯, ମହମ୍ମଦ ଶାମି-୫/୫୧, ଯଶପ୍ରୀତ୍ ବୁମ୍‌ରା-୧/୪୩, ରବିଚନ୍ଦ୍ରନ ଅଶ୍ୱିନ-୧/୪୭, ରବୀନ୍ଦ୍ର ଜାଡେଜା-୧/୫୧)। ଭାରତ ୪୮.୪ ଓଭରରେ ୨୮୧/୫ (ଶୁବମନ ଗିଲ-୭୪, ଋତୁରାଜ ଗାଏକ୍ୱାଡ୍-୭୧, ଲୋକେଶ ରାହୁଲ-୫୮*, ସୂର୍ଯ୍ୟକୁମାର ଯାଦବ-୫୦, ଆଡାମ ଜାମ୍ପା-୨/୫୭), ପ୍ୟାଟ୍ କମିନ୍ସ-୧/୪୪, ସିଅନ ଆବୋଟ-୧/୫୬)।





# ଏସିଆନ ଗେମ୍ସ ଉଦ୍‌ଘାଟନ ଆଜି

ହାଙ୍ଗଝୋ, ୨୨।୯ (ପି.ଟି.)

ଏସିଆ ମହାଦେଶ ସର୍ବବୃହତ୍ କ୍ରୀଡ଼ା ମହୋତ୍ସବ ଏସିଆନ ଗେମ୍ସର ବିଧିବଦ୍ଧ ଉଦ୍‌ଘାଟନ ଶନିବାର ହେବ। କୋଭିଡ୍-୧୯ ମହାମାରୀ ପାଇଁ ଏକ ବର୍ଷ ବିଳମ୍ବରେ ଏହା ଚାଇନାର ହାଙ୍ଗ୍‌ଝୋ ସହରରେ ଆୟୋଜନ କରାଯାଇଛି। ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଭାରତ ଏହାର କ୍ରୀଡ଼ା ଶକ୍ତି ପ୍ରଦର୍ଶନ କରିବ। ୨୦୧୮ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୭୦ ପଦକ (୧୬ ସ୍ୱର୍ଣ୍ଣ, ୨୩ ରୌପ୍ୟ ଓ ୩୧ ବ୍ରୋଞ୍ଜ) ହାସଲ କରିଥିଲା। ଅନ୍ୟ ସଂସ୍କରଣ ତୁଳନାରେ ଦେଶ ଏଥର ସର୍ବ ବୃହତ୍ ଆଥଲେଟ୍ ଦଳ ପଠାଇଛି। ହାଙ୍ଗ୍‌ଝୋଠାରେ ଭାରତର ୬୫୫ ଆଥଲେଟ୍ ୩୯ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ୨୦୨୧ ଟୋକିଓ ଅଲିମ୍ପିକ୍ସ ଐତିହାସିକ ପ୍ରଦର୍ଶନ ପରେ ଭାରତୀୟ ପ୍ରତିଯୋଗୀମାନେ ବିଭିନ୍ନ ଅନ୍ତର୍ଜାତୀୟ ଇଭେଣ୍ଟରେ ଉଲ୍ଲେଖନୀୟ ସଫଳତା କରି ଆସୁଛନ୍ତି। ନିକଟ ଭବିଷ୍ୟତରେ ଅଲିମ୍ପିକ୍ସ ଆୟୋଜନର ସ୍ୱପ୍ନ ଦେଖୁଥିବା ଭାରତ ୨୦୧୮ ଏସିଆନ ଗେମ୍ସରେ ୮ମ ସ୍ଥାନ ଅଧିକାର କରିଥିଲା; ଯାହା କି ସନ୍ତୋଷଜନକ ନୁହେଁ। କୋଭିଡ୍ ମହାମାରୀ ପରେ ହାଙ୍ଗ୍‌ଝୋ ବିଶ୍ୱର ସର୍ବବୃହତ୍ ମଲ୍‌ଟି-ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଏଥର ପଦକ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟରେ ରହିଛି ଭାରତ। ସିଓଲ୍‌ରେ ୧୯୮୬ ସଂସ୍କରଣପରଠାରୁ ଭାରତ ପଦକ ତାଲିକାର ଟପ୍-୫ରେ ରହିବାରେ ସମର୍ଥ ହୋଇପାରି ନାହିଁ।

ଏଥର ଭାରତର ସ୍ଲୋଗାନ ରହିଛି ଇସ୍ ବାର୍ ସୌ ପାର୍ (ଏଥର ପଦକ ସଂଖ୍ୟା ୧୦୦ ଟପିବ)। ୧୦୦ ପଦକ ହୁଏତ ସମ୍ଭବ ହୋଇ ନ ପାରେ, ତେବେ ଆଥ୍‌ଲେଟମାନେ ଏଥର ଅଧିକ ସଂଖ୍ୟାରେ ପଦକ ଜିତିବେ ବୋଲି ଆଶା କରାଯାଉଛି। ଗତଥର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟମାନେ ଦେଶ ପାଇଁ ୨୦ ପଦକ ଆଣିଦେଇଥିଲେ। ଏଥର ଅତିକମ୍‌ରେ ୨୫ ପୋଡିୟମ ଫିନିଶ କରିବେ ବୋଲି ଆଶା କରାଯାଉଛି। ଏସିଆନ ଗେମ୍ସ ଇତିହାସରେ ପ୍ରଥମ ଥର ଭାରତର ଜାଭେଲିନ୍ ସୁପରଷ୍ଟାର ଚୋପ୍ରାଙ୍କ ନେତୃତ୍ୱରେ ୫ ଅଲିମ୍ପିକ ପଦକ ବିଜେତାଙ୍କୁ ଏଥର ଦେଖିବାକୁ ମିଳିବ। ଚୋପ୍ରା ଏଥର ତାଙ୍କ ଟାଇଟଲ ବଜାୟ ରଖିବେ ବୋଲି ଆଶା କରାଯାଉଛି। ଦେଶ ୨୦୧୮ରେ ୧୬ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଏଥର ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଅନ୍ୟ ଅଲିମ୍ପିକ ପଦକ ବିଜେତାମାନେ ହେଲେ ଭାରୋତ୍ତୋଳିକା ମୀରାବାଈ ଚାନୁ, ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ବକ୍ସର ଲଭଲିନା ବୋର୍ଗୋହେନ୍। ତଥାପି ଭାରତ କେତୋଟି ସ୍ୱର୍ଣ୍ଣ ପଦକ ଜିତିବ ତାହା ପୂର୍ବାନୁମାନ କରିବା କଷ୍ଟକର। ସିନ୍ଧୁ କିଛିଦିନ ହେଲା ଫର୍ମ ଫେରିପାଇବା ପାଇଁ ସଂଘର୍ଷ ଚଳାଇଛନ୍ତି। ଚାନୁଙ୍କ ଫିଟ୍‌ନେସ୍ ସମସ୍ୟା ରହିଛି। ରେସଲରମାନଙ୍କ ଧାରଣାରେ ସାମିଲ ହେବାପରେ ବଜରଙ୍ଗ ଏଇ କିଛିମାସ ହେଲା ଟ୍ରେନିଂ ନେଇଛନ୍ତି। ତେବେ ବୋର୍ଗୋହେନ ଓ ଚୋପ୍ରା ନିକଟରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି।

ଶନିବାର ଉଦ୍‌ଘାଟନୀ ଉତ୍ସବରେ ବୋର୍ଗୋହେନ୍ ଓ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ତୁଲାଇବେ। ୨୦୧୮ରେ ଆଥ୍‌ଲେଟିକ୍ସରେ ୮ ସ୍ୱର୍ଣ୍ଣ ମିଳିଥିଲା। ଭାରତ ଏଥର ଏହି ସଫଳତା ଦୋହରାଇପାରିବ କି ନା ତାହା କହିବା କଷ୍ଟକର। କିନ୍ତୁ ବର୍ତ୍ତମାନର ଫର୍ମକୁ ଦେଖିଲେ ହକି (ପୁରୁଷ ଓ ମହିଳା), କବାଡ଼ି (ପୁରୁଷ ଓ ମହିଳା), ଚେସ୍ ଓ ତୀରନ୍ଦାଜୀରେ ସ୍ୱର୍ଣ୍ଣ ଆଶା କରାଯାଉଛି। ଅଲିମ୍ପିକ୍ସ ବିଶ୍ୱର ସର୍ବବୃହତ୍ ମଲ୍ଟି-ସ୍ପୋର୍ଟିଂ ଇଭେଣ୍ଟ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଏସିଆନ ଗେମ୍ସରେ ଅଧିକ ଆଥ୍‌ଲେଟ ଭାଗନେଇଥାନ୍ତି। ହାଙ୍ଗ୍‌ଝୋରେ ୧୨,୦୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଉଛନ୍ତି। ଦୁଇ ବର୍ଷ ପୂର୍ବେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ପ୍ରାୟ ୧୧,୦୦୦ ରହିଥିଲା। ଆସନ୍ତା ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ୧୦,୫୦୦ ଭାଗ ନେବେ। ୨୦୧୮ ଏସିଆନ ଗେମ୍ସରେ ସାମାନ୍ୟ ଅଧିକ ୧୧,୦୦୦ ଆଥ୍‌ଲେଟ ଭାଗ ନେଇଥିଲେ। ଚାଇନାରେ ଏହି ସଂଖ୍ୟା ଅତିକ୍ରମ କରିଯିବ। ଚାଇନାରେ କୋଭିଡ୍ ମହାମାରୀ ଯୋଗୁ ୨୦୨୨ ସେପ୍ଟେମ୍ବରରେହେବାକୁ ଥିବା ଏସିଆନ ଗେମ୍ସର ୧୯ତମ ସଂସ୍କରଣକୁ ସ୍ଥଗିତ ରଖାଯାଇଥିଲା। ହାଙ୍ଗ୍‌ଝୋ ବ୍ୟତୀତ ଚାଇନାର ଅନ୍ୟ ୫ଟି ସହରରେ ପ୍ରତିଯୋଗିତାର ସହ ଆୟୋଜକ ରହିଛନ୍ତି। ଏହା ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଲିବ। ଏଥର ଏସିଆନ ଗେମ୍ସରେ ୪୦ଟି କ୍ରୀଡ଼ା ଏବଂ ୬୧ ବିଭାଗରେ ୪୮୧ ସ୍ୱର୍ଣ୍ଣ ପଦକ ପାଇଁ ଏସିଆର ୪୫ଟି ଦେଶ ଓ ଅଞ୍ଚଳ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଫୁଟ୍‌ବଲ, ଭଲିବଲ୍, କ୍ରିକେଟ, ରୋଇଂ, ସେଲିଂ ଓ ମଡର୍ନ ପେଣ୍ଟାଥଲନ ପ୍ରତିଯୋଗିତା ଇତିମଧ୍ୟରେ ଆରମ୍ଭ ହୋଇସାରିଛି।



ଉଦ୍‌ଘାଟନୀ ଅପେକ୍ଷାରେ ହାଙ୍ଗ୍‌ଝୋ ।

## ■ ଭାଗ ନେଉଛନ୍ତି ୪୫ ଦେଶ

## ■ ୩୯ କ୍ରୀଡ଼ାରେ ଭାରତର ୬୫୫ ଆଥ୍‌ଲେଟ

### ଭିଜା ବିବାଦ: ହାଙ୍ଗ୍‌ଝୋ ଯିବେନି କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୨୨।୯ (ପି.ଟି.):** ଅରୁଣାଚଳର ତିନ ଭାରତୀୟ ଉଷୁ ଖେଳାଳିଙ୍କୁ ଭିଜା ଦେବାକୁ ଚାଇନା ମନା କରିଦେଇଛି। ପ୍ରତିବାଦ ସ୍ୱରୂପ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଶୁକ୍ରବାର ଏସିଆନ ଗେମ୍ସ ପାଇଁ ତାଙ୍କର ଆଗାମୀ ହାଙ୍ଗ୍‌ଝୋ ଗସ୍ତକୁ ସେ ବାତିଲ କରିଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ମହିଳା ଖେଳାଳି ନାଇମାନ ୱାଙ୍ଗ୍‌ସୁ, ଓନିଲୁ ଟେଗା ଓ ମେପଙ୍ଗ ଲାମ୍‌ଗୁଙ୍କୁ ସ୍ୱୀକୃତି ପ୍ରଦାନରୁ ବଞ୍ଚିତ କରାଯାଇଥିଲା, ଯାହା ଏସିଆନ ଗେମ୍ସ ପାଇଁ ଭିଜା ଭଳି କାମ କରିଥାଏ। ଏହି ସମସ୍ୟାର ସମାଧାନ ପାଇଁ ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ତରଫରୁ ଚାଇନିଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚଳାଇଛି। ଉପରୋକ୍ତ ୩ ଖେଳାଳି ଗୁରୁବାର ଉଷୁ ଦଳର ଅନ୍ୟ ୮ଜଣ ସଦସ୍ୟଙ୍କ ସହ ଚାଇନା ଗସ୍ତ କରିଥାନ୍ତେ। ମାତ୍ର ସେମାନଙ୍କ ସ୍ୱୀକୃତିପତ୍ର ଡାଉନ୍‌ଲୋଡ୍ ହୋଇ ନ ପାରିବାରୁ ଫେରିଯିବାକୁ ବାଧ୍ୟ ହୋଇଥିଲେ। ସୂଚନାଯୋଗ୍ୟ, ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶକୁ ଚାଇନା ନିଜ ଦେଶର ଏକ ଅଂଶ ବୋଲି ଦାବି କରି ଆସୁଛି।





# ଆଫଗାନିସ୍ତାନର ୨ ଦଳ ଭାଗ ନେବେ

ହାଙ୍ଗ୍‌ଝୋ, ୨୨।୯ (ଏପି)

ଆଫଗାନିସ୍ତାନ ତାଲିବାନଙ୍କ ନିୟନ୍ତ୍ରଣକୁ ଆସିବା ପରେ ଅନୁଷ୍ଠିତ ହେଉଥିବା ପ୍ରଥମ ଏସିଆନ ଗେମ୍ସରେ ଦୁଇ ଦଳ ଆଥଲେଟ ଚାଇନିଜ ସହର ହାଙ୍ଗ୍‌ଝୋଠାରେ ପହଞ୍ଚିଛନ୍ତି। ଉଭୟଙ୍କ ରୂପ ଭିନ୍ନ ରହିଛି। ଗୋଟିଏ ଦଳ ଆଫଗାନିସ୍ତାନରୁ ଆସିଛି, ଯେଉଁ ଦେଶରେ ତାଲିବାନମାନେ ମହିଳାଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣକୁ ବାରଣ କରିଛି। ଏହି ଦଳରେ ରହିଥିବା ସମସ୍ତ ୧୩୦ ଆଥଲେଟ ହେଉଛନ୍ତି ପୁରୁଷ। ସେମାନେ ଭଲିବଲ, ଜୁଡୋ ଓ ରେସ୍‌ଲିଂ ସମେତ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଆଫଗାନିସ୍ତାନ ଅଲିମ୍ପିକ କମିଟି ପାଇଁ ତାଲିବାନମାନଙ୍କ ଦ୍ୱାରା ନିଯୁକ୍ତ ମୁଖପାତ୍ର ଆତେଲ ମାଶୱାନି ପ୍ରକାଶ କରିଛନ୍ତି। ଅନ୍ୟ ଦଳ ୨୦୨୧ରେ ତାଲିବାନଙ୍କ ଦ୍ୱାରା କ୍ଷମତାଚ୍ୟୁତ ହୋଇଥିବା ସରକାରଙ୍କ କଳା, ଲାଲ ଓ ସବୁଜ ପତାକା ଅଧୀନରେ ମହାଦେଶର ଏହି କ୍ରୀଡ଼ା ସମାରୋହରେ ଭାଗ ନେବେ। ଆଫଗାନିସ୍ତାନର ଏହି ଆଥଲେଟମାନେ ତାଲିବାନ ସରକାର କ୍ଷମତାସୀନ ହେବା ପରେ ଦେଶ ଛାଡ଼ି ପୃଥିବୀର ବିଭିନ୍ନ ଅଞ୍ଚଳରେ ବସବାସ କରୁଛନ୍ତି। ଏହି ଆଥଲେଟ ଦଳରେ ୧୭ ମହିଳା ରହିଛନ୍ତି। ତାଲିବାନଙ୍କ ଆଗମନ ପୂର୍ବରୁ ଆଫଗାନିସ୍ତାନ ନ୍ୟାଶନାଲ ଅଲିମ୍ପିକ କମିଟିର ସଭାପତି ଥିବା ହାଫିଜୁଲ୍ଲା ୱାଲି ରହିମି ଏ ବିଷୟରେ ସୂଚାନ ଦେଇଛନ୍ତି। ରହିମି ବର୍ତ୍ତମାନ ଆଫଗାନିସ୍ତାନ ବାହାରେ ରହି କାର୍ଯ୍ୟକରୁଛନ୍ତି। କିନ୍ତୁ ଏବେସୁଦ୍ଧା ତାଙ୍କୁ ବହୁ ଦେଶ ଅଲିମ୍ପିକ ବ୍ୟାପାରରେ ଆଫଗାନିସ୍ତାନର ଅଫିସିଆଲ ପ୍ରତିନିଧି ଭାବେ ବିଚାର କରୁଛନ୍ତି।

# ଜାତୀୟ କରାଟେ: ଓଡ଼ିଶାକୁ ଆଉ ୪ ପଦକ

ଭୁବନେଶ୍ୱର, ୨୨।୯

(ତପନ ସ୍ୱାଇଁ)

ଡେରାଡୁନରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ଆଉ ୪ଟି ପଦକ ଜିତିଛନ୍ତି। ଜୁନିୟର ପୁରୁଷ ୫୦ କେଜି କୁମିତେରେ ତ୍ରିଲୋଚନ ରଣା ଓ ପୁରୁଷ ୫୫ କେଜି କୁମିତେରେ ରିତେଶ ମହାନ୍ତି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଜୁନିୟର ମହିଳା ୫୩ କେଜି କୁମିତେରେ ନ୍ୟାଶା କୁମାରୀ ଓ ଜୁନିୟର ପୁରୁଷ ୭୬ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ଶୁଭକାନ୍ତ ବିଶ୍ୱାଳ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହାକୁ ମିଶାଇ ଓଡ଼ିଶାର ମୋଟ ପଦକ ସଂଖ୍ୟା ୯ (୪ ରୌପ୍ୟ, ୫ ବ୍ରୋଞ୍ଜ)ରେ ପହଞ୍ଚିଛି। ଶନି ଓ ରବିବାର ୨୧ ବର୍ଷରୁ କମ୍ ଏବଂ ସିନିୟର ମହିଳା ଓ ପୁରୁଷ ବର୍ଗରେ ଟିମ୍ କୁମିତେ ପ୍ରତିଯୋଗିତା ହେବ।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ